## ସଂକ୍ଷେପରେ

### ପୁରୀ ଜିଲା କ୍ଷୁଦ୍ରଶିଳ୍ପ ସଂଘର ନୂତନ କର୍ମକର୍ତ୍ତା

ପୁରୀ, ୬।୯(ଅଜିତ କୁମାର ମହାନ୍ତି)

ରାଜ୍ୟ କ୍ଷୁଦ୍ରଶିଳ୍ପ ସଂଘ ଆନୁକୂଲ୍ୟରେ ପୁରୀ ଜିଲା କ୍ଷୁଦ୍ରଶିଳ୍ପ ସଂଘର ବାର୍ଷିକ ସାଧାରଣ ଅଧିବେଶନରେ ୨୦୨୪-୨୦୨୬ ବର୍ଷ ପାଇଁ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜ୍ଞାନ ରଞ୍ଜନ ଦାଶ ସଭାପତି, ଲମ୍ବୋଦର ମହାରଣା ସମ୍ପାଦକ, ଅମୀୟ ମହାଲିକ, ଅର୍ଜୁନ ମହାରଣା ଉପସଭାପତି, ଅମିୟ ମିଶ୍ର, ସରୋଜ କୁମାର ଜେନା ସହସମ୍ପାଦକ, ରଞ୍ଜିତ କୁମାର ଜେନା କୋଷାଧକ୍ଷ ଭାବେ ଆଗାମୀ ଦୁଇବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଭାବେ ହିମାଂଶୁ ଶେଖର ମିଶ୍ର ଓ ଶିବନାରାୟଣ ମିଶ୍ରଙ୍କୁ ମନୋନୀତ କରାଯାଇଛି। ଏଥିରେ ରାଜ୍ୟ କ୍ଷୁଦ୍ରଶିଳ୍ପ ସଂଘର ସଭାପତି ସ୍ୱରଜିତ ମହାନ୍ତି ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଦିନରେ ରାଜ୍ୟରେ କ୍ଷୁଦ୍ରଶିଳ୍ପର ପ୍ରଚାର ପ୍ରସାର, ବୈଷୟିକ ଜ୍ଞାନର ଉପଯୋଗ, ପ୍ରଦୂଷଣ ନିୟନ୍ତ୍ରଣ, ଉନ୍ନତମାନର ଉତ୍ପାଦନ, ନିଯୁକ୍ତି ଓ ଶିକ୍ଷିତ ଯୁବତୀ ଯୁବକଙ୍କୁ ଅଧିକରୁ ଅଧିକ ଶିଳ୍ପ ପ୍ରତିଷ୍ଠା କରି ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ନୂତନ ସଭାପତି ଜ୍ଞାନରଞ୍ଜନ ଦାଶ କହିଛନ୍ତି।

### 'ସ୍ୱପ୍ନକୁ ସାକାର କରିପାରନ୍ତି ଗୁରୁ'

ପୁରୀ, ୬।୯(ଅଜିତ କୁମାର ମହାନ୍ତି):

ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ଦାସମହାପାତ୍ରଙ୍କ ସଭାପତିତ୍ୱରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସବିତା ପ୍ରଧାନ, ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ (ସମଗ୍ର ଶିକ୍ଷା ଅଭିଯାନ) ଦୀପକ କୁମାର ପାଢୀ ଏବଂ ମଣ୍ଡଳ ଶିକ୍ଷାଧିକାରୀ ରବିନାରାୟଣ ଗୁରୁ ଯୋଗଦେଇ ଗୁରୁମାନେ ସ୍ୱପ୍ନକୁ ସାକାର କରିପାରନ୍ତି ବୋଲି କହିଥିଲେ। ଅନୁଷ୍ଠାନର ମୁଖପତ୍ର 'ସମନ୍ୱୟ' ଲୋକାର୍ପିତ ହୋଇଥିଲା। ଓଡ଼ିଶା ସଙ୍ଗୀତ ପରିଷଦ ପକ୍ଷରୁ ଗୁରୁ ଉର୍ମିଳା ପ୍ରଧାନଙ୍କ ନିର୍ଦ୍ଦେଶନାରେ ବୃନ୍ଦଗାନ ପରିବେଷିତ ହୋଇଥିଲା। ପ୍ରଫେସର ଡ. ପ୍ରଭାତ ରଞ୍ଜନ ମହାପାତ୍ର, ବିଜୟଲକ୍ଷ୍ମୀ ଦାଶ, ମିନତି ପଟ୍ଟନାୟକ, ମନୋଜ ମହାପାତ୍ର ଏବଂ ଗୋପାଳ ଚନ୍ଦ୍ର ପରିଡ଼ାଙ୍କୁ ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକୁ ଶିବସୁନ୍ଦର ମିଶ୍ର ପରିଚାଳନା, ସାଧାରଣ ସମ୍ପାଦକ ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାପାତ୍ର, ଯୁଗ୍ମସମ୍ପାଦକ ବିପିନ ବିହାରୀ ଦଳାଇ, କୋଷାଧକ୍ଷ ରାଧାନାଥ ତ୍ରିପାଠୀ, ବିରଞ୍ଚି ନାରାୟଣ ମହାନ୍ତି ଉପସ୍ଥିତ ଥିଲେ। ଉପସଭାପତି ପ୍ରସନ୍ନ ମିଶ୍ର ଧନ୍ୟବାଦ ଦେଇଥିଲେ।

# 'ପାଲା ସଂସ୍କୃତିର ମର୍ଯ୍ୟାଦା ଅକ୍ଷୁଣ୍ଣ ରହୁ'

**ଉତ୍କଳ ପାଳା ମହୋତ୍ସବରେ ଅତିଥିଙ୍କ ମତ**

କୋଣାର୍କ,୬।୯(ଜ୍ୟୋତିରାଜ ମହାନ୍ତି)



ଶ୍ରୀଜଗନ୍ନାଥ ରାଜ୍ୟ ପାଲା ଗବେଷଣା ଓ ତାଲିମ କେନ୍ଦ୍ରର ମୁଖପତ୍ର 'ସନ୍ତାୟନ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କୋଣାର୍କର ଶ୍ରୀଜଗନ୍ନାଥ ରାଜ୍ୟ ପାଲା ଗବେଷଣା ଓ ତାଲିମ କେନ୍ଦ୍ର ଏବଂ ଅର୍କମଣ୍ଡଳ ପାଲା ଗାୟକ ପରିଷଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପ୍ରେସ୍ କନ୍‌ଭେନସନ ପରିସରରେ ଉତ୍କଳ ପାଲା ମହୋତ୍ସବ, ଗାୟକ ଆନନ୍ଦ ବସନ୍ତ କୁମାର ରାଉତଙ୍କ ୬୮ତମ ଜୟନ୍ତୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି।

ଆଜିକାଲି ପାଲା ପ୍ରତିବିମୁଖ ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ଦ୍ୱିଅର୍ଥବୋଧକ ଅଶ୍ଳୀଳ ଗୀତ ଓ ସଙ୍ଗୀତ ପରିବେଷଣକୁ କେତେକ ପାଲାକାର ଆପଣେଇବା କ୍ଷୋଭର ବିଷୟ ବୋଲି କୋଣାର୍କରେ ଆୟୋଜିତ ଉତ୍କଳ ପାଲା ମହୋତ୍ସବରେ ବିଦ୍ୱାନମାନେ ମତବ୍ୟକ୍ତ କରିଛନ୍ତି। ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶଙ୍କ ପୌରୋହିତ୍ୟରେ ଅତିଥିରୂପେ ଗାୟକ କଳାନିଧି ମନୋଜ ମିଶ୍ର, ଗାୟକ କୌସ୍ତୁଭ ରବୀନ୍ଦ୍ର ସାମନ୍ତରାୟ, ଡ. ରାଜକିଶୋର ନାୟକ, ଚନ୍ଦ୍ରଶେଖର ପାଢ଼ୀ, ଗାୟକ ଅଧ୍ୟାପକ ବିଜୟ ଘୋଷ, ଆଡଭୋକେଟ୍ ପ୍ରତାପ ଚନ୍ଦ୍ର ପ୍ରଧାନ, ଗାୟକ ସାରସ ସୁଦର୍ଶନ ମହାପାତ୍ର, ପରିବେଶବିତ ପୀତାମ୍ବର ରାଉତ, ଡ. ମିହିର ପଟ୍ଟନାୟକ, ଲମ୍ବୋଦର ବେହେରା, ଉପେନ୍ଦ୍ର ବେହେରା, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ପଦ୍ମନାଭ ସେଠୀ, ଶରତ ଚନ୍ଦ୍ର ଦାଶ ଓ ବଂଶୀଧର ଦାଶ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ଶ୍ରୀଜଗନ୍ନାଥ ରାଜ୍ୟ ପାଲା ଗବେଷଣା ଓ ତାଲିମ କେନ୍ଦ୍ରର ମୁଖପତ୍ର 'ସନ୍ତାୟନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ପଣ୍ଡିତ ରମାକାନ୍ତ ମିଶ୍ର ଶର୍ମାଙ୍କୁ 'ଗୁରୁ ପ୍ରଣାମ ସମ୍ମାନ', ଅଧ୍ୟାପକ ବିଜୟ ଘୋଷ, ଶିକ୍ଷାବିତ୍ ବିରଞ୍ଚି ପ୍ରସାଦ ରାଉତରାୟ ଓ ମିହିର ଆଚାର୍ଯ୍ୟଙ୍କୁ 'ଗୁରୁପୂଜନ ସମ୍ମାନ', ଖଗେଶ୍ୱର ମାର୍ଥା, ଜୟଚନ୍ଦ୍ର ଦଳେଇ ଓ ମଙ୍ଗରାଜ ବିଶ୍ୱାଳଙ୍କୁ 'ଉତ୍କଳ ପାଲା ମହୋତ୍ସବ ସମ୍ମାନ', ତ୍ରିଲୋଚନ ନାୟକ, ବିଦ୍ୟୁଲତା ମିଶ୍ର, ଅର୍ଜୁନ ସାମନ୍ତରା, ଅଶୋକ ଚନ୍ଦ୍ର ଦଳେଇ ଓ ଡ. ଅଶ୍ୱିନୀ ଆଚାର୍ଯ୍ୟଙ୍କୁ 'କୃଷ୍ଣଚନ୍ଦ୍ର ଦାଶ ସ୍ମୃତି ସମ୍ମାନ', ଗୁରୁ ବାନାମ୍ବର ସ୍ୱାଇଁଙ୍କୁ 'କଳାକାର ସମ୍ମାନ' ଏବଂ ଅମରେନ୍ଦ୍ର ପଟ୍ଟନାୟକ, ଅଜୟ ଦୀକ୍ଷିତ, ବାଉରିବନ୍ଧୁ ସାହୁ, ଗଙ୍ଗାଧର ବେଜ, ଗଗନ ବିହାରୀ ସାହୁ, ଉପେନ୍ଦ୍ରନାଥ ସ୍ୱାଇଁ ଓ ଅଧ୍ୟାପକ ମନୋଜ କୁମାର ସାହୁଙ୍କୁ 'ସୁରଭାରତୀ ସ୍ମୃତି ସମ୍ମାନ' ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



ନିର୍ଭୟ ପକ୍ଷରୁ ପୁରୀ ପୌରସଦନରେ ଆୟୋଜିତ 'ଗୁରବେ ନମଃ' କାର୍ଯ୍ୟକ୍ରମରେ ନୃତ୍ୟନାଟିକା 'ରାଧା' ପରିବେଷଣ କରାଯାଉଛି।

## ଗୁରୁ ହେଉଛନ୍ତି ତୃତୀୟ ଈଶ୍ୱର

ନିର୍ଭୟ ପକ୍ଷରୁ ପୁରୀ 'ଗୁରବେ ନମଃ'

ପୁରୀ, ୬।୯(ଅଜିତ କୁମାର ମହାନ୍ତି)

ମାତା ପିତାଙ୍କ ପରେ ଗୁରୁ ହେଉଛନ୍ତି ତୃତୀୟ ଈଶ୍ୱର, ଯିଏ ଆମକୁ ଭଲମଣିଷ ହେବାର ମାର୍ଗଦର୍ଶନ ଦିଅନ୍ତି। ସେହିପରି ସମାଜ ଗଠନ ଓ ଦେଶାତ୍ମବୋଧର ପ୍ରେରଣା ଦିଅନ୍ତି। ଏଣୁ ଯୁଗେ ଯୁଗେ ଗୁରୁ ବନ୍ଦନୀୟ। ରାଷ୍ଟ୍ରପତି ଥାଇ ମଧ୍ୟ ଶିକ୍ଷାର ବିକାଶ ପାଇଁ ଜୀବନକୁ ସମର୍ପିତ କରିଥିବା ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସ୍ମରଣରେ 'ନିର୍ଭୟ' ଅନୁଷ୍ଠାନ ପକ୍ଷରୁ ପୁରୀ ପୌରସଦନରେ ଆୟୋଜିତ 'ଗୁରବେ ନମଃ' କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଛନ୍ତି। ଅନୁଷ୍ଠାନର ସଭାପତି ରାଜକିଶୋର ମହାନ୍ତି ଓ ସମ୍ପାଦକ ସରୋଜ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ପୁରୀ ପୌର ଅଧିକାରୀ ଅଭିମନ୍ୟୁ ବେହେରା, ଡାକ୍ତର ଦେବେନ୍ଦ୍ର ତରେଇ, ସାମାଜିକ କର୍ମୀ ବଦ୍ରି ମିଶ୍ର, ଜ୍ୟୋତି ମହାପାତ୍ର, ଶିକ୍ଷାବିତ ରଘୁନାଥ ମହାପାତ୍ର, ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ମଧୁସୂଦନ ସିଂହାରୀ, ରବିଶଙ୍କର ପ୍ରତିହାରୀ, ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅରୁନ୍ଧତୀ ମିଶ୍ର, ଅନ୍ନପୂର୍ଣ୍ଣା ଦେବୀ, ଅରବିନ୍ଦ ଦାସ, ଶିବସୁନ୍ଦର ମିଶ୍ରଙ୍କ ସମେତ ଶିକ୍ଷା, କ୍ରୀଡ଼ା, ସଙ୍ଗୀତ, ନୃତ୍ୟ ଓ ନାଟ୍ୟଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶକ୍ତି ନାୟକଙ୍କ ନିର୍ଦ୍ଦେଶନାରେ 'ହେ ଗୁରୁ ତୁମେ ମଙ୍ଗଳମୟ' ବନ୍ଦନା ସହ ବବିତା ଦାସଙ୍କ ନିର୍ଦ୍ଦେଶନାରେ ନୃତ୍ୟନାଟିକା 'ରାଧା' ପରିବେଷଣ କରାଯାଇଥିଲା। ଲକ୍ଷ୍ମୀନାରାୟଣ ଦାସ, ଅନୀତା ପଟ୍ଟନାୟକ, ସରସ୍ୱତୀ ସାହୁ କାର୍ଯ୍ୟକ୍ରମ ଏବଂ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ମଞ୍ଚ ସଞ୍ଚାଳନ କରିଥିଲେ।

## 'ସେବାରେ ଜୀବନ ଟ୍ରଷ୍ଟ'ର ବାର୍ଷିକ ଉତ୍ସବ

ପୁରୀ, ୬।୯(ଅଜିତ କୁମାର ମହାନ୍ତି)

'ସେବାରେ ଜୀବନ ଟ୍ରଷ୍ଟ'ର ବାର୍ଷିକ ଉତ୍ସବ ସହ ଗୁରୁ ପୂଜନ କାର୍ଯ୍ୟକ୍ରମ ଗୁରୁବାର ଓମ୍‌ପ୍ରକାଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବେଦ ପାଠ ସହ କଣ୍ଠଶିଳ୍ପୀ ଅଭିଲୀପ୍ସା ଦାଶ ଗୁରୁ ବନ୍ଦନା ଗାନ କରିଥିଲେ। ସମ୍ପାଦକ ଅଂଶୁମାନ ଜେନା ବିବରଣୀ ପାଠ, ଦୟାନିଧି ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ସଭା ସଂଚାଳନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଅଧ୍ୟାପକ ଡ. ବଳରାମ ଦାଶ ସମ୍ମାନିତ ଅତିଥି ରୂପେ ଯୋଗଦେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ପୂଜନ, ସେବା ଓ ସମର୍ପଣ ମାଧ୍ୟମରେ ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ରୂପେ ରାଜଧାନୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଅଭିମନ୍ୟୁ ଭୂୟାଁ, ସମ୍ମାନିତ ଅତିଥି ରୂପେ ପୁରୀ ମହିଳା ସରକାରୀ ମହାବିଦ୍ୟାଳୟ ଗଣିତ ବିଭାଗ ମୁଖ୍ୟ ଡ. ଅଭିଷେକ ଶତପଥୀ, ଚୁନରା ସେବାୟତ ଡ. ଶରତ କୁମାର ମହାନ୍ତି, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା ପ୍ରମୁଖ ଯୋଗଦେଇ ଗୁରୁ ଦିବସର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଡାକ୍ତର ଗୋପାଳକୃଷ୍ଣ କରଙ୍କୁ ଗୁରୁ ଗୌରବ ସେବା ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। କୃତୀ ଶିକ୍ଷକ ରମାକାନ୍ତ କର, ଅର୍ଚ୍ଚନା ରାୟ, ନିବେଦିତା ଦାସ, ଶୁଭଶ୍ରୀ ସିଂହ, ବଳରାମ ଦାଶ, ବୀଣାପାଣି କର, ଅରୁଣ ପଣ୍ଡା, ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ, ଅନ୍ନପୂର୍ଣ୍ଣା କର, ଡ. ଶଶିକାନ୍ତ ରଥ, ରାଜେଶ ମହାପାତ୍ର, ସୌମ୍ୟରଞ୍ଜନ ପଣ୍ଡାଙ୍କ ସମେତ ୨୫ ଜଣ ଶିକ୍ଷକଙ୍କୁ ଗୁରୁ ଗୌରବ ସେବା ସମ୍ବର୍ଦ୍ଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଦିବ୍ୟଜ୍ୟୋତି ପଣ୍ଡା, ଅମରଜ୍ୟୋତି ପଣ୍ଡା, ଅମରଜିତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଣ୍ଡିତ ଦୟାନିଧି ପଣ୍ଡା ଧନ୍ୟବାଦ ଦେଇଥିଲେ।



'ସେବାରେ ଜୀବନ ଟ୍ରଷ୍ଟ'ର ବାର୍ଷିକ ଉତ୍ସବ ସହ ଗୁରୁ ପୂଜନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ। (ଫଟୋ- ଯଜ୍ଞେଶ୍ୱର)

## ଶ୍ରୀମନ୍ଦିର ନୂତନ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ



ଦେବବ୍ରତ ସାହୁଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଅନ୍ୟମାନେ ଶୁଭେଚ୍ଛା ଜଣାଉଛନ୍ତି।

ପୁରୀ,୬।୯(ଅଜିତ କୁମାର ମହାନ୍ତି)

ବରିଷ୍ଠ ପ୍ରଶାସନିକ ଅଧିକାରୀ ଦେବବ୍ରତ ସାହୁ ଶ୍ରୀମନ୍ଦିର ପ୍ରଶାସନର ଉନ୍ନୟନ ପ୍ରଶାସକ ଭାବେ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ଅବସରରେ ପ୍ରଶାସନର ଅଧିକାରୀ ତଥା କର୍ମଚାରୀଙ୍କ ଉପସ୍ଥିତିରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ନୂତନ ଉନ୍ନୟନ ପ୍ରଶାସକଙ୍କୁ ମହାପ୍ରଭୁଙ୍କ ଲାଗି ପାଟବସ୍ତ୍ର ଦେଇ ସ୍ୱାଗତ କରିଥିଲେ। ମୁଖ୍ୟ ପ୍ରଶାସକ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ଶ୍ରୀମନ୍ଦିର ପରମ୍ପରା ତଥା ନୀତିକାନ୍ତି ବିଷୟରେ ଅବଗତ କରାଇଥିଲେ। ପରେ ମୁଖ୍ୟ ପ୍ରଶାସକଙ୍କ ସହିତ ସମସ୍ତ ଅଧିକାରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିବା ସହ ବର୍ଷା ସତ୍ତ୍ୱେ ଆନନ୍ଦ ବଜାର ସମେତ ଅନ୍ୟାନ୍ୟ ବ୍ୟବସ୍ଥାର ସମୀକ୍ଷା କରିଥିଲେ।

## ଶ୍ରୀମନ୍ଦିରରେ ଅନ୍ଧଲୀଳା ନୀତି



ପୁରୀ,୬।୯(ଅଜିତ କୁମାର ମହାନ୍ତି)

ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳା କ୍ରମରେ ଭାଦ୍ରବ ଶୁକ୍ଳ ତୃତୀୟା ତିଥିରେ ଶୁକ୍ରବାର ଅନ୍ଧ ମନ୍ଦିର ହାତୀ ପ୍ରସ୍ତାବ ଏବଂ ଅନ୍ଧଲୀଳା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀକୃଷ୍ଣ ଏକ ପରାକ୍ରମୀ ଉନ୍ମତ୍ତ ହାତୀକୁ ବିନାଶ କରିଥିବାବେଳେ ଦୃଷ୍ଟିହୀନ ଭକ୍ତର ଭକ୍ତିରେ ସନ୍ତୁଷ୍ଟ ହୋଇ ଚକ୍ଷୁଦାନ କରିଛନ୍ତି। ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ବଢ଼ିବା ପରେ ଦକ୍ଷିଣୀଘରୁ ରାମ, କୃଷ୍ଣ ରତ୍ନସିଂହାସନକୁ ବିଜେ ହୋଇଥିଲେ। ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହସ୍ତରେ ବଟମୂଳ ନିକଟ ପାଲିଙ୍କିରେ ବିଜେ କରିଥିଲେ। ବିମାନବଡୁ ସେବକମାନେ ଠାକୁରଙ୍କୁ ସିଂହଦ୍ୱାର ନିକଟ ବଡ଼ଛତା ମଠ ସମ୍ମୁଖକୁ ନେଇଥିଲେ। ସେଠାରେ ପଡ଼ିଥିବା ଖଟରେ ଠାକୁର ପାଲିଙ୍କି ସହିତ ବିଜେ ହୋଇଥିଲେ। ଅନ୍ଧମନ୍ଦିର ହସ୍ତୀ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଏହି ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ବନ୍ଦାପନା ନୀତି ସରିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପୌରାଣିକ ମତବାଦ ଅନୁଯାୟୀ, ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଲୀଳା କରୁଥିବାବେଳେ କଂସ ତାଙ୍କୁ ମାରିବା ଲାଗି ଗୋଟିଏ ହସ୍ତୀ ପ୍ରେରଣ କରିଥିଲେ। ହାତୀଟି ଅତ୍ୟନ୍ତ ମତାନ୍ଧ ଓ ମନ୍ଦର ପର୍ବତ ଭଳି ବିଶାଳ ରହିଥିଲା। ଭଗବାନ ସେହି ପ୍ରବଳ ପରାକ୍ରମୀ ହସ୍ତୀକୁ ବିନାଶ କରିଥିଲେ। ଦ୍ୱାପର ଯୁଗର ସ୍ମୃତି ଅନୁଯାୟୀ, ଶ୍ରୀମନ୍ଦିରରେ ଅନ୍ଧମନ୍ଦିର ହସ୍ତୀ ଲୀଳା ଅନୁଷ୍ଠିତ ହୋଇଥାଏ। ସେହିପରି ଶ୍ରୀମନ୍ଦିରରେ ଅନ୍ଧ ଚକ୍ଷୁଲୀଳା ନୀତି ଅନୁଷ୍ଠିତ ହୋଇଛି। ସନ୍ଧ୍ୟାଧୂପ ପରେ ଦକ୍ଷିଣଘରେ ବିରାଜିତ ମଦନମୋହନ ରତ୍ନସିଂହାସନକୁ ଯାଇ ଆଜ୍ଞାମାଳ ପାଇ ନାଟମଣ୍ଡପରେ ପଡ଼ିଥିବା ଖଟରେ ବିଜେ ହୋଇଥିଲେ। ସେଠାରେ ବାସେଳିସାହି ପକ୍ଷରୁ ଅନ୍ଧଲୀଳା ପ୍ରସ୍ତାବ ଆଗତ କରାଯାଇଥିଲା। ଅନ୍ଧ ଲୀଳାର ତାତ୍ପର୍ଯ୍ୟ ହେଉଛି, ବୃନ୍ଦାବନରେ ଭଗବାନ ଶ୍ରୀକୃଷ୍ଣ ଗୋପ ବାଳକଙ୍କ ସହିତ ଲୀଳା କରୁଥିବାବେଳେ ତାଙ୍କର ଜଣେ ଅନ୍ଧସଖା ଥିଲେ। ସେ ଶ୍ରୀକୃଷ୍ଣଙ୍କ ପରମ ଭକ୍ତ ଥିଲେ। ତାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀକୃଷ୍ଣ କୃପା କରି ତାଙ୍କୁ ଚକ୍ଷୁଦାନ କରିଥିଲେ। ଏହି ସ୍ମୃତିରେ ଅନ୍ଧ ଚକ୍ଷୁଦାନ ଲୀଳା ନୀତି ସମ୍ପନ୍ନ ହୋଇଥାଏ।

## ମାର୍କେଟ୍ କମ୍ପ୍ଲେକ୍ସରୁ ବାଇକ୍ ଚୋରି ଅଭିଯୋଗ

ନିମାପଡ଼ା,୬।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ମହାବୀର ମାର୍କେଟ କମ୍ପ୍ଲେକ୍ସରୁ ଗୁରୁବାର ଏକ ବାଇକ୍ ଚୋରି ହୋଇଯାଇଛି। ଏ ନେଇ ବାଇକ୍ ମାଲିକ ନିମାପଡ଼ା ଥାନା ନିକଟସ୍ଥ ଚାଉଳବସ୍ତ ଗ୍ରାମର ବିପିନ ପରିଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ କେସ୍ ନଂ ୨୬୯/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବିପିନ ପରିଡ଼ା ବାଇକ୍ ରଖି ଏକ ଜେରକ୍ସ ଦୋକାନକୁ ଯାଇଥିଲେ। ଦୋକାନରୁ ଫେରି ଦେଖିବା ବେଳକୁ କେହି ଦୁର୍ବୃତ୍ତ ତାଙ୍କ ବାଇକ୍‌ନେଇ ପଳାଇଛି। ସ୍ପଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ମାର୍କେଟ କମ୍ପ୍ଲେକ୍ସରୁ ବାଇକ୍ ଚୋରି ହେବା ଘଟଣା ବ୍ୟବସାୟୀ ମହଲରେ ଆଲୋଡ଼ନ ସୃଷ୍ଟି କରିଛି।

# ସମୁଦ୍ରକୂଳକୁ ଭାସିଆସିଲା କଣ୍ଟେନର

ପୁରୀ,୬।୯(ଅଜିତ କୁମାର ମହାନ୍ତି)

■ ଜଗିରହିଛି ପୋଲିସ, ଇଷ୍ଟଦେବୀଙ୍କ ଶରଣରେ ମତ୍ସ୍ୟଜୀବୀ

■ ପ୍ରୋଟୋକଲ ଅନୁଯାୟୀ ପଦକ୍ଷେପ ନିଆଯିବ: ଜିଲାପାଳ

ପୁରୀ ବେଳାଭୂମିରେ ବିଶାଳକାୟ କଣ୍ଟେନର ଠାବ ହେବା ପରେ ତା' ଭିତରେ କ'ଣ ଅଛି ସେନେଇ ସମସ୍ତଙ୍କ ମନରେ ଯେତିକି ଉତ୍ସାହ, ସେତିକି ଭୟ ମଧ୍ୟ ରହିଥିବା ଦେଖିବାକୁ ମିଳିଛି। ଗୁରୁବାର ସମୁଦ୍ରରେ ଏକ ବିଶାଳକାୟ ନୀଳରଙ୍ଗର କଣ୍ଟେନର ଭାସୁଥିବା କେତେଜଣ ମତ୍ସ୍ୟଜୀବୀ ଦେଖିବା ପରେ ପୋଲିସ ଓ ମତ୍ସ୍ୟଜୀବୀ ସଂଘକୁ ଜଣାଇଥିଲେ। ପରେ ଉକ୍ତ କଣ୍ଟେନରକୁ କୂଳକୁ ଆଣିବା ଲାଗି ଉଦ୍ୟମ କରାଯାଇଥିଲା। ତେବେ ପ୍ରୟାସ ଫେଲ୍ ମାରିଥିଲା। ଫଳରେ ପୋଲିସ ରାତିସାରା କଣ୍ଟେନର ଉପରେ ନଜର ରଖିଥିଲା। ବିଳମ୍ବିତ ରାତିରେ କଣ୍ଟେନରଟି ପ୍ରବଳ ଜୁଆର ମାଡ଼ରେ ପେଣ୍ଠକଟା ବେଳାଭୂମିସ୍ଥିତ ଗଙ୍ଗାମାତା ମନ୍ଦିର ନିକଟରେ ଲାଗିଛି। ଗୁରୁବାର ସକାଳୁ ଏହାକୁ ଦେଖିବାକୁ ସେଠାରେ ଭିଡ଼ ଜମୁଛି। ମତ୍ସ୍ୟଜୀବୀମାନେ କୌଣସି ଅଘଟଣ ଆଶଙ୍କାରେ ତାଙ୍କ ଇଷ୍ଟଦେବୀ ମା' ଗଙ୍ଗାଦେବୀଙ୍କ ଶରଣ ପଶିଛନ୍ତି।

ଅନ୍ୟପକ୍ଷରେ ଇଣ୍ଡୋନେସିଆର ଏକ ଜାହାଜ କୋଲକାତାରୁ ପୋର୍ଟବ୍ଲେୟାର ଓ ଆଣ୍ଡାମାନ ନିକୋବର ଯାଉଥିବାବେଳେ ସେଥିରୁ ୭ଟି କଣ୍ଟେନର ଗାଏବ ଥିବା ଜଣାପଡ଼ିଛି। ସେହି କଣ୍ଟେନର ମଧ୍ୟରୁ ଏହା ଗୋଟିଏ ହୋଇଥିବା ଅନୁମାନ କରାଯାଉଛି। କେନ୍ଦ୍ରାପଡ଼ା ରାଜନଗର ଓ ପୁରୀ ବେଳାଭୂମିରେ ସେହି କଣ୍ଟେନର ଲାଗିଥିବା କୁହାଯାଉଛି। ମେରାଇନ୍ ଥାନା ଅଧିକାରୀ ଏବଂ ସଦର ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। କଣ୍ଟେନର ଉପରେ ଆଇଟିଟିୟୁ୨୦୨୩୭୦(୩) ନମ୍ବର ଲେଖାଥିବା ଦେଖିବାକୁ ମିଳିଛି।



କଣ୍ଟେନର ପାଖରୁ ସ୍ଥାନୀୟ ବାସିନ୍ଦା କିଛି ମହମବତି ପାଇଥିବାରୁ ସେଥିରେ ମହମବତି ଥାଇପାରେ ବୋଲି ଅନୁମାନ କରାଯାଉଛି। ପ୍ରଶାସନ ତୁରନ୍ତ କଣ୍ଟେନର ଖୋଲି ରହସ୍ୟ ଉନ୍ମୋଚନ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା କେ. ସୁକାନ୍ତ ରାଓ କହିଛନ୍ତି, ଗୁରୁବାର ରାତିରେ ଜୁଆର ମାଡ଼ରେ କଣ୍ଟେନରଟି କୂଳରେ ଆସି ଲାଗିଛି। ତେବେ ବଡ଼ ବଡ଼ ଲହଡ଼ି ମାଡ଼ରେ କଣ୍ଟେନର ଭିତରୁ ବଡ଼ ବଡ଼ ମହମବତି ବାହାରି ଆସି ପାଣିରେ ଭାସୁଛି। ପ୍ରଶାସନ କଣ୍ଟେନରକୁ ଖୋଲି ସେଥିରେ କ'ଣ ରହିଛି ତାହାର ସୂଚନା ଦେଉ। ପ୍ରଥମ ଥର ଏଭଳି ଘଟଣା ଯୋଗୁ ଯେତିକି ଭୟ ଲାଗୁଛି ସେତିକି ଖୁସି ଲାଗୁଛି। ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ କହିଛନ୍ତି, ଏନେଇ ମେରାଇନ ପୋଲିସ ସଜାଗ ରହିଛି। କଣ୍ଟେନରକୁ ଦଉଡ଼ିରେ ବନ୍ଧାଯାଇଛି। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। କଣ୍ଟେନରଟି ବନ୍ଦ ରହିଛି, ତେଣୁ ପ୍ରୋଟୋକଲ ଅନୁଯାୟୀ ସମସ୍ତ ବିଭାଗ ସହ ଆଲୋଚନା କରାଯାଇ ଖୋଲାଯିବ। ଏହାପରେ କ'ଣ ଅଛି ଜଣାପଡ଼ିବ। ସେହିପରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଏନେଇ କୋଷ୍ଟଗାର୍ଡ ସହ ଆଲୋଚନା ପରେ ପ୍ରୋଟୋକଲ୍ ଅନୁଯାୟୀ ପଦକ୍ଷେପ ନିଆଯିବ। ତେବେ କାର୍ଗୋ ଶିପ୍‌ରେ ଉକ୍ତ କଣ୍ଟେନର ଯାଉଥିବାବେଳେ ପାଣିରେ ଖସି ଭାସିଆସିଥିବା ଅନୁମାନ କରାଯାଉଛି।

# ସ୍ୱଳ୍ପ ବ୍ୟୟ ପରିଚାଳନାରେ ଆୟଭିତ୍ତିକ ପ୍ରକଳ୍ପ ନିର୍ମାଣ ନିର୍ଦ୍ଦେଶ

ସାକ୍ଷୀଗୋପାଳ,୬।୯(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

■ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ରୂପରେଖ ନେଇ ଜିଲାପାଳ-ବିଧାୟକଙ୍କ ଆଲୋଚନା

■ ମନ୍ଦିର, ଧର୍ମଶାଳା, ବକୁଳବନ, ଓଡ଼ିଆ ବିଶ୍ୱବିଦ୍ୟାଳୟର ବିକାଶ ଉପରେ ଗୁରୁତ୍ୱ



ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଆଲୋଚନା କରୁଛନ୍ତି।

ସାକ୍ଷୀଗୋପାଳ ଅଞ୍ଚଳରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ରୂପରେଖ ନେଇ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଏବଂ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶୁକ୍ରବାର ଅନ୍ୟ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ସ୍ଥାନୀୟ ଲୋକପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଛନ୍ତି। ଜିଲାପାଳ ଓ ବିଧାୟକ ସାକ୍ଷୀଗୋପାଳ ଆସି ବ୍ୟବସାୟୀଙ୍କ ନିମନ୍ତେ ଆର୍‌ଏମ୍‌ସି ମାଧ୍ୟମରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସହ ଥଇଥାନ ସଂକ୍ରାନ୍ତ ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନ ପୋଖରୀର ଦୁରବସ୍ଥାରେ ସୁଧାର ଆଣିବା ସହ ପୁରାତନ ଧର୍ମଶାଳା ପୁନରୁଦ୍ଧାର ଓ ସଂଲଗ୍ନ ମାର୍କେଟ କମ୍ପ୍ଲେକ୍ସର ଖସଡ଼ା ପ୍ରସ୍ତୁତ ପାଇଁ ଜିଲାପାଳ ଏବଂ ବିଧାୟକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାକ୍ଷୀଗୋପାଳ ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ପ୍ରକଳ୍ପ ଡିଜାଇନ୍ ଦେଖିବା ପରେ ଏହାର ପରିବର୍ତ୍ତନ ସହିତ ସ୍ୱଳ୍ପ ରକ୍ଷଣାବେକ୍ଷଣ ଦିଗ ପ୍ରତି ଦୃଷ୍ଟି ଦେବାକୁ ସ୍ଥପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସାକ୍ଷୀଗୋପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରୁ ବର୍ଷାଜଳ ନିଷ୍କାସନ ନିମନ୍ତେ ପଦକ୍ଷେପ ନେବାକୁ ଓଡ଼ିଶା ସେତୁ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ ବିଦ୍ୟାଳୟ ସମସ୍ୟା ସମ୍ପର୍କିତ ଦାବିପତ୍ର ଜିଲାପାଳ ଓ ବିଧାୟକଙ୍କୁ ପ୍ରଦାନ କରିଥିଲେ। ଏହାପରେ ସେମାନେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତରୁ କଂକ୍ରିଟ ଖସିପଡୁଥିବା ସ୍ଥାନ ଅନୁଧ୍ୟାନ କରିଥିଲେ। ଏହି ବିଦ୍ୟାଳୟର ଐତିହ୍ୟ ଅକ୍ଷୁଣ୍ଣ ରଖି ନୂତନ ଭାବେ ନିର୍ମାଣ କାର୍ଯ୍ୟ କରିବା ପାଇଁ ବିଧାୟକ ମିଶ୍ର ପ୍ରସ୍ତାବ ଦେଇଥିଲେ। ଏହା ଉପରେ ପରବର୍ତ୍ତୀ ସମୟରେ ବିଚାର କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଜିଲାପାଳ କହିଥିଲେ। ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ଓ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ବିଧାୟକ ମିଶ୍ର ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଏହାର କଳେବର ବୃଦ୍ଧି ଓ ଗୁଣାତ୍ମକ ଶିକ୍ଷା ପାଇଁ ରାଜ୍ୟ ସରକାର ୫୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି ଏବଂ ଏହାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାବରେ ଗଢ଼ିତୋଳିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବ ରଖିଥିବା କହିଥିଲେ। ଐତିହାସିକ ବକୁଳବନର ଜରାଜୀର୍ଣ୍ଣ ଅବସ୍ଥା ଦେଖି ବିଧାୟକ ଅସନ୍ତୋଷ ପ୍ରକାଶ କରିବା ସହ ଏଥିପାଇଁ ପ୍ରସ୍ତୁତ ଡିଜାଇନ୍‌ରେ ପରିବର୍ତ୍ତନ କରିବା ପାଇଁ କହିଥିଲେ। ଏହାକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇ ସ୍ଥାନୀୟ ଲୋକଙ୍କ ମତାମତକୁ ପ୍ରାଧାନ୍ୟ ଦେଇ ଡିଜାଇନ୍ ପ୍ରସ୍ତୁତ ସକାଶେ ପରାମର୍ଶ ଦେବା ସହିତ ପରିଚାଳନା ଲାଗି ଆୟଭିତ୍ତିକ ପ୍ରକଳ୍ପରେ ପରିଣତ କରିବାକୁ ଜିଲାପାଳ କହିଥିଲେ। ପଞ୍ଚସଖା ଖେଳପଡ଼ିଆ ପରିଦର୍ଶନ କରିବା ସହ ଏହାର ସମ୍ପ୍ରସାରଣ ଓ ଉନ୍ନୟନ କରାଯିବ ବୋଲି କହିଥିଲେ। ସତ୍ୟବାଦୀ ତହସିଲଦାର ଆଲୋକ ଦେହୁରୀ, ବିଡିଓ ଲିପ୍ସା ରାୟ, ଥାନା ଆଇଆଇସି ଉମେଶ କୁମାର ସାହୁ, ଓବିସିସି ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ, ପୂର୍ତ୍ତବିଭାଗ ଏସ୍‌ଡିଓ କୌଶଲ ହେମ୍ବ୍ରମ, ଯନ୍ତ୍ରୀ ମାନସ ରଞ୍ଜନ ମଲ୍ଲିକ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସମିତି ସଭ୍ୟ ଦୀପକ ଶତପଥୀ, ଉମେଶ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନଙ୍କ ସମେତ ସେବାୟତ ସଂଘ କର୍ମକର୍ତ୍ତା, ଜଳସେଚନ, ରାସ୍ତା ଓ ଗୃହନିର୍ମାଣ ବିଭାଗର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ରାଜଧାନୀରେ ଜମି ଦଖଲକାରୀ ଗ୍ୟାଙ୍ଗର ଆତଙ୍କରାଜ

ଭୁବନେଶ୍ୱର,୬।୯
(ସୂର୍ଯ୍ୟକାନ୍ତ ବେହେରା)



ଗିରଫ ୩ ଅଭିଯୁକ୍ତ। ସିସିଟିଭି ଫୁଟେଜରେ କଏଦ ପାଚେରି ଭଙ୍ଗାଯିବାର ଦୃଶ୍ୟ।

## ମହିଳାଙ୍କ ଘର କବ୍‌ଜା କରିବାକୁ ଉଦ୍ୟମ, ୩ ଗିରଫ

- ଜେସିବି ଲଗାଇ ପାଚେରି, ଅନ୍ୟାନ– ସାମଗ୍ରୀ ଭାଙ୍ଗିଲେ
- ଏଭଳି ଘଟଣା ଘଟିଲେ ଥାନାକୁ ଜଣାଇବାକୁ ଅପିଲ କଲେ ଡିସିପି

ରାଜଧାନୀରେ ଜମି ଦଖଲକାରୀ ଗ୍ୟାଙ୍ଗର ଆତଙ୍କରାଜ ସୀମା ଟପିଛି। ସରକାରୀ ଜମିକୁ ଜବରଦଖଲ କରିବା ସହ ଲୋକଙ୍କ ନିଜ ଜାଗାକୁ ମଧ କବ୍‌ଜା କରୁଛନ୍ତି। ବିରୋଧ କଲେ ନାଲିଆଖି ଦେଖାଇବା ସହ ଜେସିବି ଲଗାଇ ପାଚେରି ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା କରୁଛନ୍ତି। ଇନ୍‌ଫୋସିଟି ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘରକୁ କବ୍‌ଜା କରିବାକୁ ଉଦ୍ୟମ କରି ଆତଙ୍କରାଜ ଚଳାଇଥିବା ଏକ ଗ୍ୟାଙ୍ଗ୍‌କୁ ପୋଲିସ ଧରିଛି। ଭୟଭୀତ କରାଇ ପାଚେରି ଭାଙ୍ଗିବା ଅଭିଯୋଗରେ ୩ ଜଣଙ୍କୁ ସ୍ଥାନୀୟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦକା ଅଞ୍ଚଳର ମାନସ ସାହୁ, ପଟିଆର ନିରଞ୍ଜନ ରାଉତ ଓ ତମାଣ୍ଡୋ ଅଞ୍ଚଳର ଜଗଦୀଶ ପାଟଶାଣୀ। ସେମାନଙ୍କଠାରୁ ଗୋଟିଏ କଣ୍ଟେନର, ମୋବାଇଲ ଫୋନ୍, ୨ଟି ଭୁଜାଲି, ଗୋଟିଏ ଛୁରି ଆଦି ଜବତ ହୋଇଛି। ପଦ୍ମମାଳିନୀ ମହାପାତ୍ର ନାମ୍ନୀ ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାନସ ମୁଖ୍ୟ ଅଭିଯୁକ୍ତ ହୋଇଥିବାବେଳେ ସହଯୋଗୀଙ୍କ ଜରିଆରେ ମୃତ ବ୍ୟକ୍ତିଙ୍କ ନାମରେ ଥିବା ଜମିକୁ ଟାର୍ଗେଟ କରନ୍ତି। ଜମି କବ୍‌ଜା ପୂର୍ବରୁ ସେ ତାଙ୍କ ନାଁରେ ଜାଲ୍ ପାୱାର ଅଫ୍ ଆର୍ଟର୍ନି ପ୍ରସ୍ତୁତ କରନ୍ତି। ପରେ ଉକ୍ତ ଜମିକୁ ବିକ୍ରି କରିଥାନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଏଭଳି ଘଟଣା କୌଣସି ଲୋକଙ୍କ ସହ ଘଟିଲେ ତୁରନ୍ତ ନିକଟସ୍ଥ ଥାନାରେ ଏତଲା ଦେବାକୁ ଡିସିପି ଅପିଲ କରିଛନ୍ତି। ସୂଚନାନୁସାରେ, ଅଭିଯୋଗକାରିଣୀ ପଦ୍ମମାଳିନୀଙ୍କର ପଟିଆ କିଟ୍ ଛକରେ ଏକ ଘର ରହିଛି। ସେ ଦୀର୍ଘ ୨୨ ବର୍ଷ ହେଲା ସେଠାରେ ରହିଆସୁଛନ୍ତି। ଅଗଷ୍ଟ ୨ରେ ମାନସଙ୍କ ସହ ୩ ଅଭିଯୁକ୍ତ ଅନ୍ୟ ୧୫ ଅସାମାଜିକ ବ୍ୟକ୍ତିଙ୍କୁ ଧରି ତାଙ୍କ ଘରକୁ ଆସିଥିଲେ। ସେମାନଙ୍କ ହାତରେ ମାରଣାସ୍ତ୍ର ଥିଲା। ମାନସ ଓ ଅନ୍ୟମାନେ ପଦ୍ମମାଳିନୀଙ୍କୁ ଜାଗା ଖାଲି କରି ଅନ୍ୟତ୍ର ଚାଲିଯିବାକୁ ଧମକ ଦେଇଥିଲେ। ସେ ବିରୋଧ କରି ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଳଜ କରି ନାଲି ଆଖି ଦେଖାଇ ଧମକ ଦେବା ସହ ଆତଙ୍କ ରଚିଥିଲେ। ଜେସିବି ଲଗାଇ ତାଙ୍କ ପାଚେରି, ଗେଟ୍ ଓ ବହୁ ମୂଲ୍ୟବାନ ଜିନିଷ ଭାଙ୍ଗି ଦେଇଥିଲେ। ଏହାସହ ମହିଳାଙ୍କ ଘରୁ କିଛି ସାମଗ୍ରୀ ଚୋରି କରି ନେଇଥିଲେ। ଏନେଇ ପଦ୍ମମାଳିନୀ ଭୟ ନ କରି ଇନଫୋସିଟି ଥାନାରେ ଅଭିଯୁକ୍ତଙ୍କ ନାମରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ୩ଜଣଙ୍କୁ ଗିରଫ କରିଥିଲା। ତେବେ ଏହି ଘଟଣାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଡିସିପି ସୂଚନା ଦେଇଛନ୍ତି।

# ଜେଲ ଫେରିଲେ ନକଲି ପୋଲିସ ସୁବାସ

ବିବାହ ଆଳରେ ୩ ମହିଳାଙ୍କଠାରୁ ୧୨ଲକ୍ଷ ଠକିଥିଲେ




ଗିରଫ ସୁବାସ କହଁର, ଜବତ ନକଲି ପୋଲିସ ପୋଷାକ, ଆଇକାର୍ଡ ଓ ଅନ୍ୟାନ୍ୟ ସାମଗ୍ରୀ।

ଭୁବନେଶ୍ୱର,୬।୯(ସୂର୍ଯ୍ୟକାନ୍ତ ବେହେରା)

ଶ୍ରମିକରୁ ନକଲି ପୋଲିସ ଇନ୍ସପେକ୍ଟର ସାଜି ୩ଜଣଙ୍କୁ ବିବାହ କରି ଲକ୍ଷ ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୁକ୍ତ ସୁବାସ କହଁରଙ୍କ ଦୁଇ ଦିନିଆ ରିମାଣ୍ଡ ଶୁକ୍ରବାର ଶେଷ ହୋଇଛି। ଖଣ୍ଡଗିରି ପୋଲିସ ଭୁବନେଶ୍ୱର ଜେଏମ୍ଏଫ୍‌ସି କୋର୍ଟ–୫ରେ ସୁବାସଙ୍କୁ ହାଜର କରିଥିଲା। ସେଠାରୁ ତାଙ୍କୁ ପୁଣି ଜେଲ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ବୟାନ ଆଧାରରେ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ତାଙ୍କର ଏକ କାର, ଗୋଟିଏ ବୁଲେଟ, ଦୁଇଟି ନାମରେ ଥିବା ଆଧାରକାର୍ଡ, ରାଧାକାନ୍ତ ପ୍ରଧାନଙ୍କ ନାମରେ ଥିବା ଜଙ୍ଗଲ ଓ ପରିବେଶ ବିଭାଗର ଆଇଡି କାର୍ଡ, ପୋଲିସ ପୋଷାକ, ସିଆଇଏସ୍ଏଫ ଶାର୍ଟ, ଆର୍‌ପିଏଏଫ୍ ଟି–ଶାର୍ଟ, ଟୋପି ଆଦି ଜବତ କରିଛି। ସୁବାସଙ୍କ ନାଁରେ ଜଣେ ଭୁବନେଶ୍ୱର ଲକ୍ଷ୍ମୀସାଗର ଓ ଆଉ ୨ଜଣ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ୨ ଜଣ ମହିଳାଙ୍କୁ ବିବାହ କରିବାକୁ କହି ବିଭିନ୍ନ ଆଳରେ ୧୨ ଲକ୍ଷ ଟଙ୍କା ଓ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିବା ପରେ ଟଙ୍କା ଠକିଥିବା ନେଇ ଅଭିଯୋଗ ରହିଛି। ମିଛ ପରିଚୟ ଦେଇ ୫୫ ବର୍ଷୀୟ ଭଦ୍ରକର ସୁବାସ ନିଜକୁ ରାଉରକେଲା ସେକ୍ଟର ୧୫ର ଇନ୍ସପେକ୍ଟର ମନୋଜ ମିଶ୍ର ବୋଲି ପରିଚୟ ଦେଇ ଜଣେ ଯୁବତୀଙ୍କୁ ଫେସ୍‌ବୁକ ଜରିଆରେ ପ୍ରେମ ନିବେଦନ କରି ବିବାହ କରିଥିଲେ। ଏହାପରେ ଘରକୁ ନ ନେଇ ଭୁବନେଶ୍ୱରରେ ରଖିଥିଲେ। ଠକାମିରେ ପଡି ବିବାହ କରିଥିବା ମହିଳା ଜଣକ ସୁବାସ ବ୍ୟବହାର କରୁଥିବା କାର ନମ୍ବରରୁ ବାସ୍ତବ ଘଟଣା ଜାଣିବା ପରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଗତ ୧ ତାରିଖରେ ପୋଲିସ ରସିକିଆ ଠକ ସୁବାସଙ୍କୁ ଗିରଫ କରିବା ପରେ ଘଟଣା ପଦାକୁ ଆସିଥିଲା। ତେବେ ସେ ୩ ଜଣଙ୍କୁ ବିବାହ କରିଥିବା ବେଳେ ପ୍ରଥମ ଓ ଦ୍ୱିତୀୟ ସ୍ତ୍ରୀ ଏଯାବତ ଅଭିଯୋଗ କରି ନ ଥିବା ପୋଲିସ କହିଛି।

# ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ପୁରୁଣା ଭୁବନେଶ୍ୱର,୬।୯(ସୁବାସ ଚନ୍ଦ୍ର ପ୍ରଧାନ): ଶାରଦୀୟ ଦୁର୍ଗା ପୂଜା ପାଇଁ ବାଙ୍କୁଆଳ ଦୁର୍ଗା ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ ହୋଇଛି। ଗୁରୁବାର ମଣ୍ଡପରୁ ଘଣ୍ଟ ଘଣ୍ଟା ଏବଂ ଶଙ୍ଖ ଶୋଭଯାତ୍ରାରେ କୁଆଖାଇ ନଦୀ ପଠା ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ନିକଟକୁ ଯାଇଥିଲେ। କର୍ତ୍ତା ଶିବ ସାହୁ ଓ ପୂଜକ ଅଭିଷେକ ପଣ୍ଡାଙ୍କ ଦ୍ୱାରା ଏହି ମାଟି ଅନୁକୂଳ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ପରେ ମଣ୍ଡପରେ ମାଟି ସ୍ଥାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାଙ୍କୁଆଳ ଗ୍ରାମ୍ୟ କମିଟି ସଭାପତି କବିରାଜ ସ୍ୱାଇଁ, ପୂଜା କମିଟି ସଭାପତି ଉମାକାନ୍ତ ସାମନ୍ତରାୟ, କମିଟି ସଭ୍ୟ ଜୀବନ ନାୟକ, ଅଭିମନ୍ୟୁ ସାମନ୍ତରାୟ, ସଚ୍ଚିତ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



# 'ଅପରାହ୍ନର ସୂର୍ଯ୍ୟ'ରେ ବିଲୁପ୍ତ କଳାର ସ୍ମୃତି ଉଜ୍ଜୀବିତ




ଭୁବନେଶ୍ୱର,୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଆଗରୁ ଗାଁ ଗାଁରେ ଲୋକକଳା ଦେଖିବାକୁ ମିଳୁଥିଲା। କେଳା ଜାତିର ଲୋକମାନେ ଅନେକ ଖେଳ ଆସି ଗାଁରେ ଦେଖାଉଥିଲେ। ଏହା ଥିଲା ସେମାନଙ୍କର କୌଳିକ ବୃତ୍ତି। ରୋଜଗାର ହେଉଥିବା ଟଙ୍କାରେ ବହୁଶହ ପରିବାର ଚଳୁଥିଲେ। ଏବେ କେଳାଙ୍କ ଜୀବନଶୈଳୀ କି ସେମାନଙ୍କ ଖେଳ ଦେଖିବାକୁ ଆଉ ମିଳୁନି। ବର୍ତ୍ତମାନ ପିଢ଼ି ପୂର୍ବ ପିଢ଼ିର କିଛି ଅମୂଲ୍ୟ ସ୍ମୃତିକୁ ଚଳଚ୍ଚିତ୍ର 'ଅପରାହ୍ନର ସୂର୍ଯ୍ୟ' ମାଧ୍ୟମରେ ତାଜା କରିପାରିଛନ୍ତି। ଗଣେଶ ପୂଜା ଅବସରରେ ଅନନ୍ୟା ପ୍ରଡକ୍ସନର ଦ୍ୱିତୀୟ ଅବଦାନ ଅପରାହ୍ନର ସୂର୍ଯ୍ୟ ସ୍ଥାନୀୟ ପ୍ରେକ୍ଷାଳୟରେ ଶୁକ୍ରବାର ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ରର ନିର୍ମାତା ତଥା ନିର୍ଦ୍ଦେଶକ ଅଜୟ କୁମାର ମହାନ୍ତି। ଓଡ଼ିଶାରୁ ସମ୍ପୂର୍ଣ୍ଣ ଭାବେ ଲୋପ ପାଇଥିବା ମୁଣ୍ଡପୋତା କେଳାଙ୍କ ଜୀବନ ଶୈଳୀକୁ ଅତି ଚମତ୍କାର ଭାବରେ ଉପସ୍ଥାପନ କରିବାକୁ ମହାନ୍ତି ବହୁ ପରିଶ୍ରମ କରିଥିଲେ। ନିଜେ ନିର୍ମାତା ନିର୍ଦ୍ଦେଶନା ସହ ଏହାର ଚିତ୍ରନାଟ୍ୟ ଓ କାହାଣୀ ପ୍ରସ୍ତୁତ କରିଛନ୍ତି। ମହେନ୍ଦ୍ର ଆଚାର୍ଯ୍ୟ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଅଜିତ ଦାସ ଚିତ୍ରୋତ୍ତୋଳନ ଦାୟିତ୍ୱରେ ଅଛନ୍ତି। ଏଥିରେ ଜୟାସ୍ୱାମୀ, ପ୍ରମୋଦ ରାଉତ, କଳିଙ୍ଗ ଦାସ, ମୁନମୁନ ଖୁଣ୍ଟିଆ, ସୁସନ୍ଧ୍ୟା, ଜାନକୀ ନାଥ ମିଶ୍ର, ଅଜୟ ମହାନ୍ତି, ରାହୁଲ ବିନ୍ଧାଣୀ ପ୍ରମୁଖ ଅଭିନୟ କରିଛନ୍ତି।

# ବଳାତ୍କାର ଅଭିଯୁକ୍ତ ମଙ୍ଗୁଳିଙ୍କୁ ବର୍ଷେ ଜେଲ

ଭୁବନେଶ୍ୱର,୬।୯(ସୂର୍ଯ୍ୟକାନ୍ତ ବେହେରା)– ଭୁବନେଶ୍ୱର ଆଡିଶନାଲ ସେସନ ଜଜ୍ ତଥା ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକ୍‌ସୋ)ରେ ବାଲିପାଟଣାରେ ଘଟିଥିବା ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସରୋଜ କୁମାର ସାହୁ ମାମଲାର ବିଚାର କରି ଅଭିଯୁକ୍ତ ଥିବା ମଙ୍ଗୁଳି ଚରଣ ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମନା ଆଦେଶ ଦେଇଛନ୍ତି ଓ ଏହା ଅନାଦେୟ ହେଲେ ୧ ମାସ ଅଧିକ ଜେଲ ଦଣ୍ଡ ଲାଗି ଆଦେଶ ଦେଇଛନ୍ତି। ୯ ଜଣ ସାକ୍ଷୀ ଓ ଆବଶ୍ୟକ ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ଘଟଣା ଅନୁଯାୟୀ, ୨୦୨୧ ଅକ୍ଟୋବରରେ ପୀଡତା ନାବାଳିକାଙ୍କ କୁକୁଡା ଅଭିଯୁକ୍ତ ମଙ୍ଗୁଳିଙ୍କ ବାରିକୁ ପଳାଇଥିଲେ। ନାବାଳିକା ଜଣକ କୁକୁଡ଼ା ଆଣିବାକୁ ଯାଇଥିବାବେଳେ ମଙ୍ଗୁଳି ମିଠା ଦେବାର ପ୍ରଲୋଭନ ଦେଖାଇ ତାଙ୍କ ହାତକୁ ଭିଡ଼ ଘର ଭିତରକୁ ନେଇ ବଳାତ୍କାର କରିଥିଲେ। ପୀଡିତା ଜଣକ ଖସି ଆସି ସମସ୍ତ ଘଟଣା କାନ୍ଦିକାନ୍ଦି ନିଜ ମାଙ୍କୁ ଜଣାଇଥିଲେ। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବଳରାମ ଦେଓ ପ୍ରମୁଖ ପରିଚାଳନା କରିଥିଲେ।

# ମଣିଷର ସବୁଠୁ ସୁନ୍ଦର ଅନୁଭବ ହେଲା ପ୍ରେମ




ଭୁବନେଶ୍ୱର,୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

## ସୁରେଖା ମହାପାତ୍ରଙ୍କ 'ଅନୁରାଗରୁ ଅସ୍ତରାଗ' ଉନ୍ମୋଚିତ

ସୁରେଖା ମହାପାତ୍ରଙ୍କ ଦ୍ୱିତୀୟ କବିତା ସଂକଳନ 'ଅନୁରାଗରୁ ଅସ୍ତରାଗ' ଶୁକ୍ରବାର ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ରଠାରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଆଶୁତୋଷ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଲେଖିକା ମହାପାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। କବିର ମାନସ ଭୂମି ପାଖରେ ପହଞ୍ଚିବା ସହଜ ନୁହେଁ ଓ ମଣିଷର ସବୁଠୁ ସୁନ୍ଦର ଅନୁଭବ ହେଲା ପ୍ରେମ ବୋଲି ସେ ମତପ୍ରକାଶ କରିଥିଲେ। କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ ସମ୍ମାନିତ ଅତିଥିଭାବେ ଯୋଗଦେଇ କବିତା ଛଳଛଳ ଭାବେ ଝରି ପଡୁଥିବା ଆବେଗ ବୋଲି କହିଥିଲେ। ପୁସ୍ତକର ଲେଖିକା ସୁରେଖା ମହାପାତ୍ର ୪୧ଟି କବିତାର ଏଇ ସଂକଳନକୁ ନେଇ ଏହି ପୁସ୍ତକ ଲେଖିଥିବା କହିଛନ୍ତି। ତପସ୍ୟା ଫାଉଣ୍ଡେସନର ଅଧ୍ୟକ୍ଷ ତପନ କୁମାର ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ପେନ୍ ଇନ୍ ବୁକ୍ସ ପକ୍ଷରୁ ପୁସ୍ତକ ପ୍ରକାଶିତ ହୋଇଥିଲା।

# ସାମାଜିକ କ୍ଷେତ୍ରରେ ଦିବ୍ୟାଙ୍ଗଙ୍କୁ ସାମିଲ କରାଯିବା ଉଚିତ

କଣ୍ଟାପଡା, ୬।୯(ସୁରନାରାୟଣ ସାହୁ)

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ କଟକ ଜିଲା ଓଲଟପୁରଠାରେ ଥିବା ଏସ୍‌ଭି ନିର୍‌ତାର ପକ୍ଷରୁ ବିଶ୍ୱ ମେରୁଦଣ୍ଡ ଆଘାତ ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ ଭବନ ସଭାଗୃହରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ସାମିଲ କରାଗଲେ ସେମାନେ ନିଜକୁ ଛୋଟ ମନେ କରିବେ ନାହିଁ। ଏଥିରେ ସମ୍ମାନିତ ଅତିଥି ଭାବେ ଭିନ୍ନକ୍ଷମ କମିଶନର ବ୍ରତତୀ ହରିଚନ୍ଦନ, ଭାରତୀୟ ରେଡ୍‌କ୍ରସ୍ ସୋସାଇଟିର ନିର୍ଦ୍ଦେଶକ ବିଭୁତି ଭୂଷଣ ପଟ୍ଟନାୟକ ଯୋଗଦେଇଥିଲେ। ନିର୍‌ତାରର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଉକ୍ତ ଦିବସ ପାଳନର ମହତ୍ତ୍ୱ ବିଷୟରେ କହିଥିଲେ। ଏହି ଅବସରରେ ଜାତୀୟସ୍ତରୀୟ କ୍ରୀଡ଼ା ପଦକ ଜିତିଥିବା ମେରୁଦଣ୍ଡ ଆଘାତପ୍ରାପ୍ତ ଦିବ୍ୟାଙ୍ଗ ଭଉଣୀଭାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଭୁବନେଶ୍ୱର ଶ୍ରୀରାମ ମନ୍ଦିରଠାରୁ ରେଡ୍‌କ୍ରସ୍ ଭବନ ପର୍ଯ୍ୟନ୍ତ ଦିବ୍ୟାଙ୍ଗଜନ, ଛାତ୍ରୀଛାତ୍ର ଓ ଅନୁଷ୍ଠାନର କର୍ମଚାରୀଙ୍କ ଦ୍ୱାରା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଶେଷରେ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଅନ୍ୟମାନେ।

# 'ସାମ୍ବାଦିକମାନେ ଲୋକଙ୍କ ଆସ୍ଥା, ବିଶ୍ୱାସ ବଜାୟ ରଖନ୍ତୁ'

## ଆଇଓୟୁଡବ୍ଲ୍ୟୁଜେର ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର, ୬।୯ (ବନ୍ଦନା ସେଠୀ)

ସାମ୍ବାଦିକମାନେ ସମାଜ ବ୍ୟବସ୍ଥାର ଜଗୁଆଳି। ତେଣୁ ଗଣମାଧ୍ୟମ ଉପରେ ଲୋକଙ୍କର ଯେଉଁ ଆସ୍ଥା ଓ ବିଶ୍ୱାସ ରହିଛି, ତାହାକୁ ସାମ୍ବାଦିକମାନେ ବଜାୟ ରଖିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ଅର୍ଗାନାଇଜେଶନ ଅଫ୍ ୟୁନାଇଟେଡ ୱାର୍କିଂ ଜର୍ନାଲିଷ୍ଟ (ଆଇଓୟୁଡବ୍ଲ୍ୟୁଜେ) ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଇଓୟୁଡବ୍ଲ୍ୟୁଜେର ସର୍ବଭାରତୀୟ ସଭାପତି ଡ. ପୀତବାସ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ତଥା କବି ଡ. ପ୍ରସନ୍ନ ପାଟଶାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍‌ର ପୂର୍ବତନ ସଭାପତି ସୁନୀଲ କାୟାଲ, ଅଧ୍ୟାପକ ଡ. ଭି.ଆର୍. ରାଜୁ, ସାମାଜିକ କର୍ମୀ ଶଙ୍କର ପରିଡା, ଡ. ଷ୍ଟେଲିନ ପରିଜା, ବରିଷ୍ଠ ସାମ୍ବାଦିକ ବିଭୂତି କର, ନିର୍ମଳ ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାମ୍ବାଦିକତା, ସମାଜସେବା, କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସର୍ବଭାରତୀୟ ସଭାପତି ଡ. ପୀତବାସ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମ୍ମିଳନୀ ଆୟୋଜିତ ହୋଇଥିଲା। ସେ ଗଣମାଧ୍ୟମର ଦାୟିତ୍ୱ, ସମସ୍ୟା ସମ୍ପର୍କରେ ଆଲୋଚନା କରି ସମସ୍ତେ ଐକବଦ୍ଧ ଭାବେ ଦାବି ଉପସ୍ଥାପନା ପାଇଁ ଆହ୍ୱାନ କରିଥିଲେ। ଅନୁଷ୍ଠାନର ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ, ସାଧାରଣ ସମ୍ପାଦକ ତପନ ମହାରଣ୍ୟ ଶର୍ମା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।



ସମ୍ମିଳନୀରେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀଙ୍କ ସହ ଅନ୍ୟ ଅତିଥିମାନେ।

# 'ଭୁବନେଶ୍ୱର ଅଫ୍ ପାଷ୍ଟ ଆଣ୍ଡ୍ ଫର୍‌ଦର' ଉନ୍ମୋଚିତ

ଭୁବନେଶ୍ୱର,୬।୯(ଶର୍ମିଷ୍ଠା ପାଣିଗ୍ରାହୀ)



ମେୟର ସୁଲୋଚନା ଦାସ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ରାଜଧାନୀକୁ ଆହୁରି ସୁନ୍ଦର ଓ ବିଶ୍ୱସ୍ତରୀୟ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ମହାନଗର ନିଗମ ପକ୍ଷରୁ ସହରର କଳା, ସ୍ଥାପତ୍ୟ, ଐତିହ୍ୟକୁ ନେଇ ଯେତେକ ଉପାଦାନ ରହିଛି, ତାକୁ ଏକ ପାଠାଗାର ହେବାର ଯୋଜନା ରହିଛି ବୋଲି ଅନୁଭୂତି ସଙ୍କଳନ 'ଭୁବନେଶ୍ୱର ଅଫ୍ ପାଷ୍ଟ ଆଣ୍ଡ୍ ଫର୍‌ଦର'ର ଉନ୍ମୋଚନ ଉତ୍ସବରେ ଶୁକ୍ରବାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେୟର ସୁଲୋଚନା ଦାସ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରେଣ୍ୟ ବକ୍ତା ଭାବେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ସମ୍ମାନିତ ବକ୍ତା ଭାବେ ଐତିହାସିକ ତଥା ଗବେଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ପୂର୍ବତନ କର୍ପୋରେଟର ଶେଖ୍ ନିଜାମ ଉଦ୍ଦିନ, ଅବସରପ୍ରାପ୍ତ ପ୍ରଶାସକ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ପୁସ୍ତକର ସଙ୍କଳକ ରମେଶ ପ୍ରଧାନ ପୁସ୍ତକ ସଙ୍କଳନ ସମୟରେ ବରିଷ୍ଠ ନାଗରିକଙ୍କ ସହ ରାଜଧାନୀର ବହୁ ଅଭୁଲା ଓ ସ୍ୱତନ୍ତ୍ର ସ୍ମୃତି ବର୍ଣ୍ଣନା କରିଥିଲେ। ଇଲିମା କର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦେବାଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କବି ଉପେନ୍ଦ୍ର ପ୍ରସାଦ ନାୟକଙ୍କ ପରିଚାଳନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କ୍ଷଣପ୍ରଭା ମହାନ୍ତି ଓ ଅନ୍ନଦା ମିଶ୍ର ସଂଯୋଜନା କରିଥିଲେ।



କର୍ମଚାରୀଙ୍କୁ ମାସିକ ଦରମା ଓ ଅନ୍ୟାନ୍ୟ ସହାୟତା ଦାବିରେ ଓଡ଼ିଶା ସମବାୟ ସମିତି ଓ ଲ୍ୟାମ୍ପ୍ସ କର୍ମଚାରୀ ମହାମଞ୍ଚ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା। (ଫଟୋ: ମନୋରଞ୍ଜନ ମିଶ୍ର)

## ସଂକ୍ଷେପରେ

### ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ

କୃଷ୍ଣପ୍ରସାଦ,୬।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ନିବାର ଗଣେଶ ପୂଜା। ଏନେଇ କୃଷ୍ଣପ୍ରସାଦ ଥାନା ପକ୍ଷରୁ ପୂଜା କମିଟି ସଦସ୍ୟମାନଙ୍କୁ ନେଇ ବୈଠକ ହୋଇଯାଇଛି। ଆଇଆଇସି ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମାଲୁଦ ବିଭିନ୍ନ ସାହିର ପୂଜା କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ପୂଜା ସମୟରେ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମଣ୍ଡପ ନିକଟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଭସାଣିରେ ଅସ୍ୱାଭାବିକ ପରିସ୍ଥିତିକୁ ଏଡ଼ାଇବା ପାଇଁ ପୂଜା କମିଟି ସଦସ୍ୟ ସତର୍କତା ଅବଲମ୍ବନ କରିବେ। ଭସାଣିରେ ଡିଜେ ବଜାଇବାକୁ ମନା କରାଯାଇଥିବା ବେଳେ ବାଣ ନ ଫୁଟାଇବାକୁ ମଧ୍ୟ କୁହାଯାଇଛି। ଗଣେଶ ପୂଜା ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ଆଇଆଇସି କହିଛନ୍ତି।

### ୨ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର, ଟଙ୍କା ଚୋରି

ବାଲୁଗାଁ,୬।୯(ସଂଗ୍ରାମ ପାଇକରାୟ)

ବାଲୁଗାଁ ସୂର୍ଯ୍ୟନଗର ଅଞ୍ଚଳର ଦୁଇଟି ଘରୁ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଏବଂ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ଚିଲିକା କୂଳ ସ୍ଥିତ ଏକ ଫାଷ୍ଟଫୁଡ ଦୋକାନରୁ ମଧ୍ୟ ଟଙ୍କା ଚୋରି ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୂର୍ଯ୍ୟନଗରରେ ରହୁଥିବା ମୁନା ସାହୁ ଓ ତାଙ୍କ ଘରେ ଭଡ଼ାରେ ଅବସ୍ଥାନ କରୁଥବା ମାନସ ପାତ୍ର ଉଭୟଙ୍କ ପରିବାର ଗୁରୁବାର ରାତିରେ ଘରେ ଅନୁପସ୍ଥିତ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବାରିପଟ ଗ୍ରୀଲ୍ କାଟି ଘରେ ପଶିଥିଲେ। ମାନସ ପାତ୍ରଙ୍କ ଆଲମିରା ଭାଙ୍ଗି ସୁନାଚେନ, ମୁଦି, ବ୍ରେସଲେଟ, ରୁପା ଅଳଙ୍କାର ସହ ୧୮ ହଜାର ଟଙ୍କା ଏବଂ ମୁନାଙ୍କ ଘରୁ ୮ ହଜାର ଟଙ୍କା ସମେତ ସୁନାଅଳଙ୍କାର ନେଇଯାଇଛନ୍ତି। ଅନ୍ୟପଟେ ଚିଲିକା କୂଳସ୍ଥିତ ଏକ ଫାଷ୍ଟଫୁଡ ଦୋକାନରୁ ୧୩ହଜାର ଟଙ୍କା ଚୋରି ହୋଇଛି। ଖବରପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସେହିପରି ଅପରାହ୍ନରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ କୌଣସି ସନ୍ଧାନ ମିଳିପାରିନାହିଁ। ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୨୭୭/୨୪) ରୁଜୁ ହୋଇଛି। ଖୁବ୍‌ଶୀଘ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି । ଅନ୍ୟପଟେ ବାଲୁଗାଁ ଅଞ୍ଚଳର ସମସ୍ତ ୱାର୍ଡରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହୋଇଛି।

### ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

ଟାଙ୍ଗୀ,୬।୯(ରଘୁନାଥ ସାହୁ)

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଥାନା ପକ୍ଷରୁ କନ୍ତଲବାଇ ରାଧାମାଧବ ମନ୍ଦିର ପରିସରରେ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହୋମିଓପାଥି ଚିକିତ୍ସକ ବିନୟ କିଶୋର ସାନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଂଯୋଜକ ବିଜୟ କୁମାର ରାଉତ, ବରିଷ୍ଠ ସାମ୍ବାଦିକ ରଘୁନାଥ ସାହୁ ଯୋଗଦେଇ କନ୍ତଲବାଇ ପଞ୍ଚାୟତର ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ବଣ୍ଟନ କରିଥିଲେ। ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ପ୍ରତ୍ୟେକ୍ଷ ସହଯୋଗକ୍ରମେ ବିଭିନ୍ନ ପଞ୍ଚାୟତର ୨୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିବାରୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ପୁରୁଣା ଭୁବନେଶ୍ୱର, ୬।୯
(ସୁବାସ ଚନ୍ଦ୍ର ପ୍ରଧାନ)

ଶାରଦୀୟ ଦୁର୍ଗା ପୂଜା ପାଇଁ ବାଙ୍କୁଆଳ ଦୁର୍ଗା ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ ହୋଇଛି। ଗୁରୁବାର ମଣ୍ଡପରୁ ଘଣ୍ଟ ଘଣ୍ଟା ଏବଂ ଶଙ୍ଖ ଶୋଭାଯାତ୍ରାରେ କୁଆଖାଇ ନଦୀ ପଠା ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ନିକଟକୁ ଯାଇଥିଲେ। କର୍ତ୍ତା ଶିବ ସାହୁ ଓ ପୂଜକ ଅଭିଷେକ ପଣ୍ଡାଙ୍କ ଦ୍ୱାରା ଏହି ମାଟି ଅନୁକୂଳ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ପରେ ମଣ୍ଡପରେ ମାଟି ସ୍ଥାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାଙ୍କୁଆଳ ଗ୍ରାମ୍ୟ କମିଟି ସଭାପତି କବିରାଜ ସ୍ୱାଇଁ, ପୂଜା କମିଟି ସଭାପତି ଉମାକାନ୍ତ ସାମନ୍ତରାୟ, କମିଟି ସଭ୍ୟ ଜୀବନ ନାୟକ, ଅଭିମନ୍ୟୁ ସାମନ୍ତରାୟ, ସଚ୍ଚିତ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୯ ପ୍ଲାଟୁନ ଫୋର୍ସ

**ଆଜିଠୁ ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା**

- ୨ଶହରୁ ଊର୍ଦ୍ଧ୍ୱ ମଣ୍ଡପରେ ହେବ ପୂଜା
- ୧୧ଦିନ ଯାଏ ଦୁଲୁକିବ ସହର

ଜଟଣୀ,୬।୯(ରବୀନ୍ଦ୍ରନାଥ ମହାକୁଡ଼)



ଜଟଣୀ ସହରରେ ଶନିବାରଠାରୁ ଗଣେଶ ପୂଜା ମହାଆଡ଼ମ୍ବରରେ ପାଳିତ ହେବ। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଏହି ପୂଜା ପାଳନ ହେବ। ୨ଶହରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜାପାଇବେ ଶ୍ରୀଗଣେଶ। ୧୧ଦିନ ଧରି ଦୁଲୁକିବ ସହର। ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୀନାବଜାର ଓ ଯାତ୍ରା ପରିବେଷଣ ହେବ। ସହର ଏବଂ ବିଭିନ୍ନ ପୂଜା ମଣ୍ଡପରେ ସ୍ୱଚ୍ଛତା ପାଇଁ ପୌର ପରିଷଦ ପକ୍ଷରୁ ବ୍ଲିଚିଂ ପାଉଡର, ଧଳା ଚୂନ, ମଶା ତେଲ ପକାଯିବା ସହ ଅଳିଆ ଆବର୍ଜନା ସଫେଇ ଲାଗି ବ୍ୟବସ୍ଥା ହୋଇଛି। ଶାନ୍ତିଶୃଙ୍ଖଳା ଏବଂ ଟ୍ରାଫିକ ନିୟନ୍ତ୍ରଣ ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୯ ପ୍ଲାଟୁନ ପୋଲିସ ଫୋର୍ସ ସହ ୩୦ ପୋଲିସ ଅଧିକାରୀ ନିୟୋଜିତ ହେବେ। ଅପରାହ୍ନ ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଖୋର୍ଦ୍ଧାପଟୁ ଆସୁଥିବା ସମସ୍ତ ଭାରିଯାନ ଖୁଦୁପୁର ଛକଠାରେ ନିୟନ୍ତ୍ରଣ କରାଯିବ। ଭୁବନେଶ୍ୱରରୁ ଗୋବିନ୍ଦପୁର ତଳଖେତା ଦେଇ ଜଟଣୀ ଆସୁଥିବା ଚାରିଚକିଆ ଯାନଗୁଡ଼ିକୁ ସ୍ଥାନୀୟ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, ହନୁମାନ ବାଟିକା ଏବଂ ପିପିଲି ଦିଗରୁ ଆସୁଥିବା ଗାଡ଼ିଗୁଡ଼ିକୁ କୁଦିଆରୀ ମହତାବନଗର ହନୁମାନ ମନ୍ଦିରଠାରେ ନିୟନ୍ତ୍ରଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ସନ୍ଧ୍ୟାରେ ଗହଳିକୁ ନିୟନ୍ତ୍ରଣ କରିବା ପାଇଁ ହରିଭାଇନା ଛକ, ମହୁଲଗୁଡ଼ିଆ ଛକ, ସୀତାରାମ ଛକ, କୁଦିଆରୀ ବଜାରଠାରେ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ଟ୍ରାଫିକ୍ ପୋଲିସ ନିୟୋଜିତ ରହିବେ। ରାଜାବଜାର, ରେଲୱେ ଗୋଲେଇ ମାର୍କେଟ, ନୀଳଚକ୍ର ମାର୍କେଟ, ପରିବା ଓ ମାଛ ମାର୍କେଟ ଆଦି ସ୍ଥାନରେ ୩ ଚକିଆ ଓ ଚାରିଚକିଆ ଯାନ ପ୍ରବେଶ ନିଷେଧ କରାଯାଇ ମୁଣ୍ଡିଆ ସାହିଠାରେ ନିୟନ୍ତ୍ରଣ କରାଯିବ। ଅପରାହ୍ନ ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ହରିଭାଇନା ଛକ ଠାରୁ ଜଟଣୀ ମହାବିଦ୍ୟାଳୟ ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍ କରାଯାଇଛି। ବିଭିନ୍ନ ମୀନାବଜାର, ଯାତ୍ରାସ୍ଥଳୀ ସହ ପୂଜା ପେଣ୍ଡାଲରେ କମିଶନରେଟ ପୋଲିସ ପକ୍ଷରୁ ସାଦା ପୋଷାକରେ ପୋଲିସ କର୍ମଚାରୀ ନିୟୋଜିତ ହେବେ ବୋଲି ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି।

# ଆଜି ବିରାଜିବେ ବିଘ୍ନରାଜ, ସବୁଠି ଉତ୍ସାହ



ଖୋର୍ଦ୍ଧା,୬।୯(ପ୍ରଭାତ ପାଣିଗ୍ରାହୀ)

ପୂଜାମଣ୍ଡପ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶନିବାର ପୂଜାପାଇବେ ବିଘ୍ନରାଜ ଶ୍ରୀଗଣେଶ। ଏଥିପାଇଁ ସବୁଠି ରହିଛି ଉତ୍ସାହର ମାହୋଲ। ଗଣେଶପୂଜା ପାଇଁ ସାଜସଜ୍ଜାରେ ଲାଗିପଡିଛନ୍ତି ଛାତ୍ରୀଛାତ୍ର। ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନରେ ପୂଜା ଆୟୋଜନ ଲାଗି ପ୍ରସ୍ତୁତି ଶେଷ ହୋଇଛି। ଅନ୍ୟପଟେ ସଜେଇ ହେଉଛି ପୂଜାମଣ୍ଡପ। ଖୋର୍ଦ୍ଧା ସହରରେ ବିଭିନ୍ନ ପୂଜା ମଣ୍ଡପରେ ଗଣେଶପୂଜା ଆଡ଼ମ୍ବରରେ ପାଳିତ ହୋଇଥାଏ। ଚଳିତ ବର୍ଷ ସବୁଠି ଉଚ୍ଚା ମୂର୍ତ୍ତି, ସାଜସଜ୍ଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ନେଇ ବିଭିନ୍ନ ପୂଜା କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଶୃଙ୍ଖଳିତ ପୂଜା ଆୟୋଜନ ନେଇ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପକ୍ଷରୁ ସହର ପୂଜା କମିଟି ସଦସ୍ୟମାନଙ୍କୁ ନେଇ ଥାନା ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତି, ସଦର ଏସ୍‌ଡିପିଓ ଅନିଲ ମହାନ୍ତି ଏବଂ ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୨୬ଟି ପୂଜା ମଣ୍ଡପ କମିଟିର ୫୫ଜଣ ସଦସ୍ୟ ଯୋଗଦେଇଥିଲେ। ଶୃଙ୍ଖଳିତ ପୂଜା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ପୂଜା ମଣ୍ଡପରେ ଧୂମ୍ରପାନ, ମଦ୍ୟପାନକୁ ନିଷିଦ୍ଧ କରାଯାଇଛି। ସପ୍ତଦିନ ଧରି ପୂଜା ଚାଲିବ। ଚଳିତ ବର୍ଷ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଆକର୍ଷଣୀୟ ପୂଜା ଆୟୋଜନ ଲାଗି ପ୍ରତିଯୋଗିତା ମନୋଭାବ ନ ରଖି ପରସ୍ପର ମଧ୍ୟରେ ଭାଇଚାରା, ସ୍ନେହ ପୂର୍ବକ ପୂଜା ଆୟୋଜନ ପାଇଁ ଅତିରିକ୍ତ ଏସ୍‌ପି ମହାନ୍ତି ପରାମର୍ଶ ଦେଇଛନ୍ତି।

# ଆଜିଠୁ ୮ମ ଜଟଣୀ ଗଣେଶ ମହୋତ୍ସବ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଜଟଣୀ,୬।୯(ରବୀନ୍ଦ୍ରନାଥ ମହାକୁଡ଼)

ଶ୍ରୀଗଣେଶ ଚତୁର୍ଥୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ କଳିଙ୍ଗ ଯୁବ ପରିଷଦ ପକ୍ଷରୁ ୮ମ ଜଟଣୀ ଗଣେଶ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ଜଟଣୀସ୍ଥିତ ଶରତ ପାଇକରାୟ ଖେଳପଡ଼ିଆ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ସଭାପତି ରବିନାରାୟଣ ଦାଶଙ୍କ ସଭାପତିତ୍ୱରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ଆବାହକ ସୀତାକାନ୍ତ ନାୟକ, ସମ୍ପାଦକ ସମୀର ଜେନା, ସୁରଜ ପାଇକରାୟଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ଯୋଗଦେଇଥିଲେ।

ପ୍ରତିଦିନ ସନ୍ଧ୍ୟାରେ ମହୋତ୍ସବ ମଞ୍ଚରେ ମନ୍ତ୍ରୀ, ବିଧାୟକଙ୍କ ସମେତ ପ୍ରଶାସନିକ ଅଧିକାରୀ, ପ୍ରତିଷ୍ଠିତ କଳାକାର ଅତିଥିଭାବେ ଯୋଗଦେବେ। ଏଥିସହ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମହୋତ୍ସବ ପଡିଆରେ ଦୁଇଟି ଯାତ୍ରା, ମିନାବଜାର ସହିତ ୨ଶହ ବିଭିନ୍ନ ସରକାରୀ ଏବଂ ବେସରକାରୀ ଷ୍ଟଲ ସ୍ଥାପନ ହେବ ବୋଲି ସମ୍ପାଦକ ସମୀର ଜେନା କହିଛନ୍ତି। ପ୍ରତିଦିନ ସନ୍ଧ୍ୟା ୬ଟା ୩୦ରୁ ରାତି ୧୦ଟା ୩୦ ପର୍ଯ୍ୟନ୍ତ ମହୋତ୍ସବ ପଡିଆ ଦର୍ଶକଙ୍କ ପାଇଁ ଖୋଲା ରହିବା ସହିତ ମୋବାଇଲ ଟଏଲେଟ, ପାନୀୟଜଳ, ଯାନବାହନ ରଖିବା ପାଇଁ ପାର୍କିଂ ବ୍ୟବସ୍ଥା ରହିବ। ଭଲ୍ୟୁଣ୍ଟିୟର ନିୟୋଜିତ ହେବେ ବୋଲି ଅନୁଷ୍ଠାନର ଆବାହକ ସୀତାକାନ୍ତ ନାୟକ କହିଛନ୍ତି।

### କନିଷ୍ଠ ଶିକ୍ଷକ ପ୍ରାଥମିକ ଯୋଗ୍ୟତା ତାଲିକାରେ ଜାଲ୍ ପ୍ରମାଣପତ୍ରଧାରୀ

ବେଗୁନିଆ,୬।୯(ସନ୍ଧ୍ୟାରାଣୀ ମିଶ୍ର)

ରାଜ୍ୟ ସରକାର କନିଷ୍ଠ ଶିକ୍ଷକ ନିଯୁକ୍ତ ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିବା ପରେ ଯୋଗ୍ୟ ପ୍ରାର୍ଥିନୀ, ପ୍ରାର୍ଥୀମାନେ ଉପଯୁକ୍ତ ପ୍ରମାଣପତ୍ର ଦେଇ ଆବେଦନ କରିଥିଲେ। ମାତ୍ର ଜାଲ ପ୍ରମାଣପତ୍ର ଦେଇ କେତେଜଣ ଆବେଦନକାରୀ ଖୋର୍ଦ୍ଧା ଜିଲାରେ ଏହାର ଫାଇଦା ନେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଫଳରେ ଯୋଗ୍ୟ ବିବେଚିତ ପ୍ରାର୍ଥିନୀ, ପ୍ରାର୍ଥୀମାନେ ସୁଯୋଗ ପାଇବାରୁ ବଞ୍ଚିତ ହେବେ। ବାହାର ଜିଲାର କେତେଜଣ ଜାଲ ପ୍ରମାଣ ପତ୍ରଧାରୀ ପ୍ରାର୍ଥିନୀ, ପ୍ରାର୍ଥୀମାନେ ଏଠାରେ ଆବେଦନ କରିଥିବା ଜଣାପଡିଛି। କେତେଜଣ ଜାଲ ଭିନ୍ନକ୍ଷମ ପ୍ରମାଣପତ୍ରଧାରୀ ଆବେଦନକାରୀଙ୍କ ନାମ ପ୍ରାଥମିକ ଯୋଗ୍ୟତା ଚୟନ ତାଲିକାରେ ଥିବା ଜଣାପଡିଛି। ବାସ୍ତବରେ ସମ୍ପୃକ୍ତ ପ୍ରାର୍ଥୀଙ୍କ କୌଣସି ଶାରୀରିକ ଅକ୍ଷମତା ନ ଥିବା ବେଳେ ନିଜ ଜିଲାରେ ଧରାପଡ଼ିବା ଭୟରେ ଏଠାରେ ଆବେଦନ କରିଛନ୍ତି। ଏନେଇ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ କହିଛନ୍ତି, ଅଭିଯୋଗ ଆସିଲେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### କାଚ ବୋତଲରେ ଶ୍ରୀଗଣେଶ

ଖୋର୍ଦ୍ଧା,୬।୯(ପ୍ରଭାତ ପାଣିଗ୍ରାହୀ)



ଶନିବାର ଧରାପୃଷ୍ଠରେ ଅବତରଣ କରିବେ ଶ୍ରୀଗଣେଶ। ଏଥିପାଇଁ ସବୁଠି ରହିଛି ଉତ୍ସାହ। ଏହାର ଅବ୍ୟାହତ ପୂର୍ବରୁ ଜଟଣୀ ଗୋପୀନାଥପୁର ହାଟବଜାରର ସୂକ୍ଷ୍ମ କଳାକାର ଏଲ୍ ଈଶ୍ୱର ରାଓ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୭୫୦ମିଲି ଲିଟର କାଚ ବୋତଲ ଭିତରେ ଆଇସକ୍ରିମ ଷ୍ଟିକ୍ସରେ ତିଆରି କରିଛନ୍ତି ଶ୍ରୀଗଣେଶ। ଏହି ବୋତଲରେ ସୂକ୍ଷ୍ମ କଳାରେ ପ୍ରସ୍ତୁତ ମନ୍ଦିରରେ ବିଜେ କରିଛନ୍ତି ଶ୍ରୀଗଣେଶ। ଏଥିପାଇଁ ତାଙ୍କୁ ୧୦ଦିନ ସମୟ ଲାଗିଛି। ଆଇସକ୍ରିମ ଷ୍ଟିକ୍ସ, ସିଲଭର ପେପର ଓ ସୁତୁଲି ବ୍ୟବହାର କରିଛନ୍ତି। ଏହାର ଉଚ୍ଚତା ୫ଇଞ୍ଚ ଏବଂ ଓସାର ସାଢ଼େ ୨ଇଞ୍ଚ। ଅରଖଗଛ ଚେରରେ ୧ଇଞ୍ଚ ଉଚ୍ଚତାର ମୂର୍ତ୍ତି ତିଆରି ହେଇଛି। ଏହି ସୂକ୍ଷ୍ମ କଳା ମାଧ୍ୟମରେ ଗଣେଶ ପୂଜାର ଶୁଭେଚ୍ଛା ଜଣାଇଛନ୍ତି। ପରିବେଶ ସନ୍ତୁଳନ ପାଇଁ ମାଟିରେ ମୂର୍ତ୍ତିକୁ ପୂଜା କରିବାକୁ ଆହ୍ୱାନ କରିଛନ୍ତି। ପ୍ରତିବର୍ଷ ସେ ଈଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ଅନୁଷ୍ଠାନ ପକ୍ଷରୁ ଇକୋ ଫ୍ରେଣ୍ଡଲି ମାଟି ଓ ପଞ୍ଚଗବ୍ୟରେ ନିର୍ମିତ ଗଣେଶ ମୂର୍ତ୍ତି ଲୋକଙ୍କୁ ବାଣ୍ଟୁଛନ୍ତି।

# ବିଦ୍ୟାଳୟସ୍ତରୀୟ ଶିକ୍ଷାଦାନ ପ୍ରତିଯୋଗିତା

ବୋଲଗଡ,୬।୯(ଦେବବ୍ରତ ହୋତା)



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ସଂପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ନୟାଗଡ ଜିଲା ବନ୍ଦଦ୍ୱାରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଚିତ୍ର ଘଡ଼େଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥଲେ।

ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଛାତ୍ରୀମାନେ ଗୁରୁବନ୍ଦନା ଗାନ କରିଥିଲେ। ଗୁରୁପୂଜନ ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଇଂଲିଶ, ଗଣିତ ଓ ବିଜ୍ଞାନରେ ଶିକ୍ଷାଦାନ ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ, ସୌଦାମିନୀ ପରିଡ଼ା, ଶୁଭଶ୍ରୀ ଧଳ, ସ୍ରୋତାଲିନି ସାହୁ, ଦୀପ୍ତିରଞ୍ଜନ ଦାସ ଏବଂ ବିଭୁପ୍ରସାଦ ମହାପାତ୍ର ବିଚାରକଭାବେ ଯୋଗଦେଇଥିଲେ। ଇଂଲିଶରେ ଭବସ୍ମିତା ମଙ୍ଗରାଜ, ବିଶ୍ୱରଞ୍ଜନ ଦତ୍ତ, ନୃସିଂହ ଝପଟସିଂହ, ଗଣିତରେ ଓମ୍ ପ୍ରକାଶ ନାୟକ, ଅନନ୍ୟା ଅପରୂପା ଦାସ, ସଞ୍ଜୟ ପ୍ରକାଶ ସାହୁ, ବିଜ୍ଞାନରେ ଶୁଭଙ୍କର ପୃଷ୍ଟି, ଶୁଭମଭବ ରାଉତ, ଶୁଭଶ୍ରୀ ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହାପରେ 'ଗୁରୁଦିବସ ପାଳନର ତାତ୍ପର୍ଯ୍ୟ' ପ୍ରସଙ୍ଗ ଉପରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ସ୍ମିତାସିନ୍ଧୁ ମହାପାତ୍ର, ନମିତା ସାହୁ ଏବଂ ଅଂଶୁମାନ ଧଳ ମୂଲ୍ୟାଙ୍କନ କରି ସସ୍ମିତା ସାହୁ, ଶୁଭଙ୍କର ପୃଷ୍ଟି ଓ କ୍ଷୀରାବ୍ଧି ତନୟା ପ୍ରଧାନଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରଖିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଘଡ଼େଇ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ସୁବୁଦ୍ଧି, ଶିବ ପ୍ରଧାନ, ସମ୍ବିତ କେଦାର କର, ସ୍ନେହଲତା ପାଇକରାୟ, କୃଷ୍ଣଚନ୍ଦ୍ର ଝପଟସିଂହ ଏବଂ ଆନନ୍ଦ ସେନାପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କଂଗ୍ରେସ ନେତା କୁବେର କଳସଙ୍କ ସ୍ମୃତିଚାରଣ



ଟାଙ୍ଗୀ,୬।୯(ରଘୁନାଥ ସାହୁ)

କଂଗ୍ରେସ ନେତା କୁବେର କଳସଙ୍କ ଦ୍ୱାଦଶାହ ଅବସରରେ ସ୍ମୃତିଚାରଣ ସଭା ଶୁକ୍ରବାର ଟାଙ୍ଗୀ ରାମଲୀଳା ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା କଂଗ୍ରେସ ଓ ଟାଙ୍ଗୀ ବ୍ଲକ୍ କଂଗ୍ରେସ ମିଳିତ ସହାୟତାରେ ଏହି ସ୍ମୃତିଚାରଣ ସଭାରେ ବିଶିଷ୍ଟ ସାମାଜିକ କର୍ମୀ ସଞ୍ଜୟ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ରାଜ୍ୟ ପିସିସି ସଭାପତି ଜୟଦେବ ଜେନା, କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ପୂର୍ବତନ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷଣ ଶ୍ରୀଚନ୍ଦନ, ବଡ଼ପାରି ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ସାମାଜିକ କର୍ମୀ ବିଜୟ କୁମାର ମହାପାତ୍ର, ଖୋର୍ଦ୍ଧା ଜିଲା କଂଗ୍ରେସର ଉପସଭାପତି ବିଶ୍ୱଭୂଷଣ ଛୋଟରାୟ, ପୂର୍ବତନ ଖୋର୍ଦ୍ଧା ଜିଲା ଛାତ୍ର କଂଗ୍ରେସ ସଭାପତି ସୌମ୍ୟ ପଟ୍ଟନାୟକ, ବ୍ଲକ୍ କଂଗ୍ରେସ ସଭାପତି ସୁକାନ୍ତ ରାଉତରାୟ, ସୋନାଲି ସାହୁ, ପ୍ରଦୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକ-ଶିକ୍ଷାର୍ଥୀଙ୍କ ମଧ୍ୟରେ ସୁସମନ୍ୱୟ ଦ୍ୱାରା ଶିକ୍ଷାଲାଭ ସାର୍ଥକ ହୁଏ

ନିରାକାରପୁର,୬।୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ଆର୍ଯ୍ୟବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥଙ୍କ ପୌରୋହିତ୍ୟରେ ଅତିଥିଭାବେ ଅନୁଷ୍ଠାନର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ଗୁରୁଦିବସ ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିହାର ରଞ୍ଜନ ସାମନ୍ତରାୟ, ଅକ୍ଷୟ ମହାପାତ୍ର, ମନୋରଞ୍ଜନ ଦାସ, ଜିତେନ୍ଦ୍ର ପୃଷ୍ଟି, ସୁନିତା ପ୍ରଧାନ, ସସ୍ମିତା ସ୍ୱାଇଁ, ସଞ୍ଜୁଲତା ଦାସ ପ୍ରମୁଖ ସହଯୋଗ କରିଥିଲେ। ଅନୁରୂପ ଭାବେ କମାଗୁରୁ ହାଇସ୍କୁଲ, ଜଙ୍କିଆ ଭଗବତଦେବ ବିଦ୍ୟାପୀଠ, ରେଙ୍ଗଟା ପ୍ରାଥମିକ ବିଦ୍ୟାଳୟ, କୁନିଆ ସାମନ୍ତରାପୁର ପ୍ରାଥମିକ ବିଦ୍ୟାଳୟ, ବାଲିପାଟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅରାଞ୍ଚଳ ଖଣ୍ଡହତା ପ୍ରାଥମିକ ବିଦ୍ୟାଳୟ, ଡିଆ ପ୍ରାଥମିକ ବିଦ୍ୟାଳୟ, ଚିତ୍ରକୁଟ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଗୁରୁଦିବସ ପାଳିତ ହୋଇଯାଇଛି।

**ଟାଙ୍ଗୀ,(ରଘୁନାଥ ସାହୁ):** ଚାନ୍ଦପୁର ସ୍ଥିତ ଶ୍ରୀସତ୍ୟସାଇ ବିଦ୍ୟା ମନ୍ଦିର ପରିସରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଗୁରୁଜୀ ଗୁରୁମା'ଙ୍କୁ ବନ୍ଦାପନା ପୂର୍ବକ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରଧାନ ଶିକ୍ଷକ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ପରିଚାଳନା କମିଟି ସଦସ୍ୟ ବିଜୟ ରାଉତ ଯୋଗଦେଇଥିଲେ। ଗୁରୁମା' ନୀଳିମା ମହାନ୍ତି, ଭାରତୀ ବିଶ୍ୱାଳ, ସୁମିତ୍ରା ମହାରଣା, କ୍ରିଷ୍ଣା ପରିଡା, ନମିତା ରାଉତ, କଲ୍ୟାଣୀବାଳା ମହାରଣା, ପ୍ରମିଳା ପ୍ରଧାନ ମତବ୍ୟକ୍ତ କରିଥିଲେ। ପ୍ରଗତିକା ପ୍ରିୟଦର୍ଶିନୀ ପଲାଇ, କଳ୍ପନା ପ୍ରଧାନ, ଶିଲ୍ପା ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ, ସରକାରୀ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ପଣସପୁର ପାଟଣା ପ୍ରାଥମିକ ବିଦ୍ୟାଳୟ, ବଡ଼ପାରୀ ଉଚ୍ଚ ବିଦ୍ୟାଳୟ, ଚାନ୍ଦପୁର ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ମହର୍ଷି ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସୁନ୍ଦରପୁର ପଦ୍ମ କୁମୁଦ ବିଦ୍ୟା ନିକେତନ, ଚଣ୍ଡେଶ୍ୱର ସ୍ଥିତ ପାରିଓରଡ଼ ଉଚ୍ଚ ବିଦ୍ୟାଳୟ, କୁହୁଡି ଜନତା ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି।

ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବୀଣାପାଣି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ବାଇଧର ବେହେରା, ଅଙ୍ଗନବାଡିକର୍ମୀ ଭାରତୀ ଦେଇ, ରାଜେଶ୍ୱରୀ ହାଲଦାର, ପରିଚାଳନା କମିଟି ସଭାପତି ରାଜୁ ଡାଲି ପ୍ରମୁଖ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିଶୁମାନେ ଗୁରୁଙ୍କୁ ବନ୍ଦପନା କରି ଆଶୀର୍ବାଦ ଲଭିଥିଲେ। ଲଳିତ ନାରାୟଣ ମହାପାତ୍ର ସ୍ୱ ରଚିତ କବିତା ପଠନ କରିଥିଲେ। ଶିକ୍ଷକ ବାଇଧର ବେହେରା, ଲଳିତ ନାରାୟଣ ମହାପାତ୍ର, ବୀଣାପାଣି ବେହେରା, ପରିଚାଳନା କମିଟି ସଭାପତି ରାଜୁ ଡାଲି, ସୁନ୍ଦରପୁର ସରପଞ୍ଚ ସୁଜିତ ହାଲଦାର, ସିଆରସିସି ଅମିତ ଚକ୍ରବର୍ତ୍ତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲଳିତ ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।



**ବାଲୁଗାଁ,(ସଂଗ୍ରାମ ପାଇକରାୟ):** ପୂର୍ବତନ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ଅବସରରେ ବାଲୁଗାଁ ମହାବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଦର୍ଶନ ବିଭାଗ ମୁଖ୍ୟ ଡ. କୈଳାସ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଜୟ କୁମାର ନନ୍ଦ ଯୋଗଦେଇ କହିଥିଲେ, ଶିକ୍ଷକମାନେ ହେଉଛନ୍ତି ସମାଜର ଦର୍ପଣ। ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧି ବୈଦିକ ପରମ୍ପରାରେ ଗୁରୁଙ୍କ ସ୍ଥାନ ଓ ସମାଜ ଗଠନରେ ସେମାନଙ୍କର ଅଙ୍ଗିକାରବଦ୍ଧତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଗୁରୁ ଗୌରବ ସମ୍ମାନ ପ୍ରଫେସର ବିଜୟ କୁମାର ନନ୍ଦଙ୍କୁ ପ୍ରଦାନ କରାଯାଇଥିଲା। ସେମିନାର ସଂଯୋଜିକା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଗୁରୁଦିବସର ତାତ୍ପର୍ଯ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରରେ ଗତ ସ୍ନାତକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଜ୍ୟୋତି ବିଶ୍ୱାସ, ପ୍ରବନ୍ଧ ଓ କୁଇଜ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀ ସରସ୍ୱତୀ ଘଟୁଆଳି, ଲକ୍ଷ୍ମୀପ୍ରିୟା ପ୍ରଧାନ, ସନ୍ଧ୍ୟାରାଣୀ ପାଇକରାୟ, ଲୋପା ସେନ, କ୍ରିଷ୍ଣା ସୁନ୍ଦରାୟ ଓ ସରସ୍ୱତୀ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରାଣୀ ପାଇକରାୟ ଧନ୍ୟବାଦ ଦେଇଥିଲେ।

**ବିଜ୍ଞାନମେଳାରେ ୯୩ ପ୍ରକଳ୍ପ ପ୍ରଦର୍ଶିତ**

ଚୌଦ୍ୱାର (ଆଶୁତୋଷ ଦାସ): ଚୌଦ୍ୱାର ହିଙ୍ଗୁଳାଇ ରୋଡ଼ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ବିଜ୍ଞାନମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଜୁନିୟର, ସବ୍‌ଜୁନିୟର ଓ ସିନିୟର ବିଭାଗର ଛାତ୍ରୀଛାତ୍ର ୯୩ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଅଧ୍ୟକ୍ଷ ଶକ୍ତି ପ୍ରସାଦ ମହାନ୍ତି ଓ ପ୍ରଜ୍ଞାଭାରତୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଳାରେ କଳିଙ୍ଗ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଭାରତୀ ମହାନ୍ତି, ସତ୍ୟ କର, କବିତା ମହାରଣା, ଶିକ୍ଷକ ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।



## ସଂକ୍ଷେପରେ

### ପ୍ରବନ୍ଧ ପ୍ରତିଯୋଗିତା

କଟକ ସଦର,୬।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଟାଟା ବିଲ୍ଡିଂ ଇଣ୍ଡିଆ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ଜୁନିୟର ବର୍ଗରେ ଅନ୍ୱେଷା ଜେନା ପ୍ରଥମ, ଅଭିମନ୍ୟୁ ପୃଷ୍ଟି ଦ୍ୱିତୀୟ ଓ ସ୍ୱାଗତ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସିନିୟର ବର୍ଗରେ ଆବାହନୀ ଜେନା ପ୍ରଥମ, ସରସ୍ୱତୀ ଓଝା ଦ୍ୱିତୀୟ, ଅଂଶୁମାନ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କୃତୀ ଛାତ୍ରୀଛାତ୍ରଙ୍କୁ ପରିଚାଳନା କମିଟି ସମ୍ପାଦକ ନବଘନ ରାଉତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗୀମାନେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି।

### ୧୪ରୁ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏଶନର ବାର୍ଷିକ ସମ୍ମିଳନୀ

କଟକ,୬।୯ (କାର୍ତ୍ତିକ ସାହୁ)

କଟକ ମାତୃଭବନସ୍ଥିତ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏଶନର ୩୫ତମ ବାର୍ଷିକ ସମ୍ମିଳନୀ ଆସନ୍ତା ୧୪ ଓ ୧୫ ତାରିଖରେ ସ୍ଥାନୀୟ ସାରଳା ଭବନଠାରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି ସାମଗ୍ରିକ ସ୍ୱାସ୍ଥ୍ୟ, ଶିକ୍ଷା। ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଭାବଧାରାକୁ ପ୍ରବେଶ କରାଇବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ମୁଖ୍ୟ ଅତିଥି ଭାବେ ଜାତୀୟ ଶିକ୍ଷା କାଉନ୍‌ସିଲ ଚେୟାରମ୍ୟାନ ଡ. ବି. ଏନ୍. ଗଙ୍ଗାଧର ଏବଂ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ଡ. ମାନସ ରଞ୍ଜନ ସାହୁ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ମିଶ୍ର ଯୋଗଦେବା କାର୍ଯ୍ୟକ୍ରମ ରହିଛି। ୨ଦିନିଆ ଏହି କାର୍ଯ୍ୟକ୍ରମରେ ଜାତୀୟସ୍ତରର ଡ. ଭାଲେନ୍ଦୁ ବୈଷ୍ଣବ, ଡ. ସ୍ମୃତି ବୈଷ୍ଣବ, ଡ. ନିଖିଲ ଖରୋଡ, ଡ. କେ. ଆର୍. ସେଥୁରମଣଙ୍କ ସମେତ ସ୍ଥାନୀୟ ଅଭିଜ୍ଞ ଚିକିତ୍ସକ ତଥା ସ୍ୱାସ୍ଥ୍ୟ ଶିକ୍ଷାବିତ୍‌ମାନେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଓଡ଼ିଶାର ସବୁ ଜିଲାରୁ ମାତୃପ୍ରେମୀ ଭଉଣୀଭାଇ ବହୁସଂଖ୍ୟାରେ ଏଥିରେ ଯୋଗଦେବେ ବୋଲି ମାତୃଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ପ୍ରଫେସର ଡା. ଶ୍ୟାମା କାନୁନ୍‌ଗୋ, ପ୍ରସାଦ ତ୍ରିପାଠୀ, ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ଡ. ପ୍ରତାପ ରଥ, ଡ. ତୋଫାନ ପତି, ସମରେନ୍ଦ୍ର ରାଉତ ଓ ଯତୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟ୍ରେଚର, ହୁଇଲ ଚେୟାର ପାଇଁ ରୋଗୀ ହଟହଟା

**ଏସ୍‌ସିବି ସୁପରସ୍ପେଶାଲିଟି ବର୍ହିର୍ବିଭାଗ**

- ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟରେ ପଡ଼ି ରହିଛି ନୂଆ ଷ୍ଟ୍ରେଚର
- ବାହାରୁ ହୁଇଲ ଚେୟାର କିଣି ବ୍ୟବହାର କରୁଛନ୍ତି ରୋଗୀ



ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟରେ ରଖାଯାଇଥିବା ଷ୍ଟ୍ରେଚର।

କଟକ,୬।୯(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ (ଏସ୍‌ସିବି)କୁ ବିଶ୍ୱସ୍ତରୀୟ ମେଡିକାଲରେ ପରିଣତ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏଠାରେ ଭିତ୍ତିଭୂମି ସୁଦୃଢ଼ କରାଯାଉଛି। ହେଲେ ମେଡିକାଲରେ ଅନେକ ଅବ୍ୟବସ୍ଥା ରହିଛି। ବିଶେଷକରି ଏସ୍‌ସିବି ସୁପରସ୍ପେଶାଲିଟି ବର୍ହିର୍ବିଭାଗରେ ଷ୍ଟ୍ରେଚର ଓ ହୁଇଲ୍ ଚେୟାର ଅଭାବ ଯୋଗୁ ରୋଗୀମାନେ ଯାତାୟତ ପାଇଁ ହଟହଟା ହେଉଛନ୍ତି। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ବିଭାଗକୁ ପ୍ରତିଦିନ ୨୦୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଡାକ୍ତରଙ୍କ ପରାମର୍ଶ ପରେ ସେମାନଙ୍କୁ ଅନ୍ୟ ବିଭାଗକୁ ଯିବାକୁ ପଡୁଛି। ଷ୍ଟ୍ରେଚର କିମ୍ବା ହୁଇଲ ଚେୟାର ଆବଶ୍ୟକ କରୁଥିବା ରୋଗୀଙ୍କ ସମ୍ପର୍କୀୟ ନିଜ ପରିଚୟ ପତ୍ର କିମ୍ବା ମୋବାଇଲ ଏକ ପ୍ରକାରର ବନ୍ଧା ପକାଇ ନେଇଥାନ୍ତି। ପରେ ସେମାନେ ଷ୍ଟ୍ରେଚର ଓ ହୁଇଲ ଚେୟାର ଫେରାଇଲେ ହିଁ ରଖିଥିବା ଜିନିଷକୁ ମେଡିକାଲ କର୍ମଚାରୀ ଫେରାଇଥାନ୍ତି। ହେଲେ ଉକ୍ତ ବିଭାଗରେ ରୋଗୀଙ୍କ ପାଇଁ ମାତ୍ର ୨ଟି ଷ୍ଟ୍ରେଚର ଓ ଗୋଟିଏ ହୁଇଲ ଚେୟାର ରହିଛି। ଏହା ରୋଗୀଙ୍କ ଆବଶ୍ୟକତାକୁ ପୂରଣ କରିପାରୁନାହିଁ। ଆବଶ୍ୟକ ସଂଖ୍ୟକ ଷ୍ଟ୍ରେଚର ଓ ହୁଇଲ ଚେୟାର ନ ଥିବାରୁ ଯାତାୟାତ ପାଇଁ ରୋଗୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏପରି କି ଦରକାର ସମୟରେ ହୁଇଲ ଚେୟାର ମିଳୁ ନ ଥିବାରୁ ରୋଗୀଙ୍କ ପାଇଁ ତାଙ୍କ ସମ୍ପର୍କୀୟ ହୁଇଲ ଚେୟାର କିଣି ଆଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ସେହିପରି ଷ୍ଟ୍ରେଚର ପାଇଁ ରୋଗୀଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ପରିସରରେ କେତେକ ନୂଆ ଷ୍ଟ୍ରେଚର ରଖାଯାଇଛି। ସେଥିମଧ୍ୟରୁ କିଛି ଷ୍ଟ୍ରେଚରରେ ଜଙ୍କ ଲାଗିବା ଆରମ୍ଭ କଲାଣି। ଉକ୍ତ ବିଭାଗର ଜଣେ କର୍ମଚାରୀ ପରିଚୟ ଗୋପନ ରଖି କହିଛନ୍ତି, ମେଡିକାଲରେ ବହୁ ନୂଆ ଓ ପୁରୁଣା ଷ୍ଟେଚର ରହିଛି। ହେଲେ ବ୍ୟବହାର କରାଯାଉ ନ ଥିବାରୁ ସେଥିମଧ୍ୟରୁ କେତେକ ଖତ ଖାଉଛି। ରୋଗୀଙ୍କ ଆବଶ୍ୟକତା ଥିବା ଜାଣି ମଧ୍ୟ ସେମାନଙ୍କୁ ଯୋଗାଇ ପାରୁନୁ। ଅନେକ ସମୟରେ ରୋଗୀ ଓ ସେମାନଙ୍କ କିଛି ନ ବୁଝି ମେଡିକାଲ କର୍ମଚାରୀଙ୍କୁ ଦୋଷ ଦେଉଛନ୍ତି। ଏ ସମ୍ପର୍କରେ ରୋଗୀ ସମ୍ପର୍କୀୟ ଖୋର୍ଦ୍ଧା ଅଞ୍ଚଳର ଜ୍ୟୋତିରଞ୍ଜନ ଭଞ୍ଜ କହିଛନ୍ତି, ବର୍ହିର୍ବିଭାଗକୁ ରୋଗୀ ଆଣିବା ପାଇଁ ନାକେଦମ ହେବାକୁ ପଡୁଛି। ରୋଗୀ ଚାଲି ପାରୁ ନ ଥିବାବେଳେ ହୁଇଲଚେୟାର ପାଇଁ କହିବାରୁ କର୍ମଚାରୀ ମନା କରି ଫେରାଇ ଦେଉଛନ୍ତି। ବହୁ ଅସୁବିଧା ହେବାରୁ ବାଧ ହୋଇଛି ହୁଇଲ ଚେୟାର କିଣିଛି। ମେଡିକାଲର ଅବ୍ୟବସ୍ଥା ଉପରେ କର୍ତ୍ତୃପକ୍ଷ ଧ୍ୟାନ ଦେବା ଆବଶ୍ୟକ। ଏ ସମ୍ପର୍କରେ ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ରୋଗୀଙ୍କ ପାଇଁ ନୂତନ ଷ୍ଟ୍ରେଚର ଅଣାଯାଇଛି। ଏହାକୁ ସୁରକ୍ଷିତ ଭାବେ ରଖାଯିବା ସହ ରୋଗୀଙ୍କ କାର୍ଯ୍ୟରେ ଲାଗିବ ବୋଲି ରାଉତ କହିଛନ୍ତି।

# ବସ୍ତିରେ ସରକାରୀ ଯୋଜନା ପହଞ୍ଚାଇବା ଜରୁରୀ



ବୈଠକରେ ଏମ୍‌ପି ବୈଜୟନ୍ତ ପଣ୍ଡା, ଭାଜପା ନେତା ଅରିନ୍ଦମ ରଏଙ୍କ ସମେତ ଅନ୍ୟମାନେ।

**ଟାଙ୍ଗୀ ଭାଜପା ମଣ୍ଡଳସ୍ତରୀୟ ବୈଠକ**

ମଙ୍ଗୁଳି-ଜଗତପୁର,୬।୯(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ସଫା ପଞ୍ଚାୟତର ଅଲେଖ ଗୁମ୍ଫି ପରିସରରେ ଟାଙ୍ଗୀ ଭାଜପା ମଣ୍ଡଳସ୍ତରୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚିବା ଉପରେ ଆଲୋଚନା ହୋଇଥିଲା। ଏଥିରେ କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା ଯୋଗଦେଇ କହିଛନ୍ତି, ପୂର୍ବରୁ ସରକାରୀ ଯୋଜନା ଏହି ଅଞ୍ଚଳର ଆଦିବାସୀ ଅଧ୍ୟୁଷିତ ବସ୍ତିଗୁଡିକରେ ପହଞ୍ଚି ପାରୁ ନ ଥିଲା। ସେଥିଯୋଗୁ ବିକାଶ ହୋଇପାରି ନାହିଁ। ଏବେ ବସ୍ତିଗୁଡିକରେ ସରକାରୀ ଯୋଜନା ପହଞ୍ଚାଇବା ପାଇଁ ସମସ୍ତେ ପ୍ରୟାସ କରିବା ଜରୁରୀ ବୋଲି ପଣ୍ଡା କହିଛନ୍ତି। ଏହି ବୈଠକରେ ଭାଜପା ନେତା ଅରିନ୍ଦମ ରଏ, ଯୁବ ସଙ୍ଗଠକ ହିମାଂଶୁ ମହାନ୍ତି, ଅଲେଖ ଚନ୍ଦ୍ର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚୌଧୁରୀ ହେମନ୍ତ ସାହୁ, ଶାଳଗାଁ ସରପଞ୍ଚ ପବିତ୍ର ମୋହନ ଉପାଧ୍ୟାୟ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ସତ୍ୟବାଦୀ ଚଇନି, ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରଫୁଲ୍ଲ ନାୟକ, କଟକ ଜିଲା ସମ୍ପାଦକ ଆକାଶ ପାତ୍ର, ଉପସଭାପତି ଧନେଶ୍ୱର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।




୪ ଦଫା ଦାବି ନେଇ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଶୁକ୍ରବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ୫୫୦ ଲିଟର ଦେଶୀମଦ, ବୁଲେଟ୍ ଜବତ

**ଅବକାରୀ ଚଢ଼ାଉ**

- ସାନଭାଇ ଗିରଫ, ବଡ଼ ଫେରାର

ମଙ୍ଗୁଳି-ଜଗତପୁର,୬।୯ (ମାନସ ସାମଲ)

ଦେଶୀମଦ ବିକ୍ରି ଅଭିଯୋଗରେ ଚୌଦ୍ୱାର ଅବକାରୀ ବିଭାଗ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ଅଧୀନ ଲକ୍ଷ୍ମଣପୁରର ସତ୍ୟବ୍ରତ ରଥ। ତାଙ୍କ ନିକଟରୁ ୫୫୦ ଲିଟର ଦେଶୀମଦ ଓ ଏକ ବୁଲେଟ୍ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ସତ୍ୟବ୍ରତଙ୍କ ବଡ଼ଭାଇ ଫେରାର ଅଛନ୍ତି। ସତ୍ୟବ୍ରତଙ୍କ ଘରେ ବେଆଇନ ଭାବେ ଦେଶୀରନ୍ଧା ମଦ ବିକ୍ରି ହେଉଥିଲା। ଖବରପାଇ ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟାରେ ଚୌଦ୍ୱାର ଅବକାରୀ ବିଭାଗ ସତ୍ୟବ୍ରତଙ୍କ ଘରେ ଚଢ଼ାଉ କରି ମଦ ଜବତ କରିଥିଲା। ଅବକାରୀ ବିଭାଗ କର୍ମଚାରୀଙ୍କୁ ଦେଖି ସତ୍ୟବ୍ରତ ବୁଲେଟ୍‌ରେ ଫେରାର ହୋଇଯାଉଥିଲେ। ଆଇବିରୋଡ୍ ନିକଟରେ ଅବକାରୀ ବିଭାଗ ତାଙ୍କୁ କାବୁ କରିଥିଲା। ଏନେଇ ଚୌଦ୍ୱାର ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୩୭/୨୪) ରୁଜୁ ହୋଇଛି। ଜବତ ମଦର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କା ହେବ ବୋଲି ଇନ୍ସପେକ୍ଟର ମାନସୀ ନାୟକ କହିଛନ୍ତି।

# ସ୍ୱାସ୍ଥ୍ୟସେବା ଶିବିର

କଟକ,୬।୯ (କାର୍ତ୍ତିକ ସାହୁ)

ଖପୁରିଆସ୍ଥିତ ବୀମା ଚିକିତ୍ସାଳୟ ପକ୍ଷରୁ ନୂଆପଡ଼ାଠାରେ ସ୍ୱାସ୍ଥ୍ୟ ସେବା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜଗତପୁର, ଅଡ଼ଶପୁର ଓ ତ୍ରିଶୂଳିଆଠାରେ ଥିବା ବୀମା ଚିକିତ୍ସାଳୟର ମେଡିକାଲ ଅଫିସର ଓ କର୍ମଚାରୀ ରୋଗୀ ଚିକିତ୍ସା କରିଥିଲେ। ଏଥିରେ ରାଜ୍ୟ କର୍ମଚାରୀ ବୀମା ଚିକିତ୍ସାଳୟର ମେଡିକାଲ ଅଫିସର ଡା. ସୌମ୍ୟ ଦତ୍ତ, ଜଗତପୁର ଇଏସ୍‌ଆଇ ବ୍ରାଞ୍ଚ ମ୍ୟାନେଜର ଉମେଶ ଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ବୀମା ଚିକିତ୍ସାଳୟ ଜଗତପୁରରୁ ଡା. ସୂର୍ଯ୍ୟାନନ୍ଦ ପାଢ଼ୀ, ଖପୁରିଆ ବୀମା ଚିକିତ୍ସାଳୟରୁ ଡା. ଜଗନ୍ନାଥ ହାଁସଦା, ଅଡ଼ସପୁର ବୀମା ଚିକିତ୍ସାଳୟରୁ ଡା. ଦ୍ୱାରିକାନାଥ ମିଶ୍ର, ତ୍ରିଶୁଳିଆ ବୀମା ଚିକିତ୍ସାଳୟରୁ ଡା. ଚୈତାଳି ସିହ୍ନା ରୋଗୀ ଚିକିତ୍ସା କରିଥିଲେ। ଖପୁରିଆ ବୀମା ଚିକିତ୍ସାଳୟର ଅକ୍ଷୟ ରାଉତରାୟ, ଦେବୀପ୍ରସାଦ ମଲ୍ଲ, ଶୁଭାକାଂକ୍ଷୀ ପରିଡ଼ା, ପି. କେ. ମଲ୍ଲିକ, ସୁଜିତ୍ ସାହୁ ଓ ଆଶୁତୋଷ ଷଡ଼ଙ୍ଗୀ ଶିବିର ପରିଚାଳନା କରିଥିଲେ। ଶିବାନୀ ପଣ୍ଡା, ସୋନାଲି ପ୍ରିୟଦର୍ଶିନୀ ପଣ୍ଡା, ନୀହାରିକା ପ୍ରଧାନ, ବି. କେ. ଶୁଭଲକ୍ଷ୍ମୀ, ଅଙ୍କିତା ଚୌଧୁରୀ ଓ ପୂଜା ସାଗର ପାଢ଼ୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଗଣେଶପୂଜାରେ ଗ୍ଲୋବାଲ ୱାର୍ମିଂ ଥିମ୍ ପେଣ୍ଡାଲ



**ଅର୍ଜୁନଙ୍କ ନିଆରା ପ୍ରୟାସ**

କଟକ,୬।୯(ଶିଳ୍ପା ପ୍ରିୟଦର୍ଶିନୀ)

ଚଳିତବର୍ଷ ଗଣେଶ ପୂଜା ପାଇଁ କଟକ କେଶରପୁର ଗୁଜୁରାଟି କଲୋନିର ବାସିନ୍ଦା ଅର୍ଜୁନ ତିବ୍ରୱାଲ ଗ୍ଲୋବାଲ ୱାର୍ମିଂ ଥିମ୍‌ର ପେଣ୍ଡାଲ୍ ତିଆରି କରିଛନ୍ତି। ସହରରେ ଗଛ କାଟି ଘର କରାଯିବା ଦ୍ୱାରା ଜନସାଧାରଣଙ୍କ ପାଇଁ କ୍ଷତିକାରକ ହେଉଛି। ଗଛ କଟା ବନ୍ଦ କରିବା ଓ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ପେଣ୍ଡାଲ ନିର୍ମାଣ କରାଯାଇଛି। ଏହି ପେଣ୍ଡାଲ୍‌ରେ ଗଣେଶ ମୂର୍ତ୍ତି, ଗଛ, ଘର, ଜଳଛତ୍ର, ବ୍ରିଜ୍ ନିର୍ମାଣର ଚିତ୍ର ସ୍ଥାନ ପାଇଛି। ଏହି ପେଣ୍ଡାଲ୍‌କୁ ବ୍ୟବହୃତ କାଗଜ, ପେଟି ଓ ସୂତାରେ ତିଆରି କରାଯାଇ ବିଭିନ୍ନ ରଙ୍ଗ ଦିଆଯାଇଛି। ସୁଶୀଳା ଦେବୀ ତିବ୍ରୱାଲ ଓ ସ୍ୱର୍ଗତ ଯୁଗଳ କିଶୋର ତିବ୍ରୱାଲଙ୍କ ପୁଅ ଅର୍ଜୁନ ପେସାରେ ଜଣେ ବ୍ୟବସାୟୀ। ପ୍ରତିବର୍ଷ ଗଣେଶ ପୂଜାରେ ଅର୍ଜୁନ ଏଭଳି ପେଣ୍ଡାଲ୍ ନିର୍ମାଣ କରି ସଚେତନତା ବାର୍ତ୍ତା ଦେଇଥାନ୍ତି। ଏହି ପେଣ୍ଡାଲର ଉଚ୍ଚତା ସାଢେ ୪ ଫୁଟ୍ ଓ ଚଉଡ଼ା ୬ ଫୁଟ୍ ରହିଛି। ଏହାକୁ ତିଆରି କରିବା ପାଇଁ ପ୍ରାୟ ୧ ମାସ ସମୟ ଲାଗିଥିବାବେଳେ ୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଅର୍ଜୁନ କହିଛନ୍ତି।

# ସାମାଜିକ କ୍ଷେତ୍ରରେ ଦିବ୍ୟାଙ୍ଗଙ୍କୁ ସାମିଲ କରାଯିବା ଉଚିତ

କଣ୍ଟାପଡା, ୬।୯(ସୁରନାରାୟଣ ସାହୁ)



କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଅନ୍ୟମାନେ।

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ କଟକ ଜିଲା ଓଲଟପୁରଠାରେ ଥିବା ଏସ୍‌ଭି ନିର୍‌ତାର ପକ୍ଷରୁ ବିଶ୍ୱ ମେରୁଦଣ୍ଡ ଆଘାତ ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ ଭବନ ସଭାଗୃହରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ସାମିଲ କରାଗଲେ ସେମାନେ ନିଜକୁ ଛୋଟ ମନେ କରିବେ ନାହିଁ। ଏଥିରେ ସମ୍ମାନିତ ଅତିଥି ଭାବେ ଭିନ୍ନକ୍ଷମ କମିଶନର ବ୍ରତତୀ ହରିଚନ୍ଦନ, ଭାରତୀୟ ରେଡ୍‌କ୍ରସ୍ ସୋସାଇଟିର ନିର୍ଦ୍ଦେଶକ ବିଭୂତି ଭୂଷଣ ପଟ୍ଟନାୟକ ଯୋଗଦେଇଥିଲେ। ନିର୍‌ତାରର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଉକ୍ତ ଦିବସ ପାଳନର ମହତ୍ତ୍ୱ ବିଷୟରେ କହିଥିଲେ। ଏହି ଅବସରରେ ଜାତୀୟସ୍ତରୀୟ କ୍ରୀଡ଼ା ପଦକ ଜିତିଥିବା ମେରୁଦଣ୍ଡ ଆଘାତପ୍ରାପ୍ତ ଦିବ୍ୟାଙ୍ଗ ଭଉଣୀଭାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଭୁବନେଶ୍ୱର ଶ୍ରୀରାମ ମନ୍ଦିରଠାରୁ ରେଡ୍‌କ୍ରସ୍ ଭବନ ପର୍ଯ୍ୟନ୍ତ ଦିବ୍ୟାଙ୍ଗଜନ, ଛାତ୍ରୀଛାତ୍ର ଓ ଅନୁଷ୍ଠାନର କର୍ମଚାରୀଙ୍କ ଦ୍ୱାରା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଶେଷରେ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**ଗ୍ରନ୍ଥାଗାର ପରିଦର୍ଶନ କଲେ ଜିଲାପାଳ**

କଟକ,୬।୯ (କାର୍ତ୍ତିକ ସାହୁ)



ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଗ୍ରନ୍ଥାଗାର ପରିସରରେ ଆଲୋଚନା କରୁଛନ୍ତି।

ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କଟକ ସିଡିଏ ଜଜପଠା ନିକଟସ୍ଥ ତିଳକନଗରଠାରେ ସିଏମ୍‌ସି ଦ୍ୱାରା ପରିଚାଳିତ ବସ୍ତିବାସିନ୍ଦାଙ୍କ ଗ୍ରନ୍ଥାଗାର ଶୁକ୍ରବାର ପରିଦର୍ଶନ କରିଛନ୍ତି। ଜିଲାପାଳ ସେଠାକାର ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ଆବଶ୍ୟକତା ଉପରେ ପଚାରି ବୁଝିଥିଲେ। ଗ୍ରନ୍ଥାଗାର ଅଧିକାରୀଙ୍କ ସହ ଆଲୋଚନାକରି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗ୍ରନ୍ଥାଗାରରେ ପଢୁଥିବା ସ୍ଥାନୀୟ ପିଲାଙ୍କ ନିମନ୍ତେ ସ୍ଥାନୀୟ ନାଳନ୍ଦା ପବ୍ଲିକ୍ ସ୍କୁଲ ସହାୟତାରେ ପ୍ରତିଯୋଗିତାମୂଳକ ପୁସ୍ତକ ପ୍ରଦାନ କରାଯାଇଛି। ଜିଲାପାଳଙ୍କ ପରିଦର୍ଶନ ସମୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଓର୍‌ମାସ୍ ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ କୁମାର ରାଉତ, କଟକ ମହାନଗର ନିଗମ ଉପଆୟୁକ୍ତ ଶ୍ୱେତପଦ୍ମା ଡି. ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ପୁସ୍ତକ ପ୍ରଦାନ ସମୟରେ ନାଳନ୍ଦା ପବ୍ଲିକ ସ୍କୁଲ ଅଧ୍ୟକ୍ଷା ଯଶସ୍ୱିନୀ ପଟ୍ଟନାୟକ, ପ୍ରଶାସନିକ ମୁଖ୍ୟ ସୌମ୍ୟା ମହାନ୍ତିଙ୍କ ସମେତ ଲୋପାମୁଦ୍ରା ମହାପାତ୍ର, ମାଧବୀ ପଟ୍ଟନାୟକ ଉପସ୍ଥିତ ଥିଲେ।



**ଆଜି ଗଣେଶ ପୂଜା:** କଟକ ଗୌରୀଶଙ୍କର ପାର୍କ ନିକଟ ଦୋକାନରୁ ଶୁକ୍ରବାର ଗ୍ରାହକ ଗଣେଶ ମୂର୍ତ୍ତି କିଣୁଛନ୍ତି।



କଟକ ବଙ୍ଗାଳି ସାହିସ୍ଥିତ ମା' ଶାରଳା ସଦନଠାରେ ବନ୍ଦେ ଉତ୍କଳ ପକ୍ଷରୁ ସାହିତ୍ୟିକ ପ୍ରଫେସର ରତ୍ନାକର ଚଇନିଙ୍କ ଜୟନ୍ତୀ ଉତ୍ସବରେ ଡ. ପ୍ରକାଶ କୁମାର ପରିଡାଙ୍କୁ ରତ୍ନାକର ଚଇନି ସମ୍ମାନ ପ୍ରଦାନ କରାଯାଉଛି।



କଟକ ମାନସିଂହପାଟଣାଠାରେ ଶୁକ୍ରବାର ଅନୁଷ୍ଠିତ ମାନସିଂହପାଟଣା ଯୁବକ ସଂଘ ହରପାର୍ବତୀ ନୂତନ ଠାକୁର ଗୃହ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୯।୨୦୨୪

| | |
|---|---|
| ୩,୪୩, ୧୨୨ ଟଙ୍କା | |
| ସୁନା | ୧.୮୧୦ ଗ୍ରାମ୍ |
| ରୁପା | ୩୫.୬୦୦ ଗ୍ରାମ୍ |

# ପୂଜା ବଜାରରେ ଚର୍ଚ୍ଚାକୁ ଆସିଲା ଓଲିଉଡ୍ କଳି

ଭୁବନେଶ୍ୱର,୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ସିନେମାର ସ୍ଥିତି ସୁଧୁରି ଆସୁଥିବାବେଳେ ବିବାଦ ଓ କଳି ସିନେ ଜଗତକୁ ପୁଣି ପଛକୁ ନେଇଯାଉଛି। ପାଖାପାଖି ବର୍ଷେ ତଳେ ଓଲିଉଡ୍‌ରେ ଏକ ବଡ଼ ବିବାଦ ମୁଣ୍ଡ ଟେକିଥିଲା। ରାମ ଚଳଚ୍ଚିତ୍ରକୁ ପଶ୍ଚିମ ଓଡ଼ିଶାରେ ଚଲାଇ ଦିଆ ନ ଯିବା ଓ ଅଭିନେତା ମନୋଜ ମିଶ୍ରଙ୍କୁ ଓଲିଉଡ୍‌ରୁ ବାସନ୍ଦ କରାଯିବା ଘଟଣାକୁ ନେଇ ଦୀର୍ଘଦିନ ଧରି କଳି ଲାଗି ରହିଥିଲା। ଏବେ ଆଉଏକ ବିବାଦ ସାମ୍ନାକୁ ଆସିଛି। ଅଭିନେତା ଅନୁଭବ ମହାନ୍ତି ଓ ପ୍ରଯୋଜକ ଟୁଟୁ ନାୟକଙ୍କ ମଧ୍ୟରେ ସୋସିଆଲ ମିଡିଆରେ କଳି ଦାଣ୍ଡରେ ପଡି ହାଟରେ ଗଡୁଥିବାବେଳେ ଏହି କଳି ଭିତରେ ମନୋଜଙ୍କ ଏଣ୍ଟ୍ରି ବିବାଦର ନୂଆ ମୋଡ଼ ଦେଇଛି। ଫଳରେ ପୂଜା ବଜାରରେ ସିନେମାର ଚର୍ଚ୍ଚା ବଦଳରେ ଓଲିଉଡ୍ କଳିକୁ ନେଇ ଚର୍ଚ୍ଚା ଜୋର ଧରିଛି।

ଅଭିନେତା ଅନୁଭବ ମହାନ୍ତି, ବାବୁସାନ ମହାନ୍ତି ଓ ଅରିନ୍ଦମ ରାୟଙ୍କ ଭଳି ଷ୍ଟାର୍‌ଙ୍କୁ ବ୍ରେକ୍ ଦେଇଥିବା ନେଇ ବାରମ୍ବାର ବିଭିନ୍ନ ସାମାଜିକ ଗଣମାଧ୍ୟମ ମାଧ୍ୟମରେ କହିଆସୁଛନ୍ତି ପ୍ରଯୋଜକ ଟୁଟୁ ନାୟକ। ହେଲେ ଏବେ ଅନୁଭବଙ୍କ ନାଁରେ ଅଭିଯୋଗ ଉଠାଇଛନ୍ତି ଟୁଟୁ। ଅରିନ୍ଦମଙ୍କୁ ଫିଲ୍ମରେ ନ ନେବାକୁ ଅନୁଭବ କହିଥିବା, ଏପରିକି ସେ ନିର୍ଦ୍ଦିଷ୍ଟ ଜଣେ ନିର୍ଦ୍ଦେଶକଙ୍କୁ ତାଙ୍କ ଫିଲ୍ମରେ କାମ କରିବାକୁ ବାଧ କରୁଥିଲେ ବୋଲି ଟୁଟୁ କହିଛନ୍ତି। ଏହାର ପ୍ରତି ଉତ୍ତରରେ ଅନୁଭବ ମଧ୍ୟ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଛାଡ଼ି କହିଛନ୍ତି, ଟୁଟୁ ନାୟକ ମୋ ନାମରେ ଅପପ୍ରଚାର କରୁଛନ୍ତି। ମୁଁ ଆପଣଙ୍କଠୁ ବହୁତ ସାନ। ଆପଣ ନିଜର ସମ୍ମାନ ରକ୍ଷା କରନ୍ତୁ ଭଳି ଅନେକ କଥା କହିଛନ୍ତି। ସେହିପରି ଅନୁଭବ ଓ ଟୁଟୁଙ୍କ କଳି ଭିତରେ ଅଭିନେତା ମନୋଜ ଏକ ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିଛନ୍ତି। ସେଥିରେ ସେ ଟୁଟୁଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଆପଣ ଓଡ଼ିଆ ସିନେମାର ବ୍ରହ୍ମା ନୁହନ୍ତି। ସବୁ ଷ୍ଟାର୍‌ଙ୍କ ଭିତରେ ନିଜସ୍ୱ କ୍ୱାଲିଟି ରହିଛି। ଅନୁଭବ ମଧ୍ୟ ବୟାନବାଜିରୁ ଦୂରେଇ ରହିବା ସହ ଷ୍ଟାର୍‌ଙ୍କ ଭିତରେ ଅଯଥା କଳି ନ ଲଗାଇବାକୁ ପରାମର୍ଶ ଦେଇଛନ୍ତି।

### ଟୁଟୁ ଓ ଅନୁଭବଙ୍କ ବୟାନବାଜିରେ ମନୋଜଙ୍କ ଏଣ୍ଟ୍ରି





### ବିବାଦ ଭିତରେ ରିଲିଜ ହେଲା 'ଆଇ ଲଭ୍ ୟୁ 2'

ଟୁଟୁ ନାୟକଙ୍କ ଫିଲ୍ମ 'ଆଇ ଲଭ୍ ୟୁ 2' ଶୁକ୍ରବାର ରିଲିଜ ହୋଇଛି। ମାତ୍ର କଟକ କମର୍ସିଆଲ କୋର୍ଟ ପକ୍ଷରୁ ଫିଲ୍ମକୁ ରିଲିଜ ନ କରିବାକୁ ନୋଟିସ ଆସିଛି। ଯଦି ଫିଲ୍ମ ରିଲିଜ ହେବ ସେ ନେଇ ସର୍ତ୍ତ ପୂରଣ କରିବାକୁ ସେଥିଲେ ଲେଖାଯାଇଛି। ବ୍ରଜରାଜ ମୁଭିଜ୍ ବୋଲି କୌଣସି ଲୋଗୋ କି ନାମ ଉଲ୍ଲେଖ ହେବନି। ଏହାକୁ ଉଲ୍ଲଂଘନ କଲେ ଫିଲ୍ମ ରିଲିଜ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଫିଲ୍ମଟି ହଲ୍‌ରେ ରିଲିଜ ହୋଇଥିବାବେଳେ ଏବେ ଅନୁଭବଙ୍କ ସହ ଟୁଟୁଙ୍କ କଳି ଫିଲ୍ମ ଉପରେ କିଛି ପ୍ରଭାବ ପକାଇପାରେ ବୋଲି ଆଶଙ୍କା କରାଯାଉଛି।

# ବର୍ଷାରେ ଭିଜିଲେ ଭକ୍ତ, ପର୍ଯ୍ୟଟକ

**ବଡ଼ଦାଣ୍ଡ, ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ପରିସରରେ ଜମିଲା ପାଣି**

ପୁରୀ,୬।୯(ଅଜିତ୍ କୁମାର ମହାନ୍ତି)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଶୁକ୍ରବାର ପୁରୀରେ ପ୍ରବଳ ବର୍ଷା ହୋଇଛି। ପୂର୍ବାହ୍ନରେ ସହରରେ ଖରା ସହ ଗୁଳୁଗୁଳି ଅନୁଭୂତ ହୋଇଥିଲା। ମାତ୍ର ମଧ୍ୟାହ୍ନ ପରେ ପାଣିପାଗରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଅପରାହ୍ନରେ ଆକାଶରେ କଳାହାଣ୍ଡିଆ ମେଘ ଘୋଟିଆସିବା ସହ ମୂଷଳ ଧାରାରେ ବର୍ଷା ହୋଇଥିଲା। ପ୍ରାୟ ୧ଘଣ୍ଟା ଧରି ବର୍ଷା ଲାଗିରହିଥିଲା। ପରେ ବର୍ଷା ଛାଡ଼ି ଯାଇଥିଲେ ମଧ ସନ୍ଧ୍ୟାରୁ ବର୍ଷାର ପରିମାଣ ବଢିବାରେ ଲାଗିଥିଲା। ଫଳରେ ପୁରୀ ସହରର କିଛି ଅଞ୍ଚଳ ଏବଂ ବିଶେଷକରି ତଳିଆ ଅଞ୍ଚଳରେ ବର୍ଷାଜଳ ଜମିଥିବା ଦେଖିବାକୁ ମିଳିଛି। ଏପରିକି ବଡ଼ଦାଣ୍ଡରେ ବର୍ଷାପାଣି ଲହଡ଼ି ମାରିଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ପରିସରରେ ପାଣି ଜମି ରହିଥିଲା। ଅନେକ ଶ୍ରଦ୍ଧାଳୁ ବର୍ଷାରେ ଭିଜି ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ସେହିପରି ବହୁ ଭକ୍ତ ବର୍ଷାରେ ଭିଜି ସିଂହଦ୍ୱାର ସମ୍ମୁଖରେ ଠିଆହୋଇ ପତିତପାବନଙ୍କ ଦର୍ଶନ କରିଥିଲେ। ସମୁଦ୍ରକୂଳ ରାସ୍ତାରେ ପାଣି ଜମିବାରୁ ପର୍ଯ୍ୟଟକମାନେ ଯାତାୟାତରେ ହଇରାଣ ହୋଇଥିଲେ। ବର୍ଷାପାଣି ସହ ଡ୍ରେନ୍ ପାଣି ସମୁଦ୍ରରେ ମିଶୁଥିବା ଦେଖିବାକୁ ମିଳିଛି। ପୁରୀର ପ୍ରସିଦ୍ଧ ଶୈବପୀଠ ଲୋକନାଥ ପୀଠରେ ପାଣି ଜମି ରହିଥିଲା। ଅପରପକ୍ଷରେ ଲଘୁଚାପ କାରଣରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବା ପାଇଁ ବାରଣ କରାଯାଇଛି। ଶନିବାର ଗଣେଶ ପୂଜା ଥିବାରୁ ଯଦି ଏପରି ବର୍ଷା ହେବ ତେବେ ପୂଜା ଫିକା ପଡିପାରେ ବୋଲି ଅନୁମାନ କରାଯାଉଛି।




ଗଣେଶ ପୂଜା ଉପଲକ୍ଷେ ଶୁକ୍ରବାର ପୁରୀ ବେଳାଭୂମିରେ ଫଳ ଓ ବାଲିରେ ପ୍ରସ୍ତୁତ ବାଲୁକାକଳା ମାଧ୍ୟମରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବିଶ୍ୱଶାନ୍ତିର ବାର୍ତ୍ତା ଦେଉଛନ୍ତି।

## ୧୪ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୬।୯ (କାର୍ତ୍ତିକ ସାହୁ)

କଟକ ଜିଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ ସେବା କମିଟି ପରିସରରେ ଆସନ୍ତା ୧୪ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମକଦ୍ଦମା ସହମତି ଭିତ୍ତିରେ ଆପୋସ ସମାଧାନ କରାଯାଇପାରିବ। ସେଥିମଧ୍ୟରୁ ମୋଟରଯାନଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ ବିବାଦ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରି ମାମଲାଗୁଡ଼ିକ ଅନ୍ତର୍ଭୁକ୍ତ ରହିଛି।

## 'ଭକ୍ତଙ୍କ ସୁବିଧା ପାଇଁ ଚାରିଦ୍ୱାରରେ ଶେଡ୍ ବ୍ୟବସ୍ଥା ହେଉଛି'

ପୁରୀ,୬।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଆଗାମୀ ଦିନରେ ଶ୍ରୀମନ୍ଦିର ଚାରିଦ୍ୱାରରେ ସୁଦୃଢ଼ ବ୍ୟାରିକେଡ ବ୍ୟବସ୍ଥା କରାଯିବା ନେଇ ଶ୍ରୀମନ୍ଦିର ଉପମୁଖ୍ୟପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ସ୍ୱାଇଁ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଭକ୍ତମାନେ ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ପ୍ରବେଶ କରିବା ସହ ପ୍ରସ୍ଥାନ କରୁଛନ୍ତି। ତେବେ ଦର୍ଶନକୁ ଅଧିକ ଶୃଙ୍ଖଳିତ ତଥା ସୁଲଭ କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି। ଶ୍ରୀମନ୍ଦିର ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦ୍ୱାରରେ ଶେଡ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବାବେଳେ ଖୁବଶୀଘ୍ର ସିଂହଦ୍ୱାର ନିକଟରେ ଶେଡ୍ ବ୍ୟବସ୍ଥା କରାଯିବ। ଏନେଇ ନିର୍ଦ୍ଦେଶ ଦିଆଯାଇଛି। ଶେଡ୍ ତଳେ କାର୍ପେଟ ପକାଯିବା ସହ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମଙ୍କ ବସିବା ପାଇଁ ମଧ ବ୍ୟବସ୍ଥା ହେବ। ଚାରିଦ୍ୱାରରେ ପୋଲିସର ୪ଟି ମୋର୍ଚ୍ଚା ସୁରକ୍ଷା ପାଇଁ ମୁତୟନ ରହିବେ। ଏନେଇ ଏସ୍‌ପି ଓ ଅନ୍ୟ ସରକାରୀ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଅଧିକାରୀମାନେ ଏହି ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଭକ୍ତଙ୍କ ସୁବିଧା ନିମନ୍ତେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ସ୍ୱାଇଁ କହିଛନ୍ତି।

# ବାର୍ଡ ଫ୍ଲୁ ଆଶଙ୍କା: ପୁରୀ ଜିଲା ସୀମାରେ କଡ଼ା ଚେକିଂ

ଅସ୍ତରଙ୍ଗ,୬।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲାରେ ବ୍ୟାପିଥିବା ବାର୍ଡଫ୍ଲୁ ସଂକ୍ରମଣ ଭୟଙ୍କର ରୂପ ନେଇଛି। ଜିଲାର ନିମାପଡ଼ା, ପିପିଲି ଓ ସାକ୍ଷୀଗୋପାଳ ଆଦି ଅଞ୍ଚଳରେ କୁକୁଡ଼ା ମଡ଼କ ଜାରି ରହିଥିବା ବେଳେ ସମ୍ପୃକ୍ତ ଅଞ୍ଚଳକୁ ବୁଧବାର କେନ୍ଦ୍ରୀୟ ଟିମ୍ ଗସ୍ତ କରି ବାର୍ଡଫ୍ଲୁ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ପୁରୀ ଜିଲାରେ ବାର୍ଡଫ୍ଲୁ ସଂକ୍ରମଣ ପରେ ପଡ଼ୋଶୀ ଜିଲାର ସୀମାବର୍ତ୍ତୀ ଗ୍ରାମକୁ କୁକୁଡ଼ା ଯେପରି ରପ୍ତାନି ନ ହେବ ତାହା ଉପରେ ପ୍ରଶାସନ ତୀକ୍ଷ୍ଣ ନଜର ରଖିଛି। ବିଭାଗ ପକ୍ଷରୁ ପ୍ରାଣୀ ବିଶେଷଜ୍ଞଙ୍କ ନିର୍ଦ୍ଦେଶରେ ପ୍ରାଣୀ ନିରୀକ୍ଷକ ଓ ଅନ୍ୟ କର୍ମଚାରୀଙ୍କୁ ନେଇ ୩ଟି ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍‌ରେ ୨ଜଣ ସଦସ୍ୟ ଅଛନ୍ତି। ଟିମ୍‌ଗୁଡ଼ିକ ବିଭିନ୍ନ ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ସଚେତନତା ଉପରେ ଗୁରୁତ୍ୱାରୋପ କରୁଛନ୍ତି।



ଅନ୍ୟପକ୍ଷରେ ଅସ୍ତରଙ୍ଗ ପୋଲିସ ତରଫରୁ ପୁରୀ ଜିଲା ଓ ଜଗତ୍‌ସିଂହପୁର ଜିଲା ସୀମାବର୍ତ୍ତୀ ତାଳଦା ଅଞ୍ଚଳରେ ପ୍ରଶାସନ ତରଫରୁ କଡ଼ାକଡ଼ି ଯାଞ୍ଚ ଓ ଚେକିଂ ଆରମ୍ଭ ହୋଇଯାଇଛି। ଉକ୍ତ ଅଞ୍ଚଳରେ ରାତିବେଳା ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ରାତିବେଳା କୁକୁଡ଼ା, ଦାନା ପରିବହନ ହେଉଥିବା ଗାଡ଼ିଗୁଡ଼ିକୁ ପୋଲିସ ଅଟକାଇ ଯାଞ୍ଚ କରୁଛନ୍ତି। ସେହିପରି ଦିନବେଳା ବ୍ରଏଲର୍ ପରିବହନ ହେଉଥିବା ଗାଡ଼ିଗୁଡ଼ିକ ଉପରେ ମଧ୍ୟ ନଜର ରଖାଯାଇଛି।

ପୁରୀ ଜିଲାରେ ବାର୍ଡଫ୍ଲୁ ଚିହ୍ନଟ ପରେ ପୁରୀ ଜିଲାର ଅର୍ଦ୍ଧାଧିକ ଲୋକେ ଭୟଭୀତ ଥିବା ଜଣାପଡ଼ିଛି। ପୁରୀ ଜିଲା ଅସ୍ତରଙ୍ଗ ବଜାର ସମେତ ଗ୍ରାମାଞ୍ଚଳରେ ଅଧିକାଂଶ ଅଣ୍ଡା ଓ ଚିକେନ ଦୋକାନ ବେପାର ମାନ୍ଦା ହୋଇଯାଇଛି।

**ନିର୍ଯ୍ୟାତନା ସହି ନ ପାରି ଆତ୍ମହତ୍ୟା ଘଟଣା**

# ସ୍ୱାମୀଙ୍କୁ ୧୦ ବର୍ଷ କାରାଦଣ୍ଡ

ଆଠଗଡ,୬।୯(ସତ୍ୟ ପ୍ରସାଦ ରଥ)

ଆଠଗଡ ଏନ୍‌ଏସି ୯ ନଂ.ୱାର୍ଡ ଅନ୍ତର୍ଗତ କିଶୋରପୁର ଗ୍ରାମରେ ୨୦୧୨ରେ ସ୍ୱାମୀଙ୍କ ନିର୍ଯ୍ୟାତନା ସହି ନ ପାରି ଜଣେ ମହିଳା ଆତ୍ମହତ୍ୟା କରିଥିଲେ। ଏହି ମାମଲାର ବିଚାର କରି ଆଠଗଡ ଅତିରିକ୍ତ ଜିଲା ଦୌରାଜଜ ରାଜ କୁମାର ଦାସ ଅଭିଯୁକ୍ତ ସ୍ୱାମୀଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ଏହି ଗ୍ରାମର ନବକିଶୋର ବେହେରା। ଆଠଗଡ ଥାନା ବେଣ୍ଟପଦା ଗ୍ରାମର ନାରାୟଣ ବେହେରାଙ୍କ ଭଉଣୀ ମାମିନା ବେହେରାଙ୍କୁ ନବକିଶୋର ୨୦୦୨ରେ ବୈଦିକ ରୀତିରେ ବିବାହ କରିଥିଲେ। ଏହାପରେ ସେମାନଙ୍କ ୩ କନ୍ୟା ସନ୍ତାନ ଜନ୍ମ ହୋଇଥିଲେ। ସେବେଠାରୁ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ କଳିଝଗଡା ଲାଗି ରହୁଥିଲା। ନବକିଶୋର ଅନେକ ସମୟରେ ମଦ୍ୟପାନ କରି ମାମିନାଙ୍କୁ ମାଡ଼ ମାରୁଥିଲେ। ସ୍ୱାମୀଙ୍କ ନିର୍ଯ୍ୟାତନା ସହି ନ ପାରି ମାମିନା ୨୦୧୨ ଅକ୍ଟୋବର ୨୭ରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। ମାମିନାକୁ ହତ୍ୟା କରାଯାଇଥିବା ନେଇ ଭାଇ ନାରାୟଣ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୨୧୧/୧୨) ରୁଜୁ କରି ତଦନ୍ତ କରିଥିଲା। ସମସ୍ତ ସାକ୍ଷୀ, ପ୍ରମାଣକୁ ଆଧାର କରି ଆଠଗଡ଼ ଅତିରିକ୍ତ ଦୌରାଜଜ୍ ମାମଲା (ନଂ. ସିଟି-୪/୧୬)ରେ ନବକିଶୋରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ତରଫରୁ ଅଭିବ୍ୟକ୍ତା ଦେବାଶିଷ ସୀଟ ଓ ଶରତ କୁମାର ଦାସ ମାମଲା ପରିଚାଳନା କରିଥିଲେ।

# ଚିନ୍ତା ବଢ଼ାଇଲାଣି ଛେଳି ମଡ଼କ

ଅସ୍ତରଙ୍ଗ, ୬।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

**ସପ୍ତାହରେ ୨୩ ଛେଳି ମୃତ**

ବାର୍ଡଫ୍ଲୁ ଆତଙ୍କ ପରେ ଏବେ ଛେଳି ମଡ଼କ ଘଟଣା ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳରେ ଛେଳି ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଲାଣି। ସପ୍ତାହକ ଭିତରେ ୨ଜଣ ଚାଷୀଙ୍କର ୨୩ରୁ ଊର୍ଦ୍ଧ୍ୱ ଛେଳି କୌଣସି ଅଜଣା ରୋଗର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ରୋଗ ନିରୂପଣ କରିବାରେ ପ୍ରାଣୀ ଚିକିତ୍ସା ବିଭାଗ ସକ୍ଷମ ହେଉ ନ ଥିବାରୁ ଅଜଣା ରୋଗ ଗାଁରୁ ଗାଁ ବ୍ୟାପିବାରେ ଲାଗିଛି।

ଗତ ସପ୍ତାହକ ମଧ୍ୟରେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଝାରିଆ ଗ୍ରାମର ଅମରେଶ୍ୱର ବସ୍ତିଆଙ୍କର ୩ଟି ଛେଳି ଆକ୍ରାନ୍ତ ହୋଇଥିଲେ। ସେ କହିବାନୁଯାୟୀ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟକୁ ବାରମ୍ବାର ଯିବା ସତ୍ତ୍ୱେ ସୁଫଳ ମିଳି ନ ଥିଲା। ଅଧିକ ଅସୁସ୍ଥ ହେବାରୁ ମେଡିକାଲ ନେଇଥିଲେ, ସେଠାରେ ଛେଳିର ମୃତ୍ୟୁ ଘଟିଛି। ଏପର୍ଯ୍ୟନ୍ତ ମୃତ ଛେଳିକୁ ହସ୍ତାନ୍ତର କରିନାହାନ୍ତି ହସ୍ପିଟାଲ୍ କର୍ତ୍ତୃପକ୍ଷ। ଛେଳି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ। ଆଉ କିଛି ତାଙ୍କର ଅସୁସ୍ଥ ଅଥବା ଆକ୍ରାନ୍ତ ଅଛନ୍ତି, କିନ୍ତୁ ଚିକିତ୍ସା ହୋଇନାହିଁ। ଛୁରିଆନା ପଞ୍ଚାୟତର ବଳଭଦ୍ରପୁର ଗ୍ରାମର ସନ୍ତୋଷ କୁମାର କାଣ୍ଡିଙ୍କ ଗତ ୫ଦିନ ମଧ୍ୟରେ ୨୦ଟି ଛେଳି ଅଜଣା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ହୋଇଥିବା ବେଳେ ଅବଶିଷ୍ଟ ୨୦ଟି ସାମାନ୍ୟ ଅସୁସ୍ଥ ଅଛନ୍ତି। ଏହାସହ ପ୍ରତିଦିନ ଅସ୍ତରଙ୍ଗ ବ୍ଲକ ପ୍ରାଣୀ ଚିକିତ୍ସାଳୟରେ ଛେଳି ଆକ୍ରାନ୍ତ ସଂଖ୍ୟା ବଢ଼ିବାରେ ଲାଗିଛି।



ଏନେଇ ଅସ୍ତରଙ୍ଗ ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶୁଭଶ୍ରୀ ପ୍ରଧାନ କହିଛନ୍ତି, ବର୍ଷାଋତୁରେ ପିପିଆର୍ ରୋଗ ପ୍ରାୟତଃ ଛେଳିଙ୍କ ଦେହରେ ଦେଖାଯାଉଛି। ଏହି ରୋଗ ପାଇଁ ଅସ୍ତରଙ୍ଗ ଅଞ୍ଚଳରେ ୭୦ରୁ ୮୦ଭାଗ ଅଞ୍ଚଳରେ ଟିକାକରଣ ହୋଇଛି। ଏ ରୋଗର ଲକ୍ଷଣ ଛେଳିକୁ ଜ୍ୱର ହୁଏ, ଝାଡ଼ା, ମୁହଁ, ଆଖି, ନାକରୁ ପାଣି ବାହାରେ। ଏଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରିବାକୁ ସୂଚନା ଦେଇଛନ୍ତି।

ଏହି ଅଜଣା ରୋଗ ପାଇଁ ଛେଳି ମଡ଼କ ହେଉଥିବାରୁ ବହୁ ଚାଷୀ ଭୟରେ କମ୍ ଦରରେ ଛେଳି ବିକ୍ରି କରିଦେଉଥିବା କହିଛନ୍ତି। ସ୍ଥାନୀୟ ଅଞ୍ଚଳର ଯୁବକ ତଥା ସାମାଜିକକର୍ମୀ ଦୁଷ୍ମନ୍ତ କୁମାର ପରିଡ଼ା କହିଛନ୍ତି, ଯେଉଁଭଳି ଭାବରେ ଛେଳି ମଡ଼କ ହେଉଛି ବିଭାଗୀୟ ଅଧିକାରୀ ଓ ବ୍ଲକ୍ ପ୍ରାଣୀଧନ ଚିକିତ୍ସାଧିକାରୀ ଗୁରୁତ୍ୱର ସହ ନେଇ ଟିକା ଦେବାର ବ୍ୟବସ୍ଥା କରିଲେ ଚାଷୀମାନେ ଉପକୃତ ହୋଇପାରିବେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମୋଜାଫର୍



@ ଗୁଡୁ



@ ବୁଲୁ



@ ମମତା



@ ଇତିଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ବାୟୋ ଇ-୩'ର ଲୋକପ୍ରିୟତା ପାଇଁ ଅନ୍‌ଲାଇନ ପ୍ରତିଯୋଗିତା

ଭୁବନେଶ୍ୱର,୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତର ଦ୍ରୁତ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ବାୟୋଟେକ୍ନୋଲୋଜିର ପ୍ରୟୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିକଟରେ ଲାଗୁ ହୋଇଥିବା 'ବାୟୋ ଇ-୩' ନୀତିକୁ ଲୋକପ୍ରିୟ କରିବା ପାଇଁ ଏକ ଅନ୍‌ଲାଇନ ପ୍ରତିଯୋଗିତା ଆରମ୍ଭ ହୋଇଛି। ଭାରତ ସରକାରଙ୍କ ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ (ଆଇଏଲ୍‌ଏସ୍) ସହଯୋଗିତାରେ ଏହି ସର୍ବଭାରତୀୟ ପ୍ରତିଯୋଗିତା ଆୟୋଜନ କରାଯାଉଛି। ସେପ୍ଟେମ୍ବର ୫ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୦ ତାରିଖ ଯାଏ ଚାଲିବ। ଗୁରୁ ଦିବସ ଅବସରରେ ଜୀବ ବିଜ୍ଞାନ ସଂସ୍ଥାନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭର୍ଚୁଆଲରେ ଯୋଗଦେଇ ବିଭାଗୀୟ ସଚିବ ଡ. ରାଜେଶ ଆର୍ ଗୋଖଲେ ଏହାର ଶୁଭାରମ୍ଭ କରିଥିଲେ। ଏହି ପ୍ରତିଯୋଗିତାରେ ବାୟୋବେସଡ୍ କେମିକାଲ ଆଣ୍ଡ ଏନ୍‌ଜାଇମ୍ସ, ଫଙ୍କ୍‌ସନାଲ ଫୁଡ୍ସ ଆଣ୍ଡ୍ ସ୍ମାର୍ଟ ପ୍ରୋଟିନ୍ସ, ପ୍ରିସିସନ ବାୟୋଥେରାପ୍ୟୁଟିକ୍ସ, କ୍ଲାଇମେଟ୍ ରେଜିଲିଏଣ୍ଟ ଏଗ୍ରିକଲଚର, କାର୍ବନ କ୍ୟାପ୍ଚର ଆଣ୍ଡ୍ ୟୁଟିଲାଇଜେଶନ, ଫ୍ୟୁଚରିଷ୍ଟିକ ମେରିନ ଆଣ୍ଡ୍ ସ୍ପେସ ରିସର୍ଚ୍ଚ ଆଦି ବିଷୟ ଦିଆଯାଇଛି। ପ୍ରତିଯୋଗୀମାନେ ଯେ କୌଣସି ଗୋଟିଏ ବିଷୟ ବାଛି ଡ୍ରଇଂ, ପୋଷ୍ଟର, ପ୍ରବନ୍ଧ, ସ୍ଲୋଗାନ ବା ରିଲ୍ସ ଭିଡିଓ ବର୍ଗରେ ନିଜ ସର୍ଜନାତ୍ମକ ପ୍ରତିଭା ଦେଖାଇ ପାରିବେ ବୋଲି ଆଇଏଲ୍‌ଏସ୍‌ର ନିର୍ଦ୍ଦେଶକ ଡ. ଦେବାଶିଷ ଦାଶ କହିଛନ୍ତି। ଉଦ୍‌ଘାଟନ ଅବସରରେ ଏହି ନୂତନ ଉଦ୍ୟୋଗ ପ୍ରସ୍ତାବ ପ୍ରତିଯୋଗିତାରେ ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ ଡ. ବି. ରବୀନ୍ଦ୍ରନ ଏବଂ କିଟ୍ ଟିବିଆଇର ସିଇଓ ଡ. ମୃତ୍ୟୁଞ୍ଜୟ ସୁଆର ବିଚାରକ ଭାବେ ଯୋଗଦେଇଥିଲେ। ଜୀବ ବିଜ୍ଞାନ ସଂସ୍ଥାନ ଦ୍ୱାରା ପ୍ରତିଷ୍ଠିତ ବାୟୋ ଇନକ୍ୟୁବେଟରର ସିଓଓ ନିବେଦିତା ଜେନା ଅତିଥି ଓ ପ୍ରତିଯୋଗୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ 'ଗବେଷଣାର ମୂଲ୍ୟ: ବାୟୋ ଇ-୩ ନୀତିରୁ ଲାଭ' ଶୀର୍ଷକରେ ଆୟୋଜିତ ବକ୍ତୃତା କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଡ. ଅମର ପଟ୍ଟନାୟକ ଯୋଗଦେଇଥିଲେ। ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଗବେଷଣା କିପରି ହିତକର ହେବ ସେଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ସେ ଉପସ୍ଥିତ ବୈଜ୍ଞାନିକ ଓ ରିସର୍ଚ୍ଚ ସ୍କଲାରମାନଙ୍କୁ ପରାମର୍ଶ ଦେଇଥିଲେ।

ସୂଚନାଯୋଗ୍ୟ, ନୂଆଦିଲ୍ଲୀରେ ହେବାକୁ ଥିବା ଗ୍ଲୋବାଲ ବାୟୋ ଇଣ୍ଡିଆ କାର୍ଯ୍ୟକ୍ରମରେ ସେପ୍ଟେମ୍ବର ୧୪ରେ ପ୍ରତିଯୋଗିତାର ଫଳାଫଳ ଘୋଷଣା କରାଯିବ। ପ୍ରତି ବର୍ଗରେ ଶ୍ରେଷ୍ଠ ୧୦ ଜଣଙ୍କୁ ବଛାଯାଇ ଆର୍ଥିକ ପୁରସ୍କାର ସହିତ ଶ୍ରେଷ୍ଠ ୧୦୦ ଜଣଙ୍କୁ ଇ-ସାର୍ଟିଫିକେଟ ପ୍ରଦାନ କରାଯିବ। ଏ ବିଷୟରେ ଅଧିକ ଜାଣିବା ପାଇଁ ପ୍ରତିଯୋଗୀମାନେ www.ils.res.in/bioe3-competition ଲିଙ୍କ୍ ଭିଜିଟ କରିପାରିବେ ବୋଲି ସୂଚନା ଦିଆଯାଇଛି।

## ସ୍ୱଚ୍ଛ ବାୟୁ ଦିବସରେ ବିଏମ୍‌ସିର ଶୋଭାଯାତ୍ରା, ରୋପଣ

# ‘ସ୍ୱଚ୍ଛ ପବନ, ନୀଳ ଗଗନ’ ପାଇଁ ଆହ୍ୱାନ

ଭୁବନେଶ୍ୱର, ୬।୯ (ବନ୍ଦନା ସେଠୀ)

ସ୍ୱଚ୍ଛ ପବନ ନୀଳ ଗଗନ ବା କ୍ଲିନ୍ ଏୟାର ଫର୍ ବ୍ଲୁ ସ୍କାଇଜ୍ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ପାତ୍ରପଡାଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମିଳିତ ଉଦ୍ୟମରେ ଏନ୍‌ସିଏପି ଅଧୀନରେ ଆୟୋଜିତ ଏହି ସଚେତନତା ଶୋଭାଯାତ୍ରା ଓ ଚାରା ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇ କହିଲେ, ଭୁବନେଶ୍ୱରରେ କଳକାରଖାନା ସହ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେହି ଅନୁପାତରେ ମଧ୍ୟ ପକ୍କାଘର ଏବଂ ଗାଡ଼ିମୋଟର ବୃଦ୍ଧି ପାଉଛି। ମାତ୍ର ଚାରାରୋପଣ ଉପରେ ଲୋକେ ଗୁରୁତ୍ୱ ଦେଉ ନାହାନ୍ତି। ଏଣୁ ସମସ୍ତେ ଇ-ବାଇକ୍ ଓ ଇ-ଭେଇକିଲ୍, ସାଇକେଲ ଚଳାଇବା, ବର୍ଜ୍ୟ ନ ପୋଡିବା ପାଇଁ ମେୟର ଅନୁରୋଧ କରିଥିଲେ। ସେହିପରି ଗୃହ ନିର୍ମାଣ ଓ ଭଗ୍ନାବଶେଷ ଏଣେତେଣେ ପକାଇ ପରିବେଶକୁ ଦୂଷିତ ନ କରି ବିଏମ୍‌ସି ଦ୍ୱାରା ଚିହ୍ନିତ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବାକୁ ସେ ଅନୁରୋଧ କରିଥିଲେ। କମିଶନର ରାଜେଶ ପ୍ରଭାକର ପାଟିଲ୍ କହିଲେ, ଆମ ରାଜ୍ୟର ୭ଟି ସହରର ବାୟୁ ପ୍ରଦୂଷିତ ହୋଇଛି। ସେଗୁଡିକ ମଧ୍ୟରେ



ଶୋଭାଯାତ୍ରାରେ ମେୟର ସୁଲୋଚନା ଦାସ, କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସହ ଅନ୍ୟମାନେ।

### ଭୁବନେଶ୍ୱର ରାଜ୍ୟର ସବୁଠୁ ପ୍ରଦୂଷିତ ସହର

ଭୁବନେଶ୍ୱର, କଟକ, ରାଉରକେଲା, ଅନୁଗୋଳ, ତାଳଚେର, କଳିଙ୍ଗନଗର ଓ ବାଲେଶ୍ୱର ରହିଥିବାବେଳେ ଭୁବନେଶ୍ୱର ଶୀର୍ଷରେ ରହିଛି। ତେଣୁ ସ୍ୱଚ୍ଛ ବାୟୁ ଏବଂ ନୀଳ ଆକାଶ ପାଇଁ ଆମକୁ ବୃକ୍ଷ ରୋପଣ କରିବା ସହ ବର୍ଜ୍ୟବସ୍ତୁ ନ ପୋଡିବା, କାଠ ଓ କୋଇଲା ଚୁଲା ବନ୍ଦ କରିବା ଆଦି ଛୋଟ ଛୋଟ କାମ ପ୍ରତି ସତର୍କତା ଅବଲମ୍ବନ କରିବାକୁ ପଡିବ। ଏହାଦ୍ୱାରା ବିଶ୍ୱ ତାପମାନକୁ ହ୍ରାସ କରିପାରିବା ବୋଲି କମିଶନର ମତ ଦେଇଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ମୁଖ୍ୟ ପରିବେଶ ବିଜ୍ଞାନୀ ଡ. ନୀହାର ରଞ୍ଜନ ସାହୁ ଯୋଗଦେଇ, ସ୍ୱଚ୍ଛ ପବନ, ନୀଳ ଗଗନ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ପାତ୍ରପଡା ଅଞ୍ଚଳର ଜାତୀୟ ରାଜପଥ ପାର୍ଶ୍ୱରୁ ବାହାରି ବୈଭବ କେନ୍ଦ୍ର (ୱେଲ୍‌ଥ ସେଣ୍ଟର) ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଦ୍ୟାଳୟ ଛାତ୍ରୀଛାତ୍ର, ସ୍ଥାନୀୟ ନାଗରିକ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଆବାସିକ ସଂଗଠନର କର୍ମକର୍ତ୍ତାଙ୍କ ସହ ଟିମ୍ ବିଏମ୍‌ସି ଆଦି ୫ଶହରୁ ଅଧିକ ନାଗରିକ ଯୋଗଦେଇଥିଲେ। ୱେଲ୍‌ଥ ସେଣ୍ଟର ପରିସରରେ ଏକ ମେଗା ପ୍ଲାଣ୍ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୪ ଶହରୁ ଅଧିକ ଚାରା ରୋପଣ କରାଯାଇଥିଲା। ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ପରିବେଶ ବିଜ୍ଞାନୀ ଦିଲ୍ଲୀପ କୁମାର ଦାସ, ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀ ଡ. ଶୋହନ ଗିରି ପ୍ରମୁଖ ଯୋଗଦେଇଥିଲେ।

## ନନ୍ଦନକାନନ: ୨ ଡାଲିଓଧଙ୍କ ମୃତ୍ୟୁ

ବାରଙ୍ଗ, ୬।୯ (ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଶୁକ୍ରବାର ଦୁଇଟି ଡାଲିଓଧଙ୍କ ମୃତ୍ୟୁ ହୋଇଛି। ଏନେଇ ବନବିଭାଗ ଓ ଡାକ୍ତରମାନଙ୍କ ଚିନ୍ତାର କାରଣ ସାଜିଛି। ପୂର୍ବରୁ ପ୍ରାଣୀ ଉଦ୍ୟାନର ଅନ୍ଧାରି ଘରେ ରହୁଥିବା ଧୂସର ପେଚା ଗୋଟିଏ ଦିନରେ ୩ଟିର ମୃତ୍ୟୁପରେ ପୁଣି ୨ ଡାଲି ଓଧଙ୍କ ମୃତ୍ୟୁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହଠାତ୍ ଓଧର ମୃତ୍ୟୁ ହେବା ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡ଼ିବ। ଅନ୍ୟଏକ ଡାଲି ଓଧର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଯାହାକୁ ନେଇ କର୍ତ୍ତୃପକ୍ଷଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଅନ୍ଧାରି ଘର ଭିତରେ ଥିବା ଅନ୍ୟ ୪ଟି ଡାଲି ଓଧଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପାଇଁ ଡାକ୍ତରଖାନାକୁ ପଠାଯାଇଛି।

## ବାଗ୍‌ଦେବୀ ବିଦ୍ୟାମନ୍ଦିରରେ ଗୁରୁଦିବସ

ବାଲିପାଟଣା,୬।୯(ଅଭିମନ୍ୟୁ ନାୟକ)

ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟା ମନ୍ଦିରରେ ଗୁରୁଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପବିତ୍ରା ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ସଭାପତି ଦିଲୀପ କୁମାର ଓଝା, ନିର୍ଦ୍ଦେଶକ ଗଙ୍ଗାଧର ଓଝା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ବେହେରା, ସସ୍ମିତା ପ୍ରଧାନ, ଛବିତା ମହାପାତ୍ର, ବନଶ୍ରୀ ରାଉତ, ଉର୍ମିଳା ସେନାପତି, ସବିତାରାଣୀ ଲେଙ୍କା, ଲିପିକା ପ୍ରଧାନ, ମଧୁସ୍ମିତା ଜେନା, ପୁଷ୍ପାଞ୍ଜଳି ଜେନା ଓ ସୁନିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷା, ଭାରତୀୟ ଦର୍ଶନଶାସ୍ତ୍ରକୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଅବଦାନ ଅତୁଳନୀୟ



ଭୁବନେଶ୍ୱର, ୬।୯ (ବନ୍ଦନା ସେଠୀ)

ଦକ୍ଷତା ବିକାଶ କେନ୍ଦ୍ର ଶହୀଦନଗର, ଲାଇଟ୍ ହାଉସ୍ ଏବଂ ବିଏମ୍‌ସି ପକ୍ଷରୁ ମିଳିତ ଭାବେ ଗୁରୁଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶହୀଦନଗର ବରିଷ୍ଠ ନାଗରିକ ସଂଘ ସମ୍ପାଦକ ନିଶାକର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁଦିବସର ମହତ୍ତ୍ୱ ଓ ବର୍ତ୍ତମାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷା କ୍ଷେତ୍ରରେ ଓ ଭାରତୀୟ ଦର୍ଶନଶାସ୍ତ୍ରକୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଦକ୍ଷତା ବିକାଶ କେନ୍ଦ୍ରରେ ବିଭିନ୍ନ ବିଭାଗ ଯଥା ସିଲେଇ, ଆକାଉଣ୍ଟସ୍, ଅଫିସ୍ ମ୍ୟାନେଜ୍‌ମେଣ୍ଟ, ଡିଜିଟାଲ ମାର୍କେଟିଂ ଆଦି ଉପରେ ଛାତ୍ରୀଛାତ୍ରଙ୍କୁ ତାଲିମ୍ ଦିଆଯିବା ସହ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଉଛି।

## ଖୁବ୍‌ଶୀଘ୍ର ଉଠାଦୋକାନୀଙ୍କ ସର୍ଭେ କରିବ ବିଏମ୍‌ସି

### କମିଟି ଗଠନକୁ ନେଇ ଆପତ୍ତି ଉଠାଇଲା ଭେଣ୍ଡିଂଜୋନ୍ ମହାସଂଘ

ଭୁବନେଶ୍ୱର,୬।୯(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ ଅଧୀନରେ କେତେ ଉଠାଦୋକାନୀ ଅଛନ୍ତି ସେ ବିଏମ୍‌ସି ଅଧିକାରୀଙ୍କ ପାଖରେ ତଥ୍ୟ ନାହିଁ। ପ୍ରତି ୫ବର୍ଷରେ ଥରେ ଟାଉନ୍ ଭେଣ୍ଡିଂ କମିଟି ସର୍ଭେ କରି ସହରରେ ଥିବା ଉଠାଦୋକାନୀଙ୍କ ଗଣନା କରିବା କଥା, ଦୀର୍ଘବର୍ଷ ଧରି ଏହା ହୋଇନାହିଁ। କମିଶନରଙ୍କ ନିର୍ଦ୍ଦେଶ ପରେ ଖୁବ୍‌ଶୀଘ୍ର ଏନେଇ ସର୍ଭେ ଆରମ୍ଭ ହେବ ବୋଲି ଶୁକ୍ରବାର ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ଟାଉନ୍ ଭେଣ୍ଡିଂ କମିଟିରେ ସୂଚନା ଦିଆଯାଇଛି। ଏହାଦ୍ୱାରା ସହରରେ କେତେ ସଂଖ୍ୟକ ଉଠାଦୋକାନୀ ଅଛନ୍ତି ସେନେଇ ଠିକ୍ ତଥ୍ୟ ମିଳିବା ସହ ସେମାନଙ୍କୁ ବ୍ୟବସ୍ଥିତ କରିବାକୁ ସହଜ ହେବ। ସେହିପରି ସହରର ବିଭିନ୍ନ ଅଞ୍ଚଳରେ ନିର୍ମିତ ୧୦୦ ଭେଣ୍ଡିଂ ଜୋନ୍‌କୁ ଆବଣ୍ଟନ କରିବା ପରେ ମଧ୍ୟ ବର୍ଷବର୍ଷ ଧରି ସେଗୁଡ଼ିକ ବନ୍ଦ ହୋଇ ପଡ଼ିରହିଛି। ଏହି ଭେଣ୍ଡିଂ ଜୋନ୍‌ର ସମୀକ୍ଷା କରିବା ସହ ଆବଶ୍ୟକ ପଡ଼ିଲେ ନୂତନ ଆଲଟ୍‌ମେଣ୍ଟ କରାଯିବ। ଏଥିସହ ଭୁବନେଶ୍ୱର ମହାନଗର ନିଗମର ୩ଟି ଯାକ ଜୋନ୍‌ରେ ନୋ–ଭେଣ୍ଡିଂ ଜୋନ୍ ଚିହ୍ନଟ କରାଯବ। ନୋ–ଭେଣ୍ଡିଂ ଜୋନ୍‌ରେ ବସିଥିବା ଉଠାଦୋକାନୀଙ୍କୁ ଉଠାଯାଇ ଅନ୍ୟତ୍ର ଥଇଥାନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିବା ଅଧିକାରୀ ସୂଚନା ଦେଇଛନ୍ତି। ଅପରପକ୍ଷେ ଟାଉନ୍ ଭେଣ୍ଡିଂ କମିଟି ଗଠନରେ ପାତରଅନ୍ତର ନୀତି ଅବଲମ୍ବନ କରାଯାଇଥିବା ଅଭିଯୋଗ କରି ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ୍ ମହାସଂଘ ପକ୍ଷରୁ ଶୁକ୍ରବାର ବିଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମହାସଂଘ ବିଏମ୍‌ସି ସହିତ ହାତ ମିଳାଇ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ କରୁଥିବାବେଳେ, ଟାଉନ୍ ଭେଣ୍ଡିଂ କିମିଟି ଗଠନ ସମୟରେ ମହାସଂଘର କୌଣସି ସଦସ୍ୟଙ୍କୁ ଏଥିରେ ସାମିଲ କରାଯାଇ ନାହିଁ। ଅପରପକ୍ଷେ ବିଏମ୍‌ସି ଏକତରଫା ଭାବେ ଏକ ବେନାମୀ ସଂଗଠନକୁ କମିଟିରେ ସଦସ୍ୟ ଭାବେ ରଖିଥିବା ନେଇ ମହାସଂଘ ଅଭିଯୋଗ କରିଛି। ଏନେଇ ସଭାପତି ପ୍ରତାପ ସାହୁ କହିଛନ୍ତି, ଭୁବନେଶ୍ୱରରେ ୧୯୦ରୁ ଅଧିକ ସଂଘ ମହାସଂଘରେ ଜଡ଼ିତ ଅଛନ୍ତି। ସେହିପରି ୪୦ରୁ ଅଧିକ ଭେଣ୍ଡିଂ ଜୋନ୍ ମହାସଂଘ ସହ ଜଡ଼ିତ। ସେମାନଙ୍କ ମଧ୍ୟରୁ କାହାକୁ କମିଟିରେ ସ୍ଥାନ ଦିଆଯାଇ ନାହିଁ। ବିଏମ୍‌ସି କମିଟି ମାଧ୍ୟମରେ ଉଠାଦୋକାନୀଙ୍କ ପାଇଁ ନିୟମ ବା ବ୍ୟବସ୍ଥା କରୁଥିବାବେଳେ ନିଜ ପକ୍ଷ ରଖିବା ପାଇଁ ଉଠାଦୋକାନୀଙ୍କୁ ସ୍ଥାନ ଦିଆଯାଇ ନାହିଁ। ତେଣୁ ତୁରନ୍ତ ଏ ଦିଗରେ ଧ୍ୟାନଦେବା ସହ ମହାସଂଘର ୫ଜଣ ସଦସ୍ୟଙ୍କୁ କମିଟିରେ ସ୍ଥାନ ଦେବାକୁ ଦାବି କରାଯାଇଛି।

# ଭୂ–ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

No. XXXIII-17

## ନୋଟିସ

### ଆଦେଶ – ୫, ନିୟମ – ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା – ୧୯୦୮ ଅନୁଯାୟୀ
### ଏଲ.ଏ. କେସ୍ ନଂ.– ୧/୨୦୨୧

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ

ବନାମ

୧. ମାନସ ରଞ୍ଜନ ଛୋଟରାୟ, ପିତା: ତରଣୀ ସେନ୍ ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨. ସୁଶାନ୍ତ କୁମାର ମହାନ୍ତି, ପିତା: ତ୍ରୈଲକ ନାଥ ମହାନ୍ତି, ଗ୍ରାମ: ଗୋଠପାଟଣା, ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୩. ଆଭାରାଣୀ ମହାନ୍ତି, ସ୍ୱାମୀ: ଫକୀର ମୋହନ ମହାନ୍ତି, ସା: ଆଭାନିଳୟ, ସାଇ ମନ୍ଦିର ପାଖ, ନୂଆଗାଁ ଛକ, ପୋ: ଲକ୍ଷ୍ମୀବିହାର, ସାମପୁର – ୭୫୧୦୨୯, ୪. ଆଶୁତୋଷ ମହାନ୍ତି, ୫. ଆଲୋକେଶ ମହାନ୍ତି, ୬. ଅନନ୍ୟା ମହାନ୍ତି, ମାତା: ପ୍ରତିମା ମହାନ୍ତି, ୭. ଯୁଗଳ କିଶୋର ମହାନ୍ତି, ପିତା: ବୈରାଗୀ ଚରଣ ମହାନ୍ତି, ସ୍ତ୍ରୀ: ପ୍ରତିମା ମହାନ୍ତି, ସା: ପ୍ଲଟ ନଂ. ସି–୬୦, ଲିଙ୍ଗରାଜ ବିହାର, ପୋଖରୀପୁଟ, ଭୁବନେଶ୍ୱର–୨୦, ୮. ନାରାୟଣ ମିଶ୍ର, ପିତା: ବଂଶୀଧର ମିଶ୍ର, ଗ୍ରାମ: ମାର୍କଣ୍ଡେଶ୍ୱର ସାହି, ଢିପ ସାହି (ଭବାନୀ କ୍ଲବ ନିକଟ), ପୋଷ୍ଟ/ଥାନା/ଜିଲ୍ଲା: ପୁରୀ – ୭୫୨୦୦୧, ୯. କାନ୍ଦୁଲା ଲଳିତା ଦେବୀ, ସ୍ୱାମୀ: କାନ୍ଦୁଲା ରାମା ରାଓ, ସା: ସେକ୍ଟର–୧/୧୦୫, ଏମ୍.ଆଇ.ଜି.–୨, ନୀଳାଦ୍ରି ବିହାର, ପୋଷ୍ଟ: ଶୈଳଶ୍ରୀ ବିହାର, ଭୁବନେଶ୍ୱର–୭୫୧୦୨୧, ୧୦. ଜୟଜଗବନ୍ଧୁ ପାତ୍ର, ପି.: କୃଷ୍ଣଚନ୍ଦ୍ର ପାତ୍ର, ସା: ସର୍ଭେ ଅଫ୍ ଇଣ୍ଡିଆ, ପୋ: ଆର୍.ଆର୍.ଲ୍ୟାବ୍, ଭୁବନେଶ୍ୱର–୭୫୧୦୧୩, ୧୧. ଶକୁନ୍ତଳା ସାହୁ, ସ୍ୱାମୀ: ନାରାୟଣ ସାହୁ, ସା: ପ୍ଲଟ ନଂ. ୭୪୮/୬, ରାମେଶ୍ୱର ପାଟଣା, ବାରିକ ସାହି, ଭୁବନେଶ୍ୱର–୨, ୧୨. ଏମ୍/ଏସ୍ ନଳିନୀ ଇଷ୍ଟେଟ୍ କନ୍‌ଷ୍ଟ୍ରକସନ ପ୍ରା.ଲି., ସା: ୪୦/ବି, ବି.ଡ଼ି.ଏ., ଏଚ୍.ଆଇ.ଜି. ଡ୍ୟୁପ୍ଲେକ୍ସ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର, ଏମ୍.ଡ଼ି. ଶ୍ରୀ ମାନସ ରଞ୍ଜନ ମହାପାତ୍ର, ପିତା: ବିଦ୍ୟାଧର ମହାପାତ୍ର, ୧୩. ଶିକ୍ଷା ଓ ଅନୁସନ୍ଧାନ, ତରଫ ସଭାପତି: ମନୋଜ ରଞ୍ଜନ ନାୟକ, ପିତା: ଦୈତାରୀ ନାୟକ, ସା: ପ୍ଲଟ ନଂ. ୨୨୪, ଧର୍ମ ବିହାର, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୧୪. ଏମ୍/ଏସ୍ ଅଚ୍ୟୁତ ଇଞ୍ଜିନିୟରିଂ ଆଣ୍ଡ କନ୍‌ଷ୍ଟ୍ରକସନ ପ୍ରା.ଲି., ସା: ସି.–୧୭୮, ବି.ଡ଼ି.ଏ. ଡ୍ୟୁପ୍ଲେକ୍ସ, ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ରିପ୍ରେଜେଣ୍ଟ ଡାଇରେକ୍ଟର: ରମା ବଲ୍ଲଭ ପରିଡ଼ା, ପିତା: ରଘୁନାଥ ପରିଡ଼ା, ୧୫. ମିଶ୍ର କ୍ରିଏସନ୍ ପ୍ରା.ଲି., ଅଫିସ୍ ସା–ଏ–୩, ପି.ପି.ଏଲ୍. ହାଉସିଂ କଲୋନୀ, ଖଣ୍ଡିଗିରି, ଭୁବନେଶ୍ୱର, ଏମ୍.ଡି. ଜ୍ୟୋତି ରଞ୍ଜନ ମିଶ୍ର, ପିତା: ସୋମନାଥ ମିଶ୍ର, ୧୬. ବିଶ୍ୱମୟ କର, ପିତା: ଶଶିଭୂଷଣ କର, ଗ୍ରାମ: ପୁରୁଣା ସଦର ରୋଡ୍, ପୋ/ଥାନା/ଜିଲ୍ଲା: ପୁରୀ, ୧୭. କୃଷ୍ଣ ଚରଣ ଦାସ, ପି.: ବିପ୍ରଚରଣ ଦାସ, ସା: ଆୟତନ, ଥା: ଆଳି, ଜି: କଟକ, ୧୮. ସରସ୍ୱତୀ ବେହେରା, ସ୍ୱାମୀ: ଚିତ୍ତରଞ୍ଜନ ବେହେରା, ସା: ଘର ନଂ. ଏଚ୍.ଆଇ.ଜି.–ଡି.–୫୫, ମୈତ୍ରୀ ବିହାର, ଭୁବନେଶ୍ୱର, ପୋଷ୍ଟ: ଇଷ୍ଟ କୋଷ୍ଟ ରେଲୱେ କଲୋନୀ, ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ୧୯. ମାୟାଧର ପଟ୍ଟନାୟକ, ପିତା: କେଶବ ପଟ୍ଟନାୟକ, ୨୦. ସତ୍ୟବାଦୀ ପଟ୍ଟନାୟକ, ପିତା: ମଦନ ପଟ୍ଟନାୟକ, ଗ୍ରାମ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨୧. ଚିତ୍ତରଞ୍ଜନ ବେହେରା, ପିତା: ଲିଙ୍ଗରାଜ ବେହେରା, ସା: ଘର ନଂ. ଡି–୫୫, ମୈତ୍ରୀ ବିହାର, ଭୁବନେଶ୍ୱର, ପୋଷ୍ଟ: ଇଷ୍ଟ କୋଷ୍ଟ ରେଲୱେ କଲୋନୀ, ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ୨୨. କନକପ୍ରଭା ତ୍ରିପାଠୀ, ସ୍ୱା: ଡମ୍ବରୁଧର ତ୍ରିପାଠୀ, ସା: ଗୁଆମାଳ, ଥା: ତିହିଡ଼ି, ଜି: ବାଲେଶ୍ୱର, ୨୩. ବାସନ୍ତୀ ରାୟ, ସ୍ୱାମୀ: ବିଭୂତି ଭୂଷଣ ମହାନ୍ତି, ଗ୍ରାମ: ଗାରିମା, ଥାନା: ଗୋପ, ଜିଲ୍ଲା: ପୁରୀ, ୨୪. ଛନ୍ଦା ଚରଣ ଦାସ, ପିତା: ଗୋପାଳ ଚରଣ ଦାସ, ଗ୍ରାମ: ଶାମପୁର, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨୫. ବୈଷ୍ଣବ ଚରଣ ପଟ୍ଟନାୟକ, ପିତା: ଉଦୟନାଥ ପଟ୍ଟନାୟକ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨୬. ମନୋଜ ମିଶ୍ର, ପିତା: ଦାମୋଦର ମିଶ୍ର, ସା: ସି.–୨/୧୯, ମାୟାପୁରୀ ଆପାର୍ଟମେଣ୍ଟ, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର–୭୫୧୦୦୨, ୨୭. ଦାମୋଦର ମିଶ୍ର, ପିତା: କୃତ୍ତିବାସ ମିଶ୍ର, ସା: ସି–୨/୧୯, ମାୟାପୁରୀ ଆପାର୍ଟମେଣ୍ଟ, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର–୭୫୧୦୦୨, ୨୮. ଦିଲ୍ଲିପ କୁମାର ଦାସ, ପିତା: ଲକ୍ଷ୍ମୀଧର ଦାସ, ସା: ପ୍ଲଟ ନଂ. ବି–୭୫, ବି.ଡ଼ି.ଏ. ଡ୍ୟୁପ୍ଲେକ୍ସ, ବରମୁଣ୍ଡା, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ୨୯. ଉଦୟନାଥ ମଲ୍ଲିକ, ପିତା: ଲୋକନାଥ ମଲ୍ଲିକ, ସା: ଏ.ଏଲ୍–୧୨୪, ଭି.ଏସ୍.ଏସ୍. ନଗର, ଥାନା: ଶହିଦନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୩୦. ରମେଶ ଚନ୍ଦ୍ର ପାଣି, ପିତା: ସତ୍ୟନାରାୟଣ ପାଣି, ସା: ଆଇ.ଭି.ଆର୍–୧୮୮, ୟୁନିଟ୍–୪, ଭୁବନେଶ୍ୱର, ଖୋର୍ଦ୍ଧା, ୩୧. ଜ୍ୟୋସ୍ନା ତ୍ରିପାଠୀ, ପିତା: ପ୍ରେମାନନ୍ଦ ତ୍ରିପାଠୀ, ସା: ମଧୁସୂଦନ ନଗର, ତୁଳସୀପୁର, ଥାନା: ମଙ୍ଗଳାବାଗ୍, ଜିଲ୍ଲା: କଟକ, ୩୨. କୁଳମଣି ରାଉତରାୟ, ପିତା: ଉଚ୍ଛବ ରାଉତରାୟ, ୩୩. ପ୍ରଭାକର ପଟ୍ଟନାୟକ, ୩୪. ସୁଧାକର ପଟ୍ଟନାୟକ, ପିତା: ଗୋଲଖ ବିହାରୀ ପଟ୍ଟନାୟକ, ଗ୍ରାମ/ପୋ ; ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୩୫. ଦେବିପ୍ରିୟା ସାହୁ, ସ୍ୱାମୀ: ଆନନ୍ଦ ଚନ୍ଦ୍ର ସାହୁ, ସା: ଆର୍.ପି.–୨୪, ଟଙ୍କପାଣି ରୋଡ଼, ପୋଷ୍ଟ/ଥାନା: ଓଲ୍ଡ ଟାଉନ, ଭୁବନେଶ୍ୱର–୭୫୧୦୧୮, ୩୬. ରବୀନ୍ଦ୍ର କୁମାର ପଲେଇ, ପିତା: ସୁରେନ୍ଦ୍ର ପଲେଇ, ସା: ଡି.–୨/୧୯, ମେଟ୍ରୋ ସିଟି ଆପାର୍ଟମେଣ୍ଟ, ପୋଷ୍ଟ/ଥାନା: ନୟାପଲ୍ଲୀ, ଭୁବନେଶ୍ୱର–୧୨, ୩୭. ଆନ୍ଧ୍ରା ବ୍ୟାଙ୍କ, A Body Cooperate under the Banking companies Main Branch, ସା: ଜନପଥ, ବାପୁଜୀ ନଗର, ଚୌଧୁରୀ ମାର୍କେଟ କମ୍ପ୍ଲେକ୍ସ, 1st Floor, ଭୁବନେଶ୍ୱର, Authorised Officers - (Asst. Manager), ସୁଦର୍ଶନ ଶଙ୍କର, ପିତା: ଉମା ଶଙ୍କର, ୩୮. ଗୀତାଞ୍ଜଳୀ ତ୍ରିପାଠୀ, ସ୍ୱା: ସୁରେଶ ଚନ୍ଦ୍ର ତ୍ରିପାଠୀ, ଗ୍ରା/ପୋ: ଶ୍ରୀରାମଚନ୍ଦ୍ରପୁର, ଥା: ସତ୍ୟବାଦୀ, ଜି.: ପୁରୀ, ୩୯. ରମେଶ ଚନ୍ଦ୍ର ଜେନା, ପିତା: ନୀଳମଣି ଜେନା, ଗ୍ରାମ/ପୋଷ୍ଟ: ଜାଗମରା, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୪୦. ସବିତା ଶର୍ମା, ସ୍ୱାମୀ: ଅକ୍ଷୟ କୁମାର ଶର୍ମା, ଗ୍ରାମ: ତୁଳସୀପୁର ମଠସାହି, ଥାନା: ଲାଲବାଗ, ଜିଲ୍ଲା: କଟକ, ୪୧. ସୁଲତା ନାୟକ, ସ୍ୱାମୀ: ଦର୍ପନାରାୟଣ ନାୟକ, ଗ୍ରାମ: ଭାମଣ୍ଡା, ଥାନା: ଆଳି, ଜିଲ୍ଲା: କେନ୍ଦ୍ରାପଡ଼ା, ୪୨. ରୁକ୍ମଣି ରାୟ, ସ୍ୱାମୀ: ଦୁର୍ଯ୍ୟୋଧନ ରାୟ, ମାର୍ଫତ: ମାନସ ରାୟ, ଗ୍ରାମ: ଶାନ୍ତିବିହାର, କନିକା ରୋଡ଼, ତୁଳସୀପୁର, ଜିଲ୍ଲା: କଟକ, ୪୩. ପ୍ରଦୀପ କୁମାର ଦାସ, ପିତା: ଗୌରାଙ୍ଗ ଚରଣ ଦାସ, ସା: ପ୍ଲଟ ନଂ. ୧୧୩, ଆଇ.ଆର୍.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା, ୪୪. ଅଲେଖ ଚରଣ ପଟ୍ଟନାୟକ, ପିତା: ମାୟାଧର ପଟ୍ଟନାୟକ, ୪୫. ସତ୍ୟବାଦୀ ପଟ୍ଟନାୟକ, ପିତା: ମଦନ ମୋହନ ପଟ୍ଟନାୟକ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୪୬. ପାଣ୍ଡବ ସାହୁ, ପିତା: ବୀରବର ସାହୁ, ଗ୍ରାମ/ପୋଷ୍ଟ: ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ୪୭. କ୍ଷୀତିଶ ଚନ୍ଦ୍ର ଭୂୟାଁ ମହାପାତ୍ର, ୪୮. ଇଦିଶ ଚନ୍ଦ୍ର ଭୂୟାଁ ମହାପାତ୍ର, ପି.: ହରିଶଚନ୍ଦ୍ର ଭୂୟାଁ, ଗ୍ରା/ପୋ.: ଘାଟିକିଆ, ଥା: ଖଣ୍ଡଗିରି, ଭୁବନେଶ୍ୱର, ଜି.: ଖୋର୍ଦ୍ଧା, ୪୯. ବିଜୟ କୁମାର ଛୋଟରାୟ, ୫୦. ନିମାଇ ଚରଣ ଛୋଟରାୟ, ପିତା: ଭ୍ରମରବର ଛୋଟରାୟ, ୫୧. ଶଶିମଣୀ ବେୱା, ସ୍ୱାମୀ: ଆନନ୍ଦ ଚନ୍ଦ୍ର ଛୋଟରାୟ, ୫୨. ସଲିଲ କୁମାର ଛୋଟରାୟ, ୫୩. ଅନିଲ୍ କୁମାର ଛୋଟରାୟ, ପିତା: ଆନନ୍ଦ ଚନ୍ଦ୍ର ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୪. ସର୍ବେଶ୍ୱର ଗଜେନ୍ଦ୍ର, ୫୫. ସୁରଥ ଗଜେନ୍ଦ୍ର, ପିତା: ହଟ୍ଟକିଶୋର ଗଜେନ୍ଦ୍ର, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୬. ଶୁକ ଦେଇ, ସ୍ୱାମୀ: ପହଲି ମହାକୁଡ଼, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୭. କାଞ୍ଚନ ବାଳା ରାଉତରାୟ, ସ୍ୱାମୀ: କୁମଳଣି ରାଉତରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୮. ପଦ୍ମଜା ଦେବୀ, ସ୍ୱାମୀ: ବିଶ୍ୱମୟ କର, ଗ୍ରାମ: ଓଲ୍ଡ ସଦର ଲେନ୍, ଥାନା: ସଦର, ଜିଲ୍ଲା: ପୁରୀ, ୫୯. ଭାସ୍କର ସରାବ, ପିତା: ଏ. ଲକ୍ଷ୍ମୀ ନାରାୟଣ ସରାବ, ସା: ଘର ନଂ. EWS-27/7, Chandrasekharpur, Phase-1, Housing Board Colony, ପୋଷ୍ଟ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ୬୦. ବିବେକ ନାରାୟଣ ମନ୍ତ୍ରୀ, ୬୧. ବ୍ରିଜ ନାରାୟଣ ମନ୍ତ୍ରୀ, ପିତା: ବିଚିତ୍ର ନାରାୟଣ ମନ୍ତ୍ରୀ, ଗ୍ରାମ: କୁରୁଟୁଙ୍ଗା, ପୋଷ୍ଟ: ଅଙ୍ଗୁଳାଇ, ଥାନା/ଜିଲ୍ଲା: କେନ୍ଦ୍ରାପଡ଼ା, ୬୨. ଗୌରାଙ୍ଗ ଚରଣ ମହାପାତ୍ର, ୬୩. ରଞ୍ଜିତ କୁମାର ମହାପାତ୍ର, ପିତା: କାମଦେବ ମହାପାତ୍ର, ଗ୍ରାମ: ଗୋପାଳ ନଗର, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ, ୬୪. ବାମଦେବ ପାଲଟାସିଂହ, ପିତା: ବାଞ୍ଛାନିଧି ପାଲଟାସିଂହ, ଗ୍ରାମ: ଜାଗମରା, ପୋଷ୍ଟ/ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୬୫. ଶ୍ୟାମସୁନ୍ଦର ଦାସ, ପିତା: ଚୈତନ୍ୟ ଦାସ, ଗ୍ରାମ: ସାମପୁର, ଥା: ଲକ୍ଷ୍ମୀ ବିହାର, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା–୭୫୧୦୨୯, ୬୬. ବ୍ରହ୍ମାନନ୍ଦ ସାହୁ, ପିତା: ବୀରବର ସାହୁ, ଗ୍ରାମ: ବରମୁଣ୍ଡା, ପୋଷ୍ଟ: ଡେଲଟା, ଥାନା: ଖଣ୍ଡଗିରି, ଭୁବନେଶ୍ୱର–୩, ୬୭. ହଟ୍ଟକିଶୋର ବଡ଼ଜେନା, ପିତା: ରସାନନ୍ଦ ବଡ଼ଜେନା, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୬୮. ଶୁଭେନ୍ଦୁ କୁମାର ଛୋଟରାୟ, ୬୯. ଶୁଧେନ୍ଦୁ କୁମାର ଛୋଟରାୟ, ୭୦. ଶତ୍ୟେନ୍ଦୁ କୁମାର ଛୋଟରାୟ, ୭୧. ପୂର୍ଣ୍ଣେନ୍ଦୁ କୁମାର ଛୋଟରାୟ, ପିତା: ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ, ୭୨. କୁମୁଦିନୀ ଛୋଟରାୟ, ସ୍ୱାମୀ: ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୭୩. ରମେଶ ଚନ୍ଦ୍ର ପାଢ଼ୀ, ପିତା: ଅର୍ଜୁନ ପାଢ଼ୀ, ସା: F-5/2, ରେଣ୍ଟାଲ କଲୋନୀ, ବରମୁଣ୍ଡା, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର, ପୋ: ଆଇ.ଆର୍.ସି., ଭିଲେଜ, ଥାନା: ନୟାପଲ୍ଲୀ, ଜିଲ୍ଲା: ଖୋର୍ଦ୍ଧା, ୭୪. ଭାଗବତ ଦାସ, ପି.: ବଟକୃଷ୍ଣ ଦାସ, ସା: ସାମପୁର, ପୋ: ଘାଟିକିଆ, ଥା: ଖଣ୍ଡଗିରି, ଜି.: ଖୋର୍ଦ୍ଧା, ୭୫. ଆଲୋକ କୁମାର ସାହୁ, ପି.: ଭିକାରୀ ଚରଣ ସାହୁ, ୭୬. ସୁରମା ସାହୁ, ସ୍ୱା.: ଭିକାରୀ ଚରଣ ସାହୁ, ସା: ସାମପୁର, ପୋ: ଘାଟିକିଆ, ଥା: ଖଣ୍ଡଗିରି, ଜି.: ଖୋର୍ଦ୍ଧା, ୭୭. ମଲିକାର୍ଜୁନ ଛୋଟରାୟ, ୭୮. ମୁର୍ଗାଙ୍ଗ ଶେଖର ଛୋଟରାୟ, ପିତା: ଉଚ୍ଛବ ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୭୯. ସଂଘମିତ୍ରା ଦରଜି, ସ୍ୱା.: ସୁବୋଧ କୁମାର ମହପାତ୍ର, ସା: ଏସ୍–୩–୪୯୨, ନିଳାଦ୍ରି ବିହାର, ପୋ: ଶୈଳେଶ୍ରୀ ବିହାର, ଥା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ୮୦. କୁନୀ ଆଚାର୍ଯ୍ୟ, ସ୍ୱା: ବୈଦ୍ୟନାଥ ମିଶ୍ର, ସା: ସ–ମିଲ୍ ଲେନ୍, ଗୁଣ୍ଡିଚା ବିହାର, ସର୍ବୋଦୟ ନଗର, କୁମ୍ଭାରପଡ଼ା, ପୁରୀ–୨, ୮୧. ଟୁନାରମା ପ୍ରଧାନ, ସ୍ୱା.: ଭଗତବନ୍ଧୁ ପ୍ରଧାନ, ସା: ଆପାର୍ଟମେଣ୍ଟ ନଂ. ବି/୨୦୫, ଏମ୍.ଜେ. ଆଷ୍ଟେଲିନ୍, ଚୋଡ଼ସାନ୍ଦରା, ପୋ.: ହୁସ୍‌କୁର, ବାଙ୍ଗାଲୁରୁ–୫୬୦୦୯୯, ୮୨. ପ୍ରତିମା ପଟ୍ଟନାୟକ, ସ୍ୱାମୀ– ଅଜୟ କୁମାର ପଟ୍ଟନାୟକ,ସା–Apartment No.20102, Bhuban Greens, Kasavanahalli, Po-Carmelaram, Bengaloru-560035, ୮୩. ରଘୁନାଥ ଚିନେରା, ପି–ନରେନ୍ଦ୍ର ଚିନେରା, ସା–ସାମପୁର, ଥା–ଚନ୍ଦକା, ଜି–ଖୋର୍ଦ୍ଧା, ୮୪, ମନମୋହନ ବାରିକ, ପିତା–ମାଗୁ ବାରିକ, ଗ୍ରାମ–ବଳଦା, ପୋଷ୍ଟ–ପୁଚ୍ଛଳା, ଥାନା–ଗୋବିନ୍ଦପୁର, ଜିଲ୍ଲା–ଖୋର୍ଦ୍ଧା, ୮୫. ଆମ୍ୟ ଚନ୍ଦ୍ର କାନୁନ୍‌ଗୋ, ପିତା–ପଞ୍ଚାନନ ଦାସ, ଗ୍ରାମ/ପୋଷ୍ଟ–ସୁକ୍ଲେଶ୍ୱର, ଥାନା–ମାହାଙ୍ଗା, ଜିଲ୍ଲା–କଟକ, ୮୬.ତୁଳସୀ ଦାସ, ପିତା–ସାଧୁ ଚରଣ ଦାସ, ଗ୍ରାମ–ସାମପୁର, ଥାନା–ଚନ୍ଦକା, ଜିଲ୍ଲା–ଖୋର୍ଦ୍ଧା, ୮୭. ଶକନ୍ତଳା ସାହୁ, ସ୍ୱାମୀ–ନାରାୟଣ ସାହୁ, ଗ୍ରାମ/ପୋଷ୍ଟ– ପଦ୍ମାବତୀ, ଜିଲ୍ଲା–ପୁରୀ, ୮୮. ମଞ୍ଜୁଳା ଦେଈ, ସ୍ୱାମୀ– ଜ୍ୟୋତିଶ ଚନ୍ଦ୍ର ରାୟ, ଗ୍ରାମ/ପୋଷ୍ଟ–ଉତ୍ତରାଣ, ଥାନା–ଗୋବିନ୍ଦପୁର, ଜିଲ୍ଲା–କଟକ, ୮୯. କୈଳାସ ଚନ୍ଦ୍ର ମହାପାତ୍ର, ପି–ହରେକୃଷ୍ଣ ମହାପାତ୍ର, ସା–ସିଠାଳୋ, ଥା–ଗୋବିନ୍ଦପୁର, ଜି–କଟକ, ୯୦. ଏସ୍.କେ.ଅବଦୁଲ ରସିଦ୍, ପିତା–ଏସ୍.କେ.ଅବଦୁଲ ହମିଦ୍, ଗ୍ରାମ/ପୋଷ୍ଟ–ପଦ୍ମପୁର, ମୁତରଫା, ଥାନା–ଜଗତପୁର, ଜିଲ୍ଲା–କଟକ, ୯୧. ହୃଦାନନ୍ଦ ଦାସ, ପିତା–ଜନ୍ମେଶ୍ୱର ଦାସ, ଗ୍ରାମ/ପୋଷ୍ଟ–ଗଣେଶ୍ୱରପୁର, ଜିଲ୍ଲା–ପୁରୀ, ୯୨.କ୍ରିଷ୍ଣା କୁମାରୀ ନାହାକ, ସ୍ୱାମୀ–ରମାନାଥ ନାହାକ, ଗ୍ରାମ/ପୋଷ୍ଟ –କଳାଷଣ୍ଡପୁର, ଜିଲ୍ଲା–ଗଞ୍ଜାମ, ୯୩. ଅନନ୍ତ ଚରଣ ମହାରଣା, ପିତା–ଭୀମସେନ ମହାରଣା, ଗ୍ରାମ–କୁମ୍ଭକାରଡିହ, ଜିଲ୍ଲା–ପୁରୀ, ୯୪. ଫାତିମା ବିବି, ସ୍ୱାମୀ–ଏସ୍.କେ.ଅବଦୁଲ ହମିଦ୍, ଗ୍ରାମ/ପୋଷ୍ଟ–ପଦ୍ମପୁର ମୁତରଫା, ଥାନା–ଜଗତପୁର, ଜିଲ୍ଲା–କଟକ, ୯୫. ହୃଷିକେଶ ସାହୁ, ସ୍ୱାମୀ– ରଘୁନାଥ ସାହୁ, ଗ୍ରାମ–ଟୁନାପୁର, ପୋଷ୍ଟ–ସିଂହନାଥ ପୀଠ, ଥାନା–ବଡମ୍ବା, ଜିଲ୍ଲା–କଟକ, ୯୬. ରାଜକିଶୋର ପାଣି, ପି–ପ୍ରବୀର କୁମାର ପାଣି, ସା/ପୋ–ଧାଗୁଡିଶୋଲ, ଥା–ଖାଡ଼ପୋଖରୀଆ,ଜି–ମୟୂରଭଞ୍ଜ,୯୭. ମୋତି ମୁଦୁଲି, ସ୍ୱାମୀ– ଗନ୍ଧର୍ବ ମୁଦୁଲି, ଗ୍ରାମ/ପୋଷ୍ଟ–କାକରୁଦ୍ରପୁର, ଥାନା–ବାଲିଅନ୍ତା, ଜିଲ୍ଲା–ଖୋର୍ଦ୍ଧା, ୯୮. ଶକୁନ୍ତଳା ମୁଦୁଲି, ସ୍ୱାମୀ–ଶ୍ରୀଧର ମୁଦୁଲି, ଗ୍ରାମ–ନୂଆଗାଁ, ପୋଷ୍ଟ–ମଳିପଡା, ଥାନା–ଖଣ୍ଡଗିରି, ଜିଲ୍ଲା–ଖୋର୍ଦ୍ଧା, ୯୯.ଜାନକୀ ଦେବୀ, ସ୍ୱାମୀ–ଗଙ୍ଗାଧର ମିଶ୍ର, ଗ୍ରାମ–ବୀରପୁରୁଷୋତ୍ତମପୁର, ଥାନା–ପିପିଲି, ଜିଲ୍ଲା–ପୁରୀ, ୧୦୦, ଅରୁଣ କୁମାର ବିଶ୍ୱାଳ, ପି–ବାଳକୃଷ୍ଣ ବିଶ୍ୱାଳ, ସା–ଅଠତିରା, ପୋ–ଆଳସାହୀ, ଥା–କାକଟପୁର, ଜି–ପୁରୀ, ୧୦୧. ବସନ୍ତ କୁମାର ମିଶ୍ର, ପିତା–ଗଣେଶ୍ୱର ମିଶ୍ର, At-T.D.C.C. Ltd., ରୁପାଲି ଛକ, ଥାନା/ପୋଷ୍ଟ– ସହିଦନଗର, ଭୁବନେଶ୍ୱର, ୧୦୨. ପ୍ରଫୁଲ୍ଲ ଚନ୍ଦ୍ର ରଥ, ପିତା–ନୀଳକଣ୍ଠ ରଥ, ଗ୍ରାମ–ବଳଭଦ୍ରପୁର ଶାସନ, ପୋଷ୍ଟ–ମତୋ, ଥାନା–ଚାନ୍ଦବାଲି,ଜିଲ୍ଲା–ଭଦ୍ରକ,୧୦୩. ପ୍ରସନ୍ନ କୁମାର ପଣ୍ଡା, ପିତା–ଗୋପାଳ ଚରଣ ପଣ୍ଡା, ଗ୍ରାମ–ବଳଭଦ୍ରପୁର ଶାସନ, ପୋଷ୍ଟ–ମତୋ, ଥାନା–ଚାନ୍ଦବାଲି, ଜିଲ୍ଲା–ଭଦ୍ରକ, ୧୦୪. ମମତା ପଣ୍ଡା, ସ୍ୱାମୀ– ପ୍ରସନ୍ନ କୁମାର ପଣ୍ଡା, ଗ୍ରାମ– ବରସିଂହପୁର, ପୋଷ୍ଟ/ଥାନା–ଦଶପଲ୍ଲା, ଜିଲ୍ଲା–ନୟାଗଡ଼, ୧୦୫. ସୁନିଲ୍ ଖଣ୍ଡୁଆଳ, ପିତା–ବଳଦେବ ଖଣ୍ଡୁଆଳ, ସା–ପ୍ଲଟ ନଂ.୨୧୦/୭୨୮, ଗାୟତ୍ରୀ ବିହାର, ପୋ–ଡୁମୁଡୁମା, ଥାନା–ଖଣ୍ଡଗିରି, ଭୁବନେଶ୍ୱର, ଖୋର୍ଦ୍ଧା, ୧୦୬. ଅମରେଶ ଚନ୍ଦ୍ର ଷଡ଼ଙ୍ଗୀ, ପିତା–ଗୋବିନ୍ଦ ଚନ୍ଦ୍ର ଷଡଙ୍ଗୀ, ସା–ପ୍ଲଟ ନଂ. ୩୫୧/ଏ, ସହୀଦନଗର, ପୋଷ୍ଟ/ଥାନା–ସହିଦ ନଗର, ଭୁବନେଶ୍ୱର, ଖୋର୍ଦ୍ଧା,୧୦୭. ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ପିତା– ଅଶୋକ କୁମାର ଆଚାର୍ଯ୍ୟ, ଗ୍ରାମ/ପୋଷ୍ଟ– ସମସାରପୁର, ଥାନା–ମାହାଙ୍ଗା, ଜିଲ୍ଲା–କଟକ, ୧୦୮. ଶିଶିର କୁମାର ପାଲ, ପିତା–ବାଳକୃଷ୍ଣ ପାଲ, At-2RB-12, IDC Colony, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା, ୧୦୯. ମାନସି ଦାସ, ସ୍ୱା–ଅରୁଣ ରଂଜନ ଦାସ, ସା–ଏମ.ସି.ଏଲ. ବ୍ରଜରାଜନଗର ସେଣ୍ଟ୍ରାଲ ହସ୍ପିଟାଲ, ଝାରସୁଗୁଡା, ୧୧୦. ଭାବରଞ୍ଜନ ଆଚାର୍ଯ୍ୟ, ପିତା–ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, At–N3–445, IRC Village, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା, ୧୧୧. ସୁକାନ୍ତ କୁମାର ସାହୁ, ପିତା–ଗୋବିନ୍ଦ ଚନ୍ଦ୍ର ସାହୁ, ଗ୍ରାମ–କୁଞ୍ଜବନପୁର, ପୋଷ୍ଟ/ଥାନା–ଗଣିଆ, ଜିଲ୍ଲା–ନୟାଗଡ଼, ୧୧୨. ମିସ୍ ମନ୍ଦପଲ୍ଲା ଭାରତୀ, ପିତା–M.V.R. Murty, C/o-V. Ramakrishna, At-L-3/104, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା, ୧୧୩. ମମତା ନାୟକ, ପିତା–ଜ୍ଞାନେନ୍ଦ୍ର କୁମାର ସିଂ, ଗ୍ରାମ–ନାଗେଶ୍ୱର ସଙ୍ଗ, ଭୁବନେଶ୍ୱର, ୧୧୪. ଗିରିଧାରୀ ବେହେରା, ପି–ଆନନ୍ଦ ଚନ୍ଦ୍ର ବେହେରା, ସା–ଭୁସାଲା, ଥା–ଭୁବନ, ଜି–ଢେଙ୍କାନାଳ, ୧୧୫. Miss S. Jagadee Vari Murty, W/o- L.M. Murty, C/o-V. Ramakrishna, At-L-3/104, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା, ୧୧୬. ରତ୍ନାକର ପରିଡା, ପିତା–ଯୁଧିଷ୍ଠିର ପରିଡା, ଗ୍ରାମ–କଟିକଟା, ଭାୟା–ରାମବାଗ, ଥାନା–ମଙ୍ଗଳପୁର, ଜିଲ୍ଲା–ଯାଜପୁର, ୧୧୭. ସୁବାସ କୁମାର ବଡ଼ଜେନା, ପିତା–ଦିନବନ୍ଧୁ ବଡ଼ଜେନା, ଗ୍ରାମ/ପୋଷ୍ଟ–ମଳିପଡା, ଥାନା–ଚନ୍ଦକା, ଜିଲ୍ଲା–ଖୋର୍ଦ୍ଧା, ୧୧୮. ଶଙ୍କର୍ଷଣ ସାହୁ, ପିତା–ଦିବାକର ସାହୁ, ସା–ପ୍ଲଟ ନଂ. ୧୭୧୭, ଶ୍ରୀରାମ ନଗର, ପୋଷ୍ଟ–ଓଲ୍ଡ ଟାଉନ, ଥାନା–ଲିଙ୍ଗରାଜ, ଭୁବନେଶ୍ୱର–୨, ୧୧୯. ଅନୁସୟା ମିଶ୍ର, ସ୍ୱାମୀ– ଶରତ ଚନ୍ଦ୍ର ମିଶ୍ର, ଗ୍ରାମ/ପୋଷ୍ଟ– କପା ଜୟୀପାଲି, ଥାନା–ଶରଣକୂଳ, ଜିଲ୍ଲା–ନୟାଗଡ଼, ୧୨୦. କାଶୀନାଥ ପଣ୍ଡା, ପିତା–ବୁଦ୍ଧେଶ୍ୱର ପଣ୍ଡା, ଗ୍ରାମ–ଦିନିଆରୀ, ପୋଷ୍ଟ–ଭୋଗଦା, ଥାନା/ଜିଲ୍ଲା–ଖୋର୍ଦ୍ଧା, ୧୨୧. ଗୋବିନ୍ଦ ଚନ୍ଦ୍ର ମାରାଣ୍ଡି, ପି–ଫଗୁରାମା ମାରାଣ୍ଡି, ସା–ନାବାର୍ଡ, ପି.ବି.ନଂ.୧୭୯, ଭୁବନେଶ୍ୱର, ୧୨୨. M/s. Sarala Realcon Pvt. Ltd. of M.D. Gayadhar Jena, ପିତା–ଗଙ୍ଗାଧର ଜେନା, ସା–ପ୍ଲଟ ନଂ. ୬୫୯, ସହିଦ ନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୧୨୩. ସୁରେନ୍ଦ୍ର କୁମାର ପରିଡା, ୧୨୪. ଧୀରେନ୍ଦ୍ର କୁମାର ପରିଡା, ପିତା–ରତ୍ନାକର ପରିଡା, ୧୨୫. ରତ୍ନାକର ପରିଡା, ପିତା–ଯୁଜେଷ୍ଠି ପରିଡା, ସା–ପ୍ଲଟ ନଂ.–୪୨୮, ଗଡ଼ ମହାବୀରଲେନ୍ ଗ୍ୟାରେଜ ଛକ, ଭୁବନେଶ୍ୱର–୭୫୧୦୦୨, ୧୨୬. ବ୍ୟାଙ୍କ ଅଫ୍ ବରୋଦା, ସା–ସାମନ୍ତରାପୁର, ପୋଷ୍ଟ–ଓଲ୍ଡ ଟାଉନ, ଥାନା–ଲିଙ୍ଗରାଜ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା, ୧୨୭. ଅଫିସ୍ ଅଫ୍ ଦି ଡାଇରେକ୍ଟର ଅଫ୍ ଟେକ୍ସଟାଇଲ–କମ୍–ଆଡିସନାଲ ରେଜିଷ୍ଟ୍ରାର ଅଫ୍ କୋ–ଅପରେଟିଭ୍ ସୋସାଇଟି, ଓଡ଼ିଶା, ଭୁବନେଶ୍ୱର, ୧୨୮. ସୁବୋଧ କୁମାର ମହାପାତ୍ର, ପି–ସ୍ୱର୍ଗତ କୃଷ୍ଣଚନ୍ଦ୍ର ମହାପାତ୍ର, ସା– ଫ୍ଲାଟ ନଂ.୪୯୨, ସେକ୍ଟର–୩, ନୀଳାଦ୍ରି ବିହାର, ପୋ–ଶୈଳଶ୍ରୀ ବିହାର, ଥା–ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା.... ବିରୋଧୀ ପକ୍ଷମାନେ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ–ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.–୧ (ଏ), କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ ନଂ.–୧/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା, ଜିଲ୍ଲା–ଖୋର୍ଦ୍ଧା, ତହସିଲ–ଭୁବନେଶ୍ୱର, ଥାନା–ଚନ୍ଦକା, ମୌଜା–ସାମପୁର, ଖାତା ନଂ.–୨୨୪/୧୬୨, ପ୍ଲଟ ନଂ.–୧୦୭୯/୧୧୧୦/୧୬୫୬, ଖାତା ନଂ.–୨୨୪/୪୮୩, ପ୍ଲଟ ନଂ.– ୧୬୫୬/୨୦୧୩, ଖାତା ନଂ.– ୨୨୪/୪୮୪, ପ୍ଲଟ ନଂ.–୧୬୫୬/୨୦୧୪, ଖାତା ନଂ.–୨୨୪/୪୮୫, ପ୍ଲଟ ନଂ.–୧୬୫୬/୨୦୧୫, ଖାତା ନଂ.– ୨୨୪/୫୯୯, ପ୍ଲଟ ନଂ.– ୧୦୭୯/୧୧୧୦/୧୬୫୬/୨୨୯୬, ଖାତା ନଂ.– ୨୨୪/୮୭୫, ପ୍ଲଟ ନଂ.–୧୦୭୯/୧୧୧୦/୧୬୫୬/୨୯୯୮, ଖାତା ନଂ.–୨୨୪/୩୦୮, ପ୍ଲଟ ନଂ.–୧୦୭୯/୧୧୧୦/୧୭୯୮, ଖାତା ନଂ.– ୨୨୪/୩୦୯, ପ୍ଲଟ ନଂ.–୧୦୭୯/୧୧୧୦/୧୭୯୯, ଖାତା ନଂ.– ୨୨୪/୩୮୮, ପ୍ଲଟ ନଂ.–୧୦୭୯/୧୧୧୦/୧୮୭୦, ଖାତା ନଂ.– ୨୨୪/୩୯୧, ପ୍ଲଟ ନଂ.–୧୦୭୯/୧୧୧୦/୧୮୭୩, ଖାତା ନଂ.– ୨୨୪/୪୫୪, ପ୍ଲଟ ନଂ.–୧୦୭୯/୧୧୧୦/୧୯୬୧, ଖାତା ନଂ.–୨୨୪/୪୫୫, ପ୍ଲଟ ନଂ.– ୧୦୭୯/୧୧୧୦/୧୯୬୨, ଖାତା ନଂ.– ୨୨୪/୪୫୬, ପ୍ଲଟ ନଂ.– ୧୦୭୯/୧୧୧୦/୧୯୬୩, ଖାତା ନଂ.– ୨୨୪/୪୫୭, ପ୍ଲଟ ନଂ.୧୦୭୯/୧୧୧୦/୧୯୬୪, ଖାତା ନଂ.– ୨୨୪/୪୯୪, ପ୍ଲଟ ନଂ.– ୧୧୧୦/୧୫୮୭, ଖାତା ନଂ–୨୨୪/୪୨୩, ପ୍ଲଟ ନଂ.–୧୧୧୦/୧୯୦୬, ଖାତା ନଂ.–୨୨୪/୪୨୫, ପ୍ଲଟ ନଂ.– ୧୧୧୦/୧୯୧୫, ଖାତା ନଂ.– ୨୨୪/୪୪୧, ପ୍ଲଟ ନଂ.–୧୧୧୦/ ୧୯୩୧ ଅଧିଗୃହିତ ରକବା ଏ. ୧.୧୩୦ ଡି. ଅଟେ । ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବୀର କରିପାରିବେ । ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୧୫.୧୧.୨୩ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ ।

ଭୂ–ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୧୩।୦୯।୨୦୨୩ ରିଖ

Draft Notice is approved. Petitioner to get it published in a Newspaper widely circulated in the area where the ops. are ordinarily residing within 07 (Seven) days.

ସ୍ୱାକ୍ଷର/– ପ୍ରିଜାଇଡିଙ୍ଗ ଅଫିସର
ଭୂ–ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0037/2425

# ସକାଳ ୬ରୁ ସନ୍ଧ୍ୟା ୬ଯାଏ ଦୋକାନ ଖୋଲା

**ମୁକୁନ୍ଦପ୍ରସାଦରେ ହିଂସା ଘଟଣା**

ଖୋର୍ଦ୍ଧା,୬।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ମୁକୁନ୍ଦପ୍ରସାଦ ଅଞ୍ଚଳରେ ଗତ ୨୫ତାରିଖରେ ହୋଇଥିବା ହିଂସା ଘଟଣା ପରେ ପ୍ରଶାସନ ପକ୍ଷରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍ଏସ୍ଏସ୍) ୧୬୩ ଧାରା ଲାଗୁ କରାଯାଇଥିଲା। ଫଳରେ ମୁକୁନ୍ଦପ୍ରସାଦ ଅଞ୍ଚଳରେ ଔଷଧ ଦୋକାନକୁ ବାଦ୍ ଦେଲେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ତେବେ ପ୍ରଶାସନ ପକ୍ଷରୁ କଟକଣା କୋହଳ କରାଯାଇଛି। ମୁକୁନ୍ଦପ୍ରସାଦରେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବ। ଏନେଇ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ବିଜ୍ଞପ୍ତି ଜାରି କରିଛନ୍ତି। ତେବେ ଶୁକ୍ରବାର କାଁ ଭାଁ ଦୋକାନ ଖୋଲିଥିବା ଦେଖିବାକୁ ମିଳିଥିଲା। ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଥିବା ଜାଣିବା ପରେ ସ୍ଥାନୀୟ ଜନସାଧାରଣ ଏବଂ ବ୍ୟବସାୟୀ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଏହି ଥାନା ଅଧୀନ ମୁକୁନ୍ଦପ୍ରସାଦ ମାଳିସାହିର ମହମ୍ମଦ ସାଜିଦଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ପରେ ଏହି ଘଟଣାକୁ ନେଇ ହିଂସା ଘଟିଥିଲା। ଏ ସମ୍ପର୍କରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ଆଇନ ଶୃଙ୍ଖଳାରେ ସୁଧାର ଆଣିବା ପାଇଁ ଏହି ଧାରା ଲାଗୁ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ଅନୁମତି ଦିଆଯାଇଥିଲା। ଏବେ ଆଇନ ଶୃଙ୍ଖଳାରେ ଧୀରେ ଧୀରେ ସ୍ୱାଭାବିକ ସ୍ଥିତିକୁ ଫେରୁଥିବା ନେଇ ଶିଳ୍ପାଞ୍ଚଳ ଥାନା ଅଧିକାରୀଙ୍କ ରିପୋର୍ଟକୁ ଆଧାର କରି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ହତ୍ୟା ଘଟଣାରେ ୩ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ହିଂସା ଘଟଣାରେ ୧୪ଜଣ ଗିରଫ ହୋଇଛନ୍ତି।

# ଜିଲାରେ ୪,୫୦୦ ଫର୍ମ ପଞ୍ଜୀକରଣ କରାଯାଇଛି

**ସୁଭଦ୍ରା ଯୋଜନା**

ଖୋର୍ଦ୍ଧା,୬।୯(ପ୍ରଭାତ ପାଣିଗ୍ରାହୀ)


ଜିଲାପାଳ ଚଞ୍ଚଳ ରାଣା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

'ସୁଭଦ୍ରା' ଯୋଜନା ଫର୍ମ ଦାଖଲ ପୂର୍ବରୁ ଆଧାର ସଂଶୋଧନ କରିବାକୁ ଡାକଘର ଓ ଜନସେବା କେନ୍ଦ୍ରରେ ହିତାଧିକାରୀଙ୍କ ଲମ୍ବାଧାଡି ଲାଗିଛି। କିଏ ମୋବାଇଲ ନମ୍ବର ତ ଆଉ କିଏ ଠିକଣା ଅପ୍‌ଡେଟ୍ ପାଇଁ ଭିଡ଼ ଲଗାଇଛନ୍ତି। ସୁଭଦ୍ରା ଯୋଜନା ଅନ୍ତର୍ଭୁକ୍ତ ପାଇଁ ଆଧାର ସଂଯୋଗ ବାଧ୍ୟତାମୂଳକ ରହିଛି। ଫଳରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଆଧାର ସଂଯୋଗ ପାଇଁ ବିଭିନ୍ନ ଡାକଘରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳୁଛି। ଶୁକ୍ରବାର ଏ ସଂକ୍ରାନ୍ତରେ ଜିଲାପାଳ ଚଞ୍ଚଳ ରାଣା ଏକ ଖବରଦାତା ସମ୍ମିଳନୀରେ ସୁଭଦ୍ରା ଯୋଜନା ବିଷୟରେ ସୂଚନା ଦେଇଛନ୍ତି। ସମସ୍ତ ୧୦ ବ୍ଲକ, ପୌରାଞ୍ଚଳ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଏହି ଯୋଜନାର କାର୍ଯ୍ୟକାରିତା ଜାରି ରହିଛି। ଜିଲାରେ ୩୯୨ ଜନସେବା କେନ୍ଦ୍ର ଏବଂ ୨୪୨ ମୋ ସେବାକେନ୍ଦ୍ର ଖୋଲାଯାଇଛି। ଏହିସବୁ କେନ୍ଦ୍ରରେ ଗୁରୁବାର ସୁଦ୍ଧା ୪୫୦୦ ଫର୍ମ ରେଜିଷ୍ଟ୍ରେଶନ କରାଯାଇଛି। ୪ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଫର୍ମ ଦିଆଯାଇଛି। ଏହି ଯୋଜନାରେ ସାମିଲ ହେବା ପାଇଁ କୌଣସି ସମୟସୀମା ଧାର୍ଯ୍ୟ କରାଯାଇନାହିଁ। ଏହା ଏକ ନିରନ୍ତର ପ୍ରକ୍ରିୟା। ଜିଲାପାଳ ଆହୁରି କହିଛନ୍ତି, ଜନସେବା କେନ୍ଦ୍ର(ସିଏସ୍‌ସି) ଏବଂ ମୋ ସେବାକେନ୍ଦ୍ରରେ ସୁଭଦ୍ରା ଫର୍ମ ଦାଖଲ ପାଇଁ ଆଧାର ସହ ମୋବାଇଲ ନମ୍ବର ଲିଙ୍କ୍ ହୋଇ ନ ଥିଲେ ମଧ୍ୟ ମୁହଁ କିମ୍ବା ଟିପ ଚିହ୍ନ, ଆଖି ସ୍କାନିଂ ମାଧ୍ୟମରେ ଆଧାର ପ୍ରମାଣୀକରଣ କରାଯାଇପାରିବ। ତେଣୁ ସୁଭଦ୍ରା ଫର୍ମ ଦାଖଲ ପାଇଁ ମୋବାଇଲ ନମ୍ବର ଆଧାର ଲିଙ୍କ୍ ପାଇଁ ବ୍ୟସ୍ତ ହୋଇ ଗହଳି ନ କରି ବିନା ମୋବାଇଲ ନମ୍ବର ଲିଙ୍କରେ ମଧ୍ୟ ଆବେଦନପତ୍ର ପୂରଣ କରି ଦାଖଲ କରିପାରିବେ। ଆଧାର ସଂଶୋଧନ ପାଇଁ ଜିଲାର ସମସ୍ତ ବ୍ଲକସ୍ତରରେ ରହିଥିବା ଡାକଘର ସମ୍ପର୍କରେ ଜିଲା ପ୍ରଶାସନର ଫେସ୍‌ବୁକ୍ ଆକାଉଣ୍ଟ(ସୋସିଆଲ ମିଡିଆ)ରେ ଉଲ୍ଲେଖ କରାଯାଇଛି। ଆଧାର ସଂଶୋଧନ ପାଇଁ ନିକଟସ୍ଥ ଡାକଘରକୁ ଯାଇ ସଂଶୋଧନ କରିପାରିବେ ବୋଲି କହିଛନ୍ତି। ଯେଉଁମାନେ ଆଧାରକାର୍ଡ କରିନାହାନ୍ତି ସେମାନଙ୍କ ନିମନ୍ତେ ପୌରାଞ୍ଚଳ, ପଞ୍ଚାୟତ ସମିତି ଏବଂ ଡାକଘରେ ସହାୟତା ଯୋଗାଇ ଦିଆଯିବ। ସୁଭଦ୍ରା ଯୋଜନା ପଞ୍ଜୀକରଣ ଜିଲାର ଯେକୌଣସି ମୋ ସେବାକେନ୍ଦ୍ର ଓ ଜନସେବା କେନ୍ଦ୍ରରେ କରିପାରିବେ। ପଞ୍ଜୀକରଣ ସମୟରେ ଆବେଦନକାରୀଙ୍କଠାରୁ କୌଣସି ଅର୍ଥ ଆଦାୟ କରାଯିବ ନାହିଁ। ଯଦି କୌଣସି ସ୍ଥାନରେ ଅର୍ଥ ଆଦାୟ କରାଯାଉଥିବ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଯୋଜନା ସମ୍ପର୍କିତ ଅଧିକ ତଥ୍ୟ ଜାଣିବା ପାଇଁ ଦେୟମୁକ୍ତ ନମ୍ବର ୧୪୬୭୮କୁ ଯୋଗାଯୋଗ କରିପାରିବେ। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରକାଶ ସଭାପତି, ଶତ୍ରୁଘ୍ନ ସମ୍ପାଦକ ମନୋନୀତ

ଟାଙ୍ଗୀ,୬।୯(ରଘୁନାଥ ସାହୁ)

କୁହୁଡ଼ିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନୂତନ ପରିଚାଳନା କମିଟି ଗଠିତ ହୋଇଛି। ସଭାପତିଭାବେ ପ୍ରକାଶ ବେବର୍ତ୍ତା, ଉପସଭାପତି ସୁଜାତା ଛୋଟରାୟ, ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ, ସହସମ୍ପାଦକ ଲକ୍ଷ୍ମୀଧର ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ସାମନ୍ତରାୟ, ସଦସ୍ୟଭାବେ ଶ୍ରୀବତ୍ସ ମହାପାତ୍ର, ପୁଷ୍ପାଞ୍ଜଳି ବେହେରା ମନୋନୀତ ହୋଇଛନ୍ତି। ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା'ଙ୍କ ଉପସ୍ଥିତିରେ କମିଟିର କର୍ମକର୍ତ୍ତାମାନେ ବିଦ୍ୟାଳୟର ଶୈକ୍ଷିକ ପରିବେଶ, ସାମଗ୍ରିକ ଉନ୍ନତି ପାଇଁ କାର୍ଯ୍ୟ କରିବା ଲାଗି ସଂକଳ୍ପବଦ୍ଧ ହୋଇଥିଲେ। ବିଦ୍ୟାଳୟ ପକ୍ଷରୁ ସମସ୍ତ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇଥିଲା।

# ପାଣି ନ ଦେବାରୁ ନିଆଁ ଲଗାଇଦେବା ଘଟଣା, ମହିଳାଙ୍କ ମୃତ୍ୟୁ

ଜଟଣୀ, ୬।୯ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ପାଇକରାପୁରରେ ଗତ ୩୧ ତାରିଖରେ ମଦ ପିଇବା ପାଇଁ ପାଣି ନ ଦେବାରୁ ମହିଳାଙ୍କ ଦେହରେ ଜଣେ ବ୍ୟକ୍ତି ନିଆଁ ଲଗାଇଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସମ୍ପୃକ୍ତ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରତିମା ବେହେରା। ସୂଚନାଥାଉ କି, ଗତ ୩୧ ତାରିଖ ଅପରାହ୍ନରେ ମୋହନ ମଦ ପିଇବା ପାଇଁ ପ୍ରତିମାଙ୍କ ଘରେ ପଶି ପାଣି ମାଗିଥିଲେ। ତେବେ ପ୍ରତିମା ମଦ ପିଇବାକୁ ପାଣି ଦେବାକୁ ମନା କରିଥିଲେ। ମୋହନ ଏହା ପରେ ପ୍ରତିମାଙ୍କ ଉପରେ କିଛି ରାସାୟନିକ ପଦାର୍ଥ ପକାଇବା ସହିତ ନିଆଁ ଲଗାଇଦେଇଥିଲେ। ପରେ ସ୍ଥାନୀୟ ଲୋକେ ପହଞ୍ଚି ପ୍ରତିମାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ପୀଡିତା ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ପ୍ରତିମାଙ୍କ ମୃତ୍ୟୁ ଘଟିଥିବା ନେଇ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି।

**ଗୋଷ୍ଠୀ ବିବାଦ ଘଟଣା**

# ମୁଖ୍ୟ ଅଭିଯୁକ୍ତ ଗିରଫ

ଟାଙ୍ଗୀ,୬।୯(ରଘୁନାଥ ସାହୁ)

କୁହୁଡ଼ି ରତନପୁର ଗ୍ରାମରେ ଗତ ଜୁଲାଇ ମାସରେ ଘଟିଥିବା ଗୋଷ୍ଠୀ ବିବାଦର ମୁଖ୍ୟ ଅଭିଯୁକ୍ତ ଫିରୋଜ ଖାଁଙ୍କୁ ଟାଙ୍ଗୀ ଥାନା ପୋଲିସ ଗିରଫ କରିଛି। ପ୍ରକାଶ ଯେ, ସୋରଣ ମୁସଲିମ ସମ୍ପ୍ରଦାୟର ଯୁବକମାନେ ରତନପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ଆକ୍ରମଣ କରିଥିବା ନେଇ କୁହୁଡି ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏନେଇ ଉତ୍ତେଜନା ଦେଖାଦେଇଥିଲା। ସାମାଜିକ ବାସନ୍ଦ ସହିତ ଦୋକାନ ବଜାର, ସ୍କୁଲ କଲେଜ ବନ୍ଦ ରହିଥିଲା। ଶାନ୍ତି କମିଟି, କୋର କମିଟି ଗଠିତ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଗିରଫ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫିରୋଜଙ୍କୁ ଧରିବା ପାଇଁ ଦାବି ହେଉଥିଲା। ସୋରଣସ୍ଥିତ ବାସଭବନରୁ ଫିରୋଜଙ୍କୁ ପୋଲିସ ଗିରଫ କରିଛି।

# ନିରାକାରପୁରରେ କ୍ୟାମ୍ପ କୋର୍ଟ

ନିରାକାରପୁର,୬।୯
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ପରିସରରେ ଶୁକ୍ରବାର ଟାଙ୍ଗୀ ନ୍ୟାୟାଳୟ ପକ୍ଷରୁ ଦିନିକିଆ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗୀ ଗ୍ରାମ୍ୟ ନ୍ୟାୟାଳୟର ବିଚାର ବିଭାଗ ତଥା ପ୍ରଥମ ମାଜିଷ୍ଟ୍ରେଟ ସୁଧୀର କୁମାର ସେଠୀ ଯୋଗଦେଇ ୮ଟି ମାମଲାରୁ ୪ଟି ଫଇସଲା କରିଥିଲେ। ପ୍ରାୟ ୧୫/୧୬ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ଟାଙ୍ଗୀ ନ୍ୟାୟାଳୟର ସରକାରୀ ଆଇନଜୀବୀ ନିରଞ୍ଜନ ଦାସଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟରେ ସ୍ଥାନୀୟ ପୋଲିସ ସହଯୋଗ କରିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଚିଲିକା ଜେଟି ଧର୍ମଶାଳା



କୃଷ୍ଣପ୍ରସାଦ, ୬।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ ପାରିକୁଦ ଗଡ଼ ଚିଲିକା ଘିମୁଦା ଜେଟି କୂଳରେ ଅବସ୍ଥିତ ଧର୍ମଶାଳାଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଏକଦା ଉକ୍ତ ଧର୍ମଶାଳା କୃଷ୍ଣପ୍ରସାଦ ବ୍ଲକର ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଆସୁଥିଲା। ୧୯୫୬ ମସିହାରେ କୃଷ୍ଣପ୍ରସାଦ ଅଞ୍ଚଳର ନୀଳକଣ୍ଠ ବଡ଼ପଣ୍ଡାଙ୍କ ଉଦ୍ୟମରେ ଏହି ଧର୍ମଶାଳା ନିର୍ମାଣ କରାଯାଇଥିଲା। ସମାୟାନୁକ୍ରମେ ଧର୍ମଶାଳାର ରକ୍ଷଣାବେକ୍ଷଣ ଦିଗରେ ପ୍ରଶାସନ କିମ୍ବା ଜନପ୍ରତିନିଧି କେହି ହେଲେ ଧ୍ୟାନ ଦେଲେ ନାହିଁ। ଫଳରେ ଧର୍ମଶାଳାଟି ଏବେ ସମ୍ପୂର୍ଣ୍ଣ ବିପଦଶଙ୍କୁଳ ହୋଇପଡ଼ିଛି। ଦୀର୍ଘ ୬୭ ବର୍ଷ ପରେ ମଧ୍ୟ ଧର୍ମଶାଳାର ପୁନରୁଦ୍ଧାର ଦିଗରେ କେହି ଦୃଷ୍ଟି ନ ଦେବା ପରିତାପର ବିଷୟ। ଏଣୁ ଧର୍ମଶାଳାର ଉନ୍ନତୀକରଣ ଦିଗରେ ବ୍ଲକ ପ୍ରଶାସନ, ବ୍ରହ୍ମଗିରି ବିଧାୟିକା ଦୃଷ୍ଟି ଦେବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି। ଏଥିପ୍ରତି କୃଷ୍ଣପ୍ରସାଦ ମଣ୍ଡଳ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେବାକୁ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ବୋଇତ ବନ୍ଦାଣ କମିଟି ସଭାପତି ବାଉରିବନ୍ଧୁ ଦଳେଇ, ସାମାଜିକ କର୍ମୀ ନାଲୁ ପାହାଣ, ହଜାରୀ ନାୟକ, ସଞ୍ଜୟ କୁମାର ଗିରିଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।


# ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

No. XXXIII-17

## ନୋଟିସ

**ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ**
**ଏଲ.ଏ. କେସ୍ ନଂ.- ୧/୨୦୨୧**

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ

ବନାମ

୧. ମାନସ ରଞ୍ଜନ ଛୋଟରାୟ, ପିତା: ତରଣୀ ସେନ୍ ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨. ସୁଶାନ୍ତ କୁମାର ମହାନ୍ତି, ପିତା: ତ୍ରୈଲକ ନାଥ ମହାନ୍ତି, ଗ୍ରାମ: ଗୋପାଟଣା, ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୩. ଆଭାରାଣୀ ମହାନ୍ତି, ସ୍ୱାମୀ: ଫକୀର ମୋହନ ମହାନ୍ତି, ସା: ଆଭାନିଳୟ, ସାଇ ମନ୍ଦିର ପାଖ, ନୂଆଗାଁ ଛକ, ପୋ: ଲକ୍ଷ୍ମୀବିହାର, ସାମପୁର - ୭୫୧୦୨୯, ୪. ଆଶୁତୋଷ ମହାନ୍ତି, ୫. ଆଲୋକେଶ ମହାନ୍ତି, ୬. ଅନନ୍ୟା ମହାନ୍ତି, ମାତା: ପ୍ରତିମା ମହାନ୍ତି, ୭. ଯୁଗଳ କିଶୋର ମହାନ୍ତି, ପିତା: ବୈରାଗୀ ଚରଣ ମହାନ୍ତି, ସ୍ତ୍ରୀ: ପ୍ରତିମା ମହାନ୍ତି, ସା: ପ୍ଲଟ ନଂ. ସି-୬୦, ଲିଙ୍ଗରାଜ ବିହାର, ପୋଖରୀପୁଟ, ଭୁବନେଶ୍ୱର-୨୦, ୮. ନାରାୟଣ ମିଶ୍ର, ପିତା: ବଂଶୀଧର ମିଶ୍ର, ଗ୍ରାମ: ମାର୍କଣ୍ଡେଶ୍ୱର ସାହି, ଡିପ ସାହି (ଭବାନୀ କ୍ଲବ ନିକଟ), ପୋଷ୍ଟ/ଥାନା/ଜିଲ୍ଲା: ପୁରୀ - ୭୫୨୦୦୧, ୯. କାନ୍ଧୁଲା ଲଳିତା ଦେବୀ, ସ୍ୱାମୀ: କାନ୍ଧୁଲା ରାମା ରାଓ, ସା: ସେକ୍ଟର-୧/୧୦୫, ଏମ୍.ଆଇ.ଜି.-୨, ନୀଳାଦ୍ରି ବିହାର, ପୋଷ୍ଟ: ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧, ୧୦. ଜୟଜଗବନ୍ଧୁ ପାତ୍ର, ପି.: କୃଷ୍ଣଚନ୍ଦ୍ର ପାତ୍ର, ସା: ସର୍ଭେ ଅଫ୍ ଇଣ୍ଡିଆ, ପୋ: ଆର୍.ଆର୍.ଲ୍ୟାବ୍, ଭୁବନେଶ୍ୱର-୭୫୧୦୧୩, ୧୧. ଶକୁନ୍ତଳା ସାହୁ, ସ୍ୱାମୀ: ନାରାୟଣ ସାହୁ, ସା: ପ୍ଲଟ ନଂ. ୭୪୮/୬, ରାମେଶ୍ୱର ପାଟଣା, ବାରିକ ସାହି, ଭୁବନେଶ୍ୱର-୨, ୧୨. ଏମ୍/ଏସ୍ ନଳିନୀ ଇଷ୍ଟେଟ୍ କନ୍‌ଷ୍ଟ୍ରକସନ ପ୍ରା.ଲି., ସା: ୪୦/ବି, ବି.ଡ଼ି.ଏ., ଏଚ୍.ଆଇ.ଜି. ଡୁପ୍ଲେକ୍ସ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର, ଏମ୍.ଡ଼ି. ଶ୍ରୀ ମାନସ ରଞ୍ଜନ ମହାପାତ୍ର, ପିତା: ବିଧାଧର ମହାପାତ୍ର, ୧୩. ଶିକ୍ଷା ଓ ଅନୁସନ୍ଧାନ, ତରଫ ସଭାପତି: ମନୋଜ ରଞ୍ଜନ ନାୟକ, ପିତା: ଦୈତାରୀ ନାୟକ, ସା: ପ୍ଲଟ ନଂ. ୨୨୪, ଧର୍ମ ବିହାର, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୧୪. ଏମ୍/ଏସ୍ ଅଚ୍ୟୁତ ଇଞ୍ଜିନିୟରିଂ ଆଣ୍ଡ କନ୍‌ଷ୍ଟ୍ରକସନ ପ୍ରା.ଲି., ସା: ସି.-୧୭୮, ବି.ଡ଼ି.ଏ. ଡୁପ୍ଲେକ୍ସ, ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ରିପ୍ରେଜେଣ୍ଟ ଡାଇରେକ୍ଟର: ରମା ବଲ୍ଲଭ ପରିଡ଼ା, ପିତା: ରଘୁନାଥ ପରିଡ଼ା, ୧୫. ମିଶ୍ର କ୍ରିଏସନ୍ ପ୍ରା.ଲି., ଅଫିସ୍ ସା-ଏ-୩, ପି.ପି.ଏଲ୍. ହାଉସିଂ କଲୋନୀ, ଖଣ୍ଡିଗିରି, ଭୁବନେଶ୍ୱର, ଏମ୍.ଡ଼ି. ଜ୍ୟୋତି ରଞ୍ଜନ ମିଶ୍ର, ପିତା: ସୋମନାଥ ମିଶ୍ର, ୧୬. ବିଶ୍ୱମୟ କର, ପିତା: ଶଶିଭୂଷଣ କର, ଗ୍ରାମ: ପୁରୁଣା ସଦର ରୋଡ୍, ପୋ/ଥାନା/ଜିଲ୍ଲା: ପୁରୀ, ୧୭. କୃଷ୍ଣ ଚରଣ ଦାସ, ପି.: ବିପ୍ରଚରଣ ଦାସ, ସା: ଆୟତନ, ଥା: ଆଳି, ଜି: କଟକ, ୧୮. ସରସ୍ୱତୀ ବେହେରା, ସ୍ୱାମୀ: ଚିତ୍ତରଞ୍ଜନ ବେହେରା, ସା: ଘର ନଂ. ଏଚ୍.ଆଇ.ଜି.-ଡି.-୫୫, ମୈତ୍ରୀ ବିହାର, ଭୁବନେଶ୍ୱର, ପୋଷ୍ଟ: ଇଷ୍ଟ କୋଷ୍ଟ ରେଲୱେ କଲୋନୀ, ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ୧୯. ମାୟାଧର ପଟ୍ଟନାୟକ, ପିତା: କେଶବ ପଟ୍ଟନାୟକ, ୨୦. ସତ୍ୟବାଦୀ ପଟ୍ଟନାୟକ, ପିତା: ମଦନ ପଟ୍ଟନାୟକ, ଗ୍ରାମ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨୧. ଚିତ୍ତରଞ୍ଜନ ବେହେରା, ପିତା: ଲିଙ୍ଗରାଜ ବେହେରା, ସା: ଘର ନଂ. ଡି-୫୫, ମୈତ୍ରୀ ବିହାର, ଭୁବନେଶ୍ୱର, ପୋଷ୍ଟ: ଇଷ୍ଟ କୋଷ୍ଟ ରେଲୱେ କଲୋନୀ, ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ୨୨. କନକପ୍ରଭା ତ୍ରିପାଠୀ, ସ୍ୱା: ଉମାଧର ତ୍ରିପାଠୀ, ସା: ଗୁଆମାଳ, ଥା: ତିହିଡ଼ି, ଜି: ବାଲେଶ୍ୱର, ୨୩. ବାସନ୍ତୀ ରାୟ, ସ୍ୱାମୀ: ବିଭୂତି ଭୂଷଣ ମହାନ୍ତି, ଗ୍ରାମ: ଗାରିମା, ଥାନା: ଗୋପ, ଜିଲ୍ଲା: ପୁରୀ, ୨୪. ଛନ୍ଦା ଚରଣ ଦାସ, ପିତା: ଗୋପାଳ ଚରଣ ଦାସ, ଗ୍ରାମ: ଶାମପୁର, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨୫. ବୈଷ୍ଣବ ଚରଣ ପଟ୍ଟନାୟକ, ପିତା: ଉଦୟନାଥ ପଟ୍ଟନାୟକ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨୬. ମନୋଜ ମିଶ୍ର, ପିତା: ଦାମୋଦର ମିଶ୍ର, ସା: ସି.-୨/୧୯, ମାୟାପୁରୀ ଆପାର୍ଟମେଣ୍ଟ, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨, ୨୭. ଦାମୋଦର ମିଶ୍ର, ପିତା: କୃତ୍ତିବାସ ମିଶ୍ର, ସା: ସି-୨/୧୯, ମାୟାପୁରୀ ଆପାର୍ଟମେଣ୍ଟ, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨, ୨୮. ଦିଲ୍ଲିପ କୁମାର ଦାସ, ପିତା: ଲକ୍ଷ୍ମୀଧର ଦାସ, ସା: ପ୍ଲଟ ନଂ. ବି-୭୫, ବି.ଡ଼ି.ଏ. ଡୁପ୍ଲେକ୍ସ, ବରମୁଣ୍ଡା, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ୨୯. ଉଦୟନାଥ ମଲ୍ଲିକ, ପିତା: ଲୋକନାଥ ମଲ୍ଲିକ, ସା: ଏ.ଏଲ୍-୧୨୪, ଭି.ଏସ୍.ଏସ୍. ନଗର, ଥାନା: ଶହିଦନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୩୦. ରମେଶ ଚନ୍ଦ୍ର ପାଣି, ପିତା: ସତ୍ୟନାରାୟଣ ପାଣି, ସା: ଆଇ.ଭି.ଆର୍-୧୮୮, ୟୁନିଟ୍-୪, ଭୁବନେଶ୍ୱର, ଖୋର୍ଦ୍ଧା, ୩୧. ଜ୍ୟୋତ୍ସ୍ନା ତ୍ରିପାଠୀ, ପିତା: ପ୍ରେମାନନ୍ଦ ତ୍ରିପାଠୀ, ସା: ମଧୁସୂଦନ ନଗର, ତୁଳସୀପୁର, ଥାନା: ମଙ୍ଗଳାବାଗ୍, ଜିଲ୍ଲା: କଟକ, ୩୨. କୁଳମଣି ରାଉତରାୟ, ପିତା: ଉଚ୍ଛବ ରାଉତରାୟ, ୩୩. ପ୍ରଭାକର ପଟ୍ଟନାୟକ, ୩୪. ସୁଧାକର ପଟ୍ଟନାୟକ, ପିତା: ଗୋଲଖ ବିହାରୀ ପଟ୍ଟନାୟକ, ଗ୍ରାମ/ପୋ ; ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୩୫. ଦେବିପ୍ରିୟା ସାହୁ, ସ୍ୱାମୀ: ଆନନ୍ଦ ଚନ୍ଦ୍ର ସାହୁ, ସା: ଆର୍.ପି.-୨୪, ଟଙ୍କପାଣି ରୋଡ଼, ପୋଷ୍ଟ/ଥାନା: ଓଲ୍ଡ ଟାଉନ, ଭୁବନେଶ୍ୱର-୭୫୧୦୧୮, ୩୬. ରବୀନ୍ଦ୍ର କୁମାର ପଲେଇ, ପିତା: ସୁରେନ୍ଦ୍ର ପଲେଇ, ସା: ଡି.-୨/୧୯, ମେଟ୍ରୋ ସିଟି ଆପାର୍ଟମେଣ୍ଟ, ପୋଷ୍ଟ/ଥାନା: ନୟାପଲ୍ଲୀ, ଭୁବନେଶ୍ୱର-୧୨, ୩୭. ଆନ୍ଧ୍ରା ବ୍ୟାଙ୍କ, A Body Cooperate under the Banking companies Main Branch, ସା: ଜନପଥ, ବାପୁଜୀ ନଗର, ଚୌଧୁରୀ ମାର୍କେଟ କମ୍ପ୍ଲେକ୍ସ, 1st Floor, ଭୁବନେଶ୍ୱର, Authorised Officers - (Asst. Manager), ସୁଦର୍ଶନ ଶଙ୍କର, ପିତା: ଉମା ଶଙ୍କର, ୩୮. ଗୀତାଞ୍ଜଳୀ ତ୍ରିପାଠୀ, ସ୍ୱା: ସୁରେଶ ଚନ୍ଦ୍ର ତ୍ରିପାଠୀ, ଗ୍ରା/ପୋ: ଶ୍ରୀରାମଚନ୍ଦ୍ରପୁର, ଥା: ସତ୍ୟବାଦୀ, ଜି.: ପୁରୀ, ୩୯. ରମେଶ ଚନ୍ଦ୍ର ଜେନା, ପିତା: ନୀଳମଣି ଜେନା, ଗ୍ରାମ/ପୋଷ୍ଟ: ଜାଗମରା, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୪୦. ସବିତା ଶର୍ମା, ସ୍ୱାମୀ: ଅକ୍ଷୟ କୁମାର ଶର୍ମା, ଗ୍ରାମ: ତୁଳସୀପୁର ମଠସାହି, ଥାନା: ଲାଲବାଗ, ଜିଲ୍ଲା: କଟକ, ୪୧. ସୁଲତା ନାୟକ, ସ୍ୱାମୀ: ଦର୍ପନାରାୟଣ ନାୟକ, ଗ୍ରାମ: ଭାମଣ୍ଡା, ଥାନା: ଆଳି, ଜିଲ୍ଲା: କେନ୍ଦ୍ରାପଡ଼ା, ୪୨. ରୁକ୍ମଣି ରାୟ, ସ୍ୱାମୀ: ଦୁର୍ଯ୍ୟୋଧନ ରାୟ, ମାର୍ଫତ: ମାନସ ରାୟ, ଗ୍ରାମ: ଶାନ୍ତିବିହାର, କନିକା ରୋଡ଼, ତୁଳସୀପୁର, ଜିଲ୍ଲା: କଟକ, ୪୩. ପ୍ରଦୀପ କୁମାର ଦାସ, ପିତା: ଗୌରାଙ୍ଗ ଚରଣ ଦାସ, ସା: ପ୍ଲଟ ନଂ. ୧୧୩, ଆଇ.ଆର୍.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା, ୪୪. ଅଲେଖ ଚରଣ ପଟ୍ଟନାୟକ, ପିତା: ମାୟାଧର ପଟ୍ଟନାୟକ, ୪୫. ସତ୍ୟବାଦୀ ପଟ୍ଟନାୟକ, ପିତା: ମଦନ ମୋହନ ପଟ୍ଟନାୟକ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୪୬. ପାଣ୍ଡବ ସାହୁ, ପିତା: ବୀରବର ସାହୁ, ଗ୍ରାମ/ପୋଷ୍ଟ: ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ୪୭. କ୍ଷୀତିଶ ଚନ୍ଦ୍ର ଭୂୟାଁ ମହାପାତ୍ର, ୪୮. ଇଦିଶ ଚନ୍ଦ୍ର ଭୂୟାଁ ମହାପାତ୍ର, ପି.: ହରିଶଚନ୍ଦ୍ର ଭୂୟାଁ, ଗ୍ରା/ପୋ.: ଘାଟିକିଆ, ଥା: ଖଣ୍ଡଗିରି, ଭୁବନେଶ୍ୱର, ଜି.: ଖୋର୍ଦ୍ଧା, ୪୯. ବିଜୟ କୁମାର ଛୋଟରାୟ, ୫୦. ନିମାଇ ଚରଣ ଛୋଟରାୟ, ପିତା: ଭ୍ରମରବର ଛୋଟରାୟ, ୫୧. ଶଶିମଣୀ ବେୱା, ସ୍ୱାମୀ: ଆନନ୍ଦ ଚନ୍ଦ୍ର ଛୋଟରାୟ, ୫୨. ସଲିଲ କୁମାର ଛୋଟରାୟ, ୫୩. ଅନିଲ୍ କୁମାର ଛୋଟରାୟ, ପିତା: ଆନନ୍ଦ ଚନ୍ଦ୍ର ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୪. ସର୍ବେଶ୍ୱର ଗଜେନ୍ଦ୍ର, ୫୫. ସୁରଥ ଗଜେନ୍ଦ୍ର, ପିତା: ହଟ୍ଟକିଶୋର ଗଜେନ୍ଦ୍ର, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୬. ଶୁକ ଦେଈ, ସ୍ୱାମୀ: ପହଲି ମହାକୁଡ଼, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୭. କାଞ୍ଚନ ବାଳା ରାଉତରାୟ, ସ୍ୱାମୀ: କୁମଳଣି ରାଉତରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୮. ପଦ୍ମଜା ଦେବୀ, ସ୍ୱାମୀ: ବିଶ୍ୱମୟ କର, ଗ୍ରାମ: ଓଲ୍ଡ ସଦର ଲେନ୍, ଥାନା: ସଦର, ଜିଲ୍ଲା: ପୁରୀ, ୫୯. ଭାସ୍କର ସରାବ, ପିତା: ଏ. ଲକ୍ଷ୍ମୀ ନାରାୟଣ ସରାବ, ସା: ଘର ନଂ. EWS-27/7, Chandrasekharpur, Phase-1, Housing Board Colony, ପୋଷ୍ଟ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ୬୦. ବିବେକ ନାରାୟଣ ମନ୍ତ୍ରୀ, ୬୧. ବ୍ରିଜ ନାରାୟଣ ମନ୍ତ୍ରୀ, ପିତା: ବିଚିତ୍ର ନାରାୟଣ ମନ୍ତ୍ରୀ, ଗ୍ରାମ: କୁରୁଟୁଙ୍ଗା, ପୋଷ୍ଟ: ଅଙ୍ଗୁଳାଇ, ଥାନା/ଜିଲ୍ଲା: କେନ୍ଦ୍ରାପଡ଼ା, ୬୨. ଗୌରାଙ୍ଗ ଚରଣ ମହାପାତ୍ର, ୬୩. ରଞ୍ଜିତ କୁମାର ମହାପାତ୍ର, ପିତା: କାମଦେବ ମହାପାତ୍ର, ଗ୍ରାମ: ଗୋପାଳ ନଗର, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ, ୬୪. ବାମଦେବ ପାଲଟାସିଂହ, ପିତା: ବାଞ୍ଛାନିଧି ପାଲଟାସିଂହ, ଗ୍ରାମ: ଜାଗମରା, ପୋଷ୍ଟ/ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୬୫. ଶ୍ୟାମସୁନ୍ଦର ଦାସ, ପିତା: ଚୈତନ୍ୟ ଦାସ, ଗ୍ରାମ: ସାମପୁର, ଥା: ଲକ୍ଷ୍ମୀ ବିହାର, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା-୭୫୧୦୨୯, ୬୬. ବ୍ରହ୍ମାନନ୍ଦ ସାହୁ, ପିତା: ବୀରବର ସାହୁ, ଗ୍ରାମ: ବରମୁଣ୍ଡା, ପୋଷ୍ଟ: ଡେଲଟା, ଥାନା: ଖଣ୍ଡଗିରି, ଭୁବନେଶ୍ୱର-୩, ୬୭. ହଟ୍ଟକିଶୋର ବଡ଼ଜେନା, ପିତା: ରସାନନ୍ଦ ବଡ଼ଜେନା, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୬୮. ଶୁଭେନ୍ଦୁ କୁମାର ଛୋଟରାୟ, ୬୯. ଶୁଧେନ୍ଦୁ କୁମାର ଛୋଟରାୟ, ୭୦. ଶତ୍ୟେନ୍ଦୁ କୁମାର ଛୋଟରାୟ, ୭୧. ପୂର୍ଣ୍ଣେନ୍ଦୁ କୁମାର ଛୋଟରାୟ, ପିତା: ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ, ୭୨. କୁମୁଦିନୀ ଛୋଟରାୟ, ସ୍ୱାମୀ: ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୭୩. ରମେଶ ଚନ୍ଦ୍ର ପାଢ଼ୀ, ପିତା: ଅର୍ଜୁନ ପାଢ଼ୀ, ସା: F-5/2, ରେଣ୍ଟାଲ କଲୋନୀ, ବରମୁଣ୍ଡା, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର, ପୋ: ଆଇ.ଆର୍.ସି., ଭିଲେଜ, ଥାନା: ନୟାପଲ୍ଲୀ, ଜିଲ୍ଲା: ଖୋର୍ଦ୍ଧା, ୭୪. ଭାଗବତ ଦାସ, ପି.: ବଟକୃଷ୍ଣ ଦାସ, ସା: ସାମପୁର, ପୋ: ଘାଟିକିଆ, ଥା: ଖଣ୍ଡଗିରି, ଜି.: ଖୋର୍ଦ୍ଧା, ୭୫. ଆଲୋକ କୁମାର ସାହୁ, ପି.: ଭିକାରୀ ଚରଣ ସାହୁ, ୭୬. ସୁରମା ସାହୁ, ସ୍ୱା.: ଭିକାରୀ ଚରଣ ସାହୁ, ସା: ସାମପୁର, ପୋ: ଘାଟିକିଆ, ଥା: ଖଣ୍ଡଗିରି, ଜି.: ଖୋର୍ଦ୍ଧା, ୭୭. ମଲିକାର୍ଜୁନ ଛୋଟରାୟ, ୭୮. ମୁର୍ଗାଙ୍ଗ ଶେଖର ଛୋଟରାୟ, ପିତା: ଉଚ୍ଛବ ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୭୯. ସଂଘମିତ୍ରା ଦରଜି, ସ୍ୱା.: ସୁବୋଧ କୁମାର ମହପାତ୍ର, ସା: ଏସ୍-୩-୪୯୨, ନିଳାଦ୍ରି ବିହାର, ପୋ: ଶୈଳେଶ୍ରୀ ବିହାର, ଥା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ୮୦. କୁନୀ ଆଚାର୍ଯ୍ୟ, ସ୍ୱା: ବୈଦ୍ୟନାଥ ମିଶ୍ର, ସା: ସ-ମିଲ୍ ଲେନ୍, ଗୁଣ୍ଡିଚା ବିହାର, ସର୍ବୋଦୟ ନଗର, କୁମ୍ଭାରପଡ଼ା, ପୁରୀ-୨, ୮୧. ଟୁନାରମା ପ୍ରଧାନ, ସ୍ୱା.: ଭଗତବନ୍ଧୁ ପ୍ରଧାନ, ସା: ଆପାର୍ଟମେଣ୍ଟ ନଂ. ବି/୨୦୫, ଏମ୍.ଜେ. ଆଷ୍ଟେଲିନ୍, ଚୋଡ଼ସାନ୍ଦରା, ପୋ.: ହୁସ୍‌କୁର, ବାଙ୍ଗାଲୁରୁ-୫୬୦୦୯୯, ୮୨. ପ୍ରତିମା ପଟ୍ଟନାୟକ, ସ୍ୱାମୀ- ଅଜୟ କୁମାର ପଟ୍ଟନାୟକ,ସା-Apartment No.20102, Bhuban Greens, Kasavanahalli, Po-Carmelaram, Bengaloru-560035, ୮୩. ରଘୁନାଥ ଚିନେରା, ପି-ନରେନ୍ଦ୍ର ଚିନେରା, ସା-ସାମପୁର, ଥା-ଚନ୍ଦକା, ଜି-ଖୋର୍ଦ୍ଧା, ୮୪, ମନମୋହନ ବାରିକ, ପିତା-ମାଗୁ ବାରିକ, ଗ୍ରାମ-ବଳଦା, ପୋଷ୍ଟ-ପୁଚ୍ଛଳା, ଥାନା-ଗୋବିନ୍ଦପୁର, ଜିଲ୍ଲା-ଖୋର୍ଦ୍ଧା, ୮୫. ଆମ୍ୟ ଚନ୍ଦ୍ର କାନୁନ୍‌ଗୋ, ପିତା-ପଞ୍ଚାନନ ଦାସ, ଗ୍ରାମ/ପୋଷ୍ଟ-ସୁକ୍ଲେଶ୍ୱର, ଥାନା-ମାହାଙ୍ଗା, ଜିଲ୍ଲା-କଟକ, ୮୬.ତୁଳସୀ ଦାସ, ପିତା-ସାଧୁ ଚରଣ ଦାସ, ଗ୍ରାମ-ସାମପୁର, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୮୭. ଶକନ୍ତଳା ସାହୁ, ସ୍ୱାମୀ-ନାରାୟଣ ସାହୁ, ଗ୍ରାମ/ପୋଷ୍ଟ- ପଦ୍ମାବତୀ, ଜିଲ୍ଲା-ପୁରୀ, ୮୮. ମଞ୍ଜୁଳା ଦେଈ, ସ୍ୱାମୀ- ଜ୍ୟୋତିଶ ଚନ୍ଦ୍ର ରାୟ, ଗ୍ରାମ/ପୋଷ୍ଟ-ଉତ୍ତରାଣ, ଥାନା-ଗୋବିନ୍ଦପୁର, ଜିଲ୍ଲା-କଟକ, ୮୯. କୈଳାସ ଚନ୍ଦ୍ର ମହାପାତ୍ର, ପି-ହରେକୃଷ୍ଣ ମହାପାତ୍ର, ସା-ସିଠାଳୋ, ଥା-ଗୋବିନ୍ଦପୁର, ଜି-କଟକ, ୯୦. ଏସ୍.କେ.ଅବଦୁଲ ରସିଦ୍, ପିତା-ଏସ୍.କେ.ଅବଦୁଲ ହମିଦ୍, ଗ୍ରାମ/ପୋଷ୍ଟ-ପଦ୍ମପୁର, ମୁତରଫା, ଥାନା-ଜଗତପୁର, ଜିଲ୍ଲା-କଟକ, ୯୧. ହୃଦାନନ୍ଦ ଦାସ, ପିତା-ଜନ୍ମେଶ୍ୱର ଦାସ, ଗ୍ରାମ/ପୋଷ୍ଟ-ଗଣେଶ୍ୱରପୁର, ଜିଲ୍ଲା-ପୁରୀ, ୯୨.କ୍ରିଷ୍ଣା କୁମାରୀ ନାହାକ, ସ୍ୱାମୀ-ରମାନାଥ ନାହାକ, ଗ୍ରାମ/ପୋଷ୍ଟ -କଳାଷଣ୍ଡପୁର, ଜିଲ୍ଲା-ଗଞ୍ଜାମ, ୯୩. ଅନନ୍ତ ଚରଣ ମହାରଣା, ପିତା-ଭୀମସେନ ମହାରଣା, ଗ୍ରାମ-କୁମ୍ଭକାରଡିହ, ଜିଲ୍ଲା-ପୁରୀ, ୯୪. ଫାତିମା ବିବି, ସ୍ୱାମୀ-ଏସ୍.କେ.ଅବଦୁଲ ହମିଦ୍, ଗ୍ରାମ/ପୋଷ୍ଟ-ପଦ୍ମପୁର ମୁତରଫା, ଥାନା-ଜଗତପୁର, ଜିଲ୍ଲା-କଟକ, ୯୫. ହୃଷିକେଶ ସାହୁ, ସ୍ୱାମୀ- ରଘୁନାଥ ସାହୁ, ଗ୍ରାମ-ଗୁନାପୁର, ପୋଷ୍ଟ-ସିଂହନାଥ ପୀଠ, ଥାନା-ବଡମ୍ବା, ଜିଲ୍ଲା-କଟକ, ୯୬. ରାଜକିଶୋର ପାଣି, ପି-ପ୍ରବୀର କୁମାର ପାଣି, ସା/ପୋ-ଧାଗୁଡ଼ିଶୋଲ, ଥା-ଖାଡ଼ପୋଖରୀଆ,ଜି-ମୟୂରଭଞ୍ଜ,୯୭. ମୋତି ମୁଦୁଲି, ସ୍ୱାମୀ- ଗନ୍ଧର୍ବ ମୁଦୁଲି, ଗ୍ରାମ/ପୋଷ୍ଟ-କାକରୁଦ୍ରପୁର, ଥାନା-ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା, ୯୮. ଶକୁନ୍ତଳା ମୁଦୁଲି, ସ୍ୱାମୀ-ଶ୍ରୀଧର ମୁଦୁଲି, ଗ୍ରାମ-ନୂଆଗାଁ, ପୋଷ୍ଟ-ମଳିପଡା, ଥାନା-ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ୯୯.ଜାନକୀ ଦେବୀ, ସ୍ୱାମୀ-ଗଙ୍ଗାଧର ମିଶ୍ର, ଗ୍ରାମ-ବୀରପୁରୁଷୋତ୍ତମପୁର, ଥାନା-ପିପିଲି, ଜିଲ୍ଲା-ପୁରୀ, ୧୦୦, ଅରୁଣ କୁମାର ବିଶ୍ୱାଳ, ପି-ବାଳକୃଷ୍ଣ ବିଶ୍ୱାଳ, ସା-ଅଠତିରା, ପୋ-ଆଳସାହୀ, ଥା-କାକଟପୁର, ଜି-ପୁରୀ, ୧୦୧. ବସନ୍ତ କୁମାର ମିଶ୍ର, ପିତା-ଗଣେଶ୍ୱର ମିଶ୍ର, At-T.D.C.C. Ltd., ରୁପାଲି ଛକ, ଥାନା/ପୋଷ୍ଟ- ସହିଦନଗର, ଭୁବନେଶ୍ୱର, ୧୦୨. ପ୍ରଫୁଲ୍ଲ ଚନ୍ଦ୍ର ରଥ, ପିତା-ନୀଳକଣ୍ଠ ରଥ, ଗ୍ରାମ-ବଳଭଦ୍ରପୁର ଶାସନ, ପୋଷ୍ଟ-ମତୋ, ଥାନା-ଚାନ୍ଦବାଲି,ଜିଲ୍ଲା-ଭଦ୍ରକ,୧୦୩. ପ୍ରସନ୍ନ କୁମାର ପଣ୍ଡା, ପିତା-ଗୋପାଳ ଚରଣ ପଣ୍ଡା, ଗ୍ରାମ-ବଳଭଦ୍ରପୁର ଶାସନ, ପୋଷ୍ଟ-ମତୋ, ଥାନା-ଚାନ୍ଦବାଲି, ଜିଲ୍ଲା-ଭଦ୍ରକ, ୧୦୪. ମମତା ପଣ୍ଡା, ସ୍ୱାମୀ- ପ୍ରସନ୍ନ କୁମାର ପଣ୍ଡା, ଗ୍ରାମ- ବରସିଂହପୁର, ପୋଷ୍ଟ/ଥାନା-ଦଶପଲ୍ଲା, ଜିଲ୍ଲା-ନୟାଗଡ଼, ୧୦୫. ସୁନିଲ୍ ଖଣ୍ଡୁଆଳ, ପିତା-ବଳଦେବ ଖଣ୍ଡୁଆଳ, ସା-ପ୍ଲଟ ନଂ.୨୧୦/୭୨୮, ଗାୟତ୍ରୀ ବିହାର, ପୋ-ଡୁମୁଡୁମା, ଥାନା-ଖଣ୍ଡଗିରି, ଭୁବନେଶ୍ୱର, ଖୋର୍ଦ୍ଧା, ୧୦୬. ଅମରେଶ ଚନ୍ଦ୍ର ଷଡ଼ଙ୍ଗୀ, ପିତା-ଗୋବିନ୍ଦ ଚନ୍ଦ୍ର ଷଡଙ୍ଗୀ, ସା-ପ୍ଲଟ ନଂ. ୩୫୧/ଏ, ସହୀଦନଗର, ପୋଷ୍ଟ/ଥାନା-ସହିଦ ନଗର, ଭୁବନେଶ୍ୱର, ଖୋର୍ଦ୍ଧା,୧୦୭. ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ପିତା- ଅଶୋକ କୁମାର ଆଚାର୍ଯ୍ୟ, ଗ୍ରାମ/ପୋଷ୍ଟ- ସମସାରପୁର, ଥାନା-ମାହାଙ୍ଗା, ଜିଲ୍ଲା-କଟକ, ୧୦୮. ଶିଶିର କୁମାର ପାଲ, ପିତା-ବାଳକୃଷ୍ଣ ପାଲ, At-2RB-12, IDC Colony, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୧୦୯. ମାନସି ଦାସ, ସ୍ୱା-ଅରୁଣ ରଂଜନ ଦାସ, ସା-ଏମ.ସି.ଏଲ. ବ୍ରଜରାଜନଗର ସେଣ୍ଟ୍ରାଲ ହସ୍ପିଟାଲ, ଝାରସୁଗୁଡା, ୧୧୦. ଭାବରଞ୍ଜନ ଆଚାର୍ଯ୍ୟ, ପିତା-ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, At-N3-445, IRC Village, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା, ୧୧୧. ସୁକାନ୍ତ କୁମାର ସାହୁ, ପିତା-ଗୋବିନ୍ଦ ଚନ୍ଦ୍ର ସାହୁ, ଗ୍ରାମ-କୁଞ୍ଜବନପୁର, ପୋଷ୍ଟ/ଥାନା-ଗଣିଆ, ଜିଲ୍ଲା-ନୟାଗଡ଼, ୧୧୨. ମିସ୍ ମନ୍ଦପଲ୍ଲା ଭାରତୀ, ପିତା-M.V.R. Murty, C/o-V. Ramakrishna, At-L-3/104, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା, ୧୧୩. ମମତା ନାୟକ, ପିତା-ଜ୍ଞାନେନ୍ଦ୍ର କୁମାର ସିଂ, ଗ୍ରାମ-ନାଗେଶ୍ୱର ଟାଙ୍ଗ, ଭୁବନେଶ୍ୱର, ୧୧୪. ଗିରିଧାରୀ ବେହେରା, ପି-ଆନନ୍ଦ ଚନ୍ଦ୍ର ବେହେରା, ସା-ଭୁସାଲା, ଥା-ଭୁବନ, ଜି-ଢେଙ୍କାନାଳ, ୧୧୫. Miss S. Jagadee Vari Murty, W/o- L.M. Murty, C/o-V. Ramakrishna, At-L-3/104, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା, ୧୧୬. ରତ୍ନାକର ପରିଡା, ପିତା-ଯୁଧିଷ୍ଠିର ପରିଡା, ଗ୍ରାମ-କଟିକଟା, ଭାୟା-ରାମବାଗ, ଥାନା-ମଙ୍ଗଳପୁର, ଜିଲ୍ଲା-ଯାଜପୁର, ୧୧୭. ସୁବାସ କୁମାର ବଡ଼ଜେନା, ପିତା-ଦିନବନ୍ଧୁ ବଡ଼ଜେନା, ଗ୍ରାମ/ପୋଷ୍ଟ-ମଳିପଡା, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୧୧୮. ଶଙ୍କର୍ଷଣ ସାହୁ, ପିତା-ଦିବାକର ସାହୁ, ସା-ପ୍ଲଟ ନଂ. ୧୭୧୭, ଶ୍ରୀରାମ ନଗର, ପୋଷ୍ଟ-ଓଲ୍ଡ ଟାଉନ, ଥାନା-ଲିଙ୍ଗରାଜ, ଭୁବନେଶ୍ୱର-୨, ୧୧୯. ଅନୁସୟା ମିଶ୍ର, ସ୍ୱାମୀ- ଶରତ ଚନ୍ଦ୍ର ମିଶ୍ର, ଗ୍ରାମ/ପୋଷ୍ଟ- କପା ଜୟୀପାଲି, ଥାନା-ଶରଣକୂଳ, ଜିଲ୍ଲା-ନୟାଗଡ଼, ୧୨୦. କାଶୀନାଥ ପଣ୍ଡା, ପିତା-ବୁଦ୍ଧେଶ୍ୱର ପଣ୍ଡା, ଗ୍ରାମ-ଦିନିଆରୀ, ପୋଷ୍ଟ-ଭୋଗଦା, ଥାନା/ଜିଲ୍ଲା-ଖୋର୍ଦ୍ଧା, ୧୨୧. ଗୋବିନ୍ଦ ଚନ୍ଦ୍ର ମାରାଣ୍ଡି, ପି-ଫଗୁରାମା ମାରାଣ୍ଡି, ସା-ନାବାର୍ଡ, ପି.ବି.ନଂ.୧୭୯, ଭୁବନେଶ୍ୱର, ୧୨୨. M/s. Sarala Realcon Pvt. Ltd. of M.D. Gayadhar Jena, ପିତା-ଗଙ୍ଗାଧର ଜେନା, ସା-ପ୍ଲଟ ନଂ. ୬୫୯, ସହିଦ ନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୧୨୩. ସୁରେନ୍ଦ୍ର କୁମାର ପରିଡା, ୧୨୪. ଧୀରେନ୍ଦ୍ର କୁମାର ପରିଡା, ପିତା-ରତ୍ନାକର ପରିଡା, ୧୨୫. ରତ୍ନାକର ପରିଡା, ପିତା-ଯୁଜେଷ୍ଟି ପରିଡା, ସା-ପ୍ଲଟ ନଂ.-୪୨୮, ଗଡ଼ ମହାବୀରଲେନ୍ ଗ୍ୟାରେଜ ଛକ, ଭୁବନେଶ୍ୱର-୭୫୧୦୦୨, ୧୨୬. ବ୍ୟାଙ୍କ ଅଫ୍ ବରୋଦା, ସା-ସାମନ୍ତରାପୁର, ପୋଷ୍ଟ-ଓଲ୍ଡ ଟାଉନ, ଥାନା-ଲିଙ୍ଗରାଜ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୧୨୭. ଅଫିସ୍ ଅଫ୍ ଦି ଡାଇରେକ୍ଟର ଅଫ୍ ଟେକ୍ସଟାଇଲ-କମ୍-ଆଡିସନାଲ ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟି, ଓଡ଼ିଶା, ଭୁବନେଶ୍ୱର, ୧୨୮. ସୁବୋଧ କୁମାର ମହାପାତ୍ର, ପି-ସ୍ୱର୍ଗତ କୃଷ୍ଣଚନ୍ଦ୍ର ମହାପାତ୍ର, ସା- ଫ୍ଲାଟ ନଂ.୪୯୨, ସେକ୍ଟର-୩, ନୀଳାଦ୍ରି ବିହାର, ପୋ-ଶୈଳଶ୍ରୀ ବିହାର, ଥା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା.... ବିରୋଧୀ ପକ୍ଷମାନେ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧ (ଏ), କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ ନଂ.-୧/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା, ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା-ଚନ୍ଦକା, ମୌଜା-ସାମପୁର, ଖାତା ନଂ.-୨୨୪/୧୬୨, ପ୍ଲଟ ନଂ.-୧୦୭୯/୧୧୧୦/୧୬୫୬, ଖାତା ନଂ.-୨୨୪/୪୮୩, ପ୍ଲଟ ନଂ.- ୧୬୫୬/୨୦୧୩, ଖାତା ନଂ.- ୨୨୪/୪୮୪, ପ୍ଲଟ ନଂ.-୧୬୫୬/୨୦୧୪, ଖାତା ନଂ.-୨୨୪/୪୮୫, ପ୍ଲଟ ନଂ.-୧୬୫୬/୨୦୧୫, ଖାତା ନଂ.- ୨୨୪/୫୯୯, ପ୍ଲଟ ନଂ.- ୧୦୭୯/୧୧୧୦/୧୬୫୬/୨୨୯୬, ଖାତା ନଂ.- ୨୨୪/୮୭୫, ପ୍ଲଟ ନଂ.-୧୦୭୯/୧୧୧୦/୧୬୫୬/୨୯୯୮, ଖାତା ନଂ.-୨୨୪/୩୦୮, ପ୍ଲଟ ନଂ.-୧୦୭୯/୧୧୧୦/୧୭୯୮, ଖାତା ନଂ.- ୨୨୪/୩୦୯, ପ୍ଲଟ ନଂ.-୧୦୭୯/୧୧୧୦/୧୭୯୯, ଖାତା ନଂ.- ୨୨୪/୩୮୮, ପ୍ଲଟ ନଂ.-୧୦୭୯/୧୧୧୦/୧୮୭୦, ଖାତା ନଂ.- ୨୨୪/୩୯୧, ପ୍ଲଟ ନଂ.-୧୦୭୯/୧୧୧୦/୧୮୭୩, ଖାତା ନଂ.- ୨୨୪/୪୫୪, ପ୍ଲଟ ନଂ.-୧୦୭୯/୧୧୧୦/୧୯୬୧, ଖାତା ନଂ.- ୨୨୪/୪୫୫, ପ୍ଲଟ ନଂ.- ୧୦୭୯/୧୧୧୦/୧୯୬୨, ଖାତା ନଂ.- ୨୨୪/୪୫୬, ପ୍ଲଟ ନଂ.- ୧୦୭୯/୧୧୧୦/୧୯୬୩, ଖାତା ନଂ.- ୨୨୪/୪୫୭, ପ୍ଲଟ ନଂ.୧୦୭୯/୧୧୧୦/୧୯୬୪, ଖାତା ନଂ.- ୨୨୪/୪୯୪, ପ୍ଲଟ ନଂ.- ୧୧୧୦/୧୫୮୭, ଖାତା ନଂ-୨୨୪/୪୨୩, ପ୍ଲଟ ନଂ.-୧୧୧୦/୧୯୦୬, ଖାତା ନଂ.-୨୨୪/୪୨୫, ପ୍ଲଟ ନଂ.- ୧୧୧୦/୧୯୧୫, ଖାତା ନଂ.- ୨୨୪/୪୪୧, ପ୍ଲଟ ନଂ.-୧୧୧୦/ ୧୯୩୧ ଅଧିଗୃହିତ ରକବା ଏ. ୧.୧୩୦ ଡି. ଅଟେ । ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବୀର କରିପାରିବେ । ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୧୫.୧୧.୨୩ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୧୩।୦୯।୨୦୨୩ ରିଖ

Draft Notice is approved. Petitioner to get it published in a Newspaper widely circulated in the area where the ops. are ordinarily residing within 07 (Seven) days.

ସ୍ୱାକ୍ଷର/- ପ୍ରିଜାଇଡିଙ୍ଗ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0037/2425

# କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବାକୁ ବାରଣ ନେଇ ଅସନ୍ତୋଷ

ସାଲେପୁର,୬।୯(ଅରବିନ୍ଦ ଭୂୟାଁ)



କ୍ରୀଡ଼ା କ୍ଷେତ୍ରରେ ପାତରଅନ୍ତର ନୀତି ନେଇ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସାଲେପୁରସ୍ଥିତ ସରକାରୀ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ରହିବା ସହ କ୍ରୀଡ଼ା କ୍ଷେତ୍ରରେ ବହୁ ସଫଳତା ପାଇଥିବାବେଳେ ଏବେ ସରକାରୀସ୍ତରରେ ହେଉଥିବା କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଓ ପ୍ରତିଯୋଗିତାରେ ଭାଗନେବାକୁ ବାରଣ କରାଯାଇଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସ୍ଥାନୀୟ ବ୍ଲକ୍‌ର ଛାଣିପୁରଠାରେ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ ଅନୁମୋଦନରେ ବ୍ଲକ୍‌ସ୍ତରରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ସରକାରୀସ୍ତରରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଭାଗନେବାକୁ ଯାଉଥିବାବେଳେ ଛାତ୍ରୀଛାତ୍ରଙ୍କୁ ଏଭଳି କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବାରୁ ବଞ୍ଚିତ କରାଯାଇଛି।

ଆଦର୍ଶ ସ୍କୁଲ ସିବିଏସ୍‌ଇ ସ୍କୁଲ ହୋଇଥିବାରୁ ଏହାର ଛାତ୍ରୀଛାତ୍ର କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ। କେବଳ ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଛାତ୍ରୀଛାତ୍ର ଏଭଳି ସରକାରୀ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବେ। ଏହାକୁ ନେଇ ଆଦର୍ଶ ସ୍କୁଲର ଅଭିଭାବକ ଓ ଛାତ୍ରୀଛାତ୍ର କ୍ଷୋଭ ପ୍ରକାଶ କରିଛନ୍ତି। ଆଦର୍ଶ ସ୍କୁଲ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ଗଣଶିକ୍ଷା ବିଭାଗ ଅଧୀନରେ ରହି କାର୍ଯ୍ୟ କରୁଛି। ଏଠାରେ ମଧ୍ୟ ଓଡ଼ିଆ ବିଷୟ ସହ ଅନ୍ୟାନ୍ୟ ବିଷୟ ପଢ଼ାଯାଉଛି। ସରକାର ଏହି ସ୍କୁଲକୁ ସରକାରୀ ସ୍କୁଲ ପରି ସମସ୍ତ ସହାୟତା ଯୋଗାଉଛନ୍ତି। ହେଲେ କେଉଁ କାରଣ ଯୋଗୁ ଆଦର୍ଶ ସ୍କୁଲର ଛାତ୍ରୀଛାତ୍ରମାନେ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ, ତାହାକୁ ନେଇ ପୁରାତନ ଛାତ୍ର ସଂଘର ସଭାପତି ଜୟଦେବ ଶତପଥୀ, ବିଳାସ ଚନ୍ଦ୍ର ବେହେରା, ପ୍ରମିଳା ସାମଲ, ସରସ୍ୱତୀ ଦାଶ, ଦିଲୀପ କୁମାର ମଲ୍ଲିକ, ରାଜେଶ କୁମାର ବେହେରା, ପ୍ରମିଳା ବେହେରା, ଟନିଆ ସିଂହ, ପ୍ରଦୀପ କୁମାର ଓଝା, ଉମାକାନ୍ତ ସାହୁ, ବିଚିତ୍ରାନନ୍ଦ ସାହୁ ପ୍ରମୁଖ ରାଜ୍ୟ ସରକାରଙ୍କୁ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିବା ସହ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି।

# ମା'ଙ୍କ ସ୍ମୃତିରେ ଚାରାରୋପଣ

ବାଙ୍କୀ,୬।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ଗ୍ରାମର ଆଙ୍କୁଲାଟାଙ୍ଗୀଠାରେ ଦିଲୀପ କୁମାର ସାହୁଙ୍କ ମା' ସ୍ୱର୍ଗତା ପ୍ରେମଲତା ସାହୁଙ୍କ ସ୍ମୃତିରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରକୃତିବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସାରା ଦେଶରେ ମା'ଙ୍କ ସ୍ମୃତି ଉଦ୍ଦେଶ୍ୟରେ ମା' ଗଛଟିଏ କାର୍ଯ୍ୟକ୍ରମ ଚାଲିଛି। ଏହି ସ୍ମୃତିରେ ଲଗାଇଥିବା ଗଛର ଯତ୍ନ ନେବାକୁ ସେ ପରାମର୍ଶ ଦେଇଥିଲେ। ପ୍ରକୃତିବନ୍ଧୁ ସଙ୍ଗଠନର ଆବାହକ ପ୍ରସନ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃପାସିନ୍ଧୁ ପୃଷ୍ଟି, ବ୍ରଜବନ୍ଧୁ ପୃଷ୍ଟି, ବସନ୍ତ ପ୍ରଧାନ, ବାଙ୍କନିଧି ସ୍ୱାଇଁ, କୁଞ୍ଜ ସ୍ୱାଇଁ ଓ ସୁଦର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଭିନ୍ନ ବୃକ୍ଷ ଚାରା ରୋପଣ କରିଥିଲେ।

# ସୁଭଦ୍ରା ଫର୍ମ ପୂରଣ ପାଇଁ ଟଙ୍କା ନେବା ଅଭିଯୋଗ

ନିଶ୍ଚିନ୍ତକୋଇଲି,୬।୯(ଅଶୋକ କୁମାର ମହାପାତ୍ର)

**ଅଙ୍ଗନୱାଡି କର୍ମୀଙ୍କୁ ତାଗିଦ କଲେ ସିଡ଼ିପିଓ**

**■ତାଗିଦ ସମୟର ଭିଡିଓ ଭାଇରାଲ**

ସୁଭଦ୍ରା ଯୋଜନାରେ ଫର୍ମ ଦେବା ପାଇଁ ୧୦୦ ଟଙ୍କା ଆଦାୟ କରୁଥିଲେ ୨ ଅଙ୍ଗନୱାଡି କର୍ମୀ। ଅଭିଯୋଗ ପାଇ ସିଡ଼ିପିଓ ଓ ସୁପରଭାଇଜର ଚଢ଼ାଉ କରି ସେମାନଙ୍କୁ ତାଗିଦ୍ କରିଛନ୍ତି। ତାଗିଦ୍‌ବେଳର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। କିନ୍ତୁ ଘଟଣା ସମ୍ପର୍କରେ ବିଡିଓ କିମ୍ବା ସିଡ଼ିପିଓ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲୁନାହାନ୍ତି କିମ୍ବା ଫୋନ ଉଠାଉନାହାନ୍ତି। ଏହି ଘଟଣା ବ୍ଲକରେ ଚର୍ଚ୍ଚା ବିଷୟ ହୋଇଛି। ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଶୁକ୍ରବାର ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ସୁଭଦ୍ରା ଯୋଜନା ଫର୍ମ ମହିଳାମାନଙ୍କୁ ମାଗଣାରେ ଯୋଗାଇ ଦେବା ନିମନ୍ତେ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ସରକାରଙ୍କ ଏହି ନିର୍ଦ୍ଦେଶକୁ ନ ମାନି ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ତରତ ଅଙ୍ଗନୱାଡିର ଜଣେ କର୍ମୀ କୁଳପଡା ଅଙ୍ଗନୱାଡିର ଜଣେ କର୍ମୀ ସୁଭଦ୍ରା ଯୋଜନାରେ ଫର୍ମ ଦେଇ ଲୋକଙ୍କ ଠାରୁ ଟଙ୍କା ଆଦାୟ କରୁଥିଲେ। ଏସମ୍ପର୍କରେ ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ବିଡିଓ ଓ ସିଡ଼ିପିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ନିଶ୍ଚିନ୍ତକୋଇଲି ସିଡ଼ିପିଓ ସତ୍ୟଭାମା ବିଶୋଇ ଓ ପରିଦର୍ଶିକା ଅଞ୍ଜୁଳତା ପରିଜା ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଅଙ୍ଗନୱାଡି କର୍ମୀଦ୍ୱୟ ଆଦାୟ କରିଥିବା ଅର୍ଥ ତୁରନ୍ତ ଫେରସ୍ତ କରିବେ ବୋଲି ସିଡ଼ିପିଓ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା। ଏହାପରେ ଉଭୟ ଅଧିକାରୀ ଅଙ୍ଗନୱାଡି କର୍ମୀଙ୍କୁ ତାଗିଦ କରିବାର ଏକ ଭିଡିଓ ଭାଇରାଲ ହୋଇଛି। ଏସମ୍ପର୍କରେ ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ରାଜନୈତିକ ଚାପରେ ଏହି ଘଟଣାକୁ ଚାପି ଦିଆଯିବା ନିମନ୍ତେ ମସୁଧା ଚାଲିଥିବାର ଜଣାଯାଇଛି।

# ରାସ୍ତା ଜବରଦଖଲ ହଟାଇବା ପାଇଁ ପ୍ରଶାସନର ତତ୍ପରତା

ସାଲେପୁର,୬।୯(ଅରବିନ୍ଦ ଭୂୟାଁ)

ସାଲେପୁର-କୁଆଁପାଳ ରାସ୍ତା ସମ୍ପ୍ରସାରଣ ଓ ନବୀକରଣ ପାଇଁ ୪୬କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଜବରଦଖଲ ଯୋଗୁ ରାସ୍ତା କାମ ଧିମେଇଯାଇଛି। ବିଶେଷ କରି ବିଦ୍ୟୁତ୍ ଖୁଣ୍ଟ, ବିଭିନ୍ନ ଜାଗାରେ ଥିବା ଡ୍ରେନ୍ ଏବଂ ଜବରଦଖଲ ଏହି ରାସ୍ତା ନିର୍ମାଣରେ ବାଧକ ସାଜିଛି। ଏହି ଘଟଣା ନେଇ ବିଭିନ୍ନ ଗଣମାଧ୍ୟମଠାରୁ ଆରମ୍ଭ କରି ପ୍ରଶାସନିକସ୍ତରରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗି ନ ଥିଲା। ଆଗକୁ ପାର୍ବଣ ଋତୁ ଆସୁଥିବାବେଳେ ଏବେ ପ୍ରଶାସନର ଆଖିରୁ ନିଦ ହଜିଛି। ଏହି ଘଟଣା ନେଇ ଶୁକ୍ରବାର କଟକ ପୂର୍ବ ବିଭାଗର ନିର୍ବାହୀ ଯନ୍ତ୍ରୀ ନୀଳମଣି ପ୍ରୟାଗଚାନ୍ଦ ବେହେରା, ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ, ସାଲେପୁର ପୋଲିସ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଜବରଦଖଲ ଜାଗାଗୁଡ଼ିକୁ ଚିହ୍ନଟ କରାଯାଇଛି। ଜବରଦଖଲକାରୀ ତୁରନ୍ତ ଜାଗା ନ ଛାଡ଼ିଲେ ତାଙ୍କ ଉପରେ ସରକାରଙ୍କ ତରଫରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଏହାକୁ ନେଇ ଲୁଣାହାର ଓ ବୋଦାମୁଣ୍ଡାଇରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଉପସ୍ଥିତ ଥିବାରୁ ଉତ୍ତେଜନା ପ୍ରଶମିତ ହୋଇଥିଲା।

# ଡେଙ୍ଗୁରେ ଯୁବକଙ୍କ ମୃତ୍ୟୁ ପରେ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା



ନିଶ୍ଚିନ୍ତକୋଇଲି,୬।୯
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ଗ୍ରାମର ଜଣେ ଯୁବକଙ୍କ ଡେଙ୍ଗୁ ଜ୍ୱରରେ ମୃତ୍ୟୁ ଘଟିବା ପରେ ସ୍ୱାସ୍ଥ୍ୟବିଭାଗର ତତ୍ପରତା ପ୍ରକାଶ ପାଇଛି। ମୃତକ ହେଲେ ନିଶ୍ଚିନ୍ତକୋଇଲି ଥାନା ବଡଖିର ଗ୍ରାମର ପ୍ରାଣକୃଷ୍ଣ ସାହୁଙ୍କ ମଧ୍ୟମ ପୁତ୍ର ରବୀନ୍ଦ୍ର ସାହୁ(୩୯)। ସେ କିଛି ଦିନ ତଳେ ଆକସ୍ମିକ ଭାବେ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସେ ଡେଙ୍ଗୁରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଏହାପରେ ଚିକିତ୍ସା ନିମନ୍ତେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତିକରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଶୁକ୍ରବାର ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଶାନ୍ତ କୁମାର ସାହୁ, ସ୍ୱର୍ଣ୍ଣଲତା ନନ୍ଦ, ମହିଳା ସ୍ୱାସ୍ଥ୍ୟକର୍ମୀ ମାନସୀ ପଣ୍ଡା, ସ୍ଥାନୀୟ ଆଶା ଦିଦିଙ୍କ ସହାୟତାରେ ମୃତକଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟବିଭାଗ ତରଫରୁ ତାଙ୍କ ଘରର ଚର୍ତୁପାର୍ଶ୍ୱରେ ବ୍ଲିଚିଂ ପାଉଡର ପକାଯାଇଥିଲା। କଟକ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ମଧ୍ୟ ଏକ ପ୍ରତିନିଧି ଦଳ ମୃତ ରବୀନ୍ଦ୍ରଙ୍କ ଘରେ ପହଞ୍ଚି ତଦନ୍ତ କରି ଫେରିଯାଇଛନ୍ତି।

# ରାଗିଂ ରୋକିବା ପାଇଁ କଲେଜ, ବିଶ୍ୱବିଦ୍ୟାଳୟସ୍ତରରେ ସଚେତନତା ଜରୁରୀ

ବାଙ୍କୀ,୬।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମା'ଟର୍ଚ୍ଚିକା ଛାତ୍ରୀ ନିବାସ ଆନୁକୂଲ୍ୟରେ ରାଗିଂ ବିରୋଧରେ ଏକ ଆଲୋଚନା ଚକ୍ର ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀ ନିବାସର ତତ୍ତ୍ୱାବଧାରିକା ଡ. ସନ୍ଧ୍ୟାରାଣୀ ମହାନ୍ତିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ଯୋଗଦେଇ ରାଗିଂ ରୋକିବା ପାଇଁ କଲେଜ ଓ ବିଶ୍ୱବିଦ୍ୟାଳୟସ୍ତରରେ ବ୍ୟାପକ ସଚେତନ ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ରାଗିଂ ରୋକିବା ପାଇଁ ଛାତ୍ରୀଛାତ୍ରମାନେ ଆବଶ୍ୟକ ପଡ଼ିଲେ ଆଇନ୍‌ର ଆଶ୍ରୟ ନିଅନ୍ତୁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ରୋଜାଲିନ ମହାନ୍ତି ଓ ସହ ତତ୍ତ୍ୱାବଧାରକ କିଶୋର କୁମାର ସ୍ୱାଇଁ ଯୋଗଦେଇ ସେମାନଙ୍କ ମତବ୍ୟକ୍ତ କରିଥିଲେ। ଛାତ୍ରୀନିବାସର ସାଧାରଣ ସମ୍ପାଦିକା ସୁଶ୍ରୀତା ମିଶ୍ର ସ୍ୱାଗତ ଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ରାଗିଂ ସମ୍ପର୍କରେ ଲିଲିମା କାଣ୍ଡି, ପ୍ରୀତିକ୍ରିଷ୍ଟା ମହାନ୍ତି ଓ ଗାରିମା ଗରିୟସୀ ମିଶ୍ର ସନ୍ଦର୍ଭ ଉପସ୍ଥାପନ କରି ପୋଷ୍ଟର ମାଧ୍ୟମରେ ସଚେତନତା କରାଇଥିଲେ। ସହ ତତ୍ତ୍ୱାବଧାରିକା ଅଧ୍ୟାପିକା ଜ୍ୟୋତିର୍ମୟୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।


# ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

No. XXXIII-17

## ନୋଟିସ

**ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ**
**ଏଲ.ଏ. କେସ୍ ନଂ.- ୧/୨୦୨୧**

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ

ବନାମ

୧. ମାନସ ରଞ୍ଜନ ଛୋଟରାୟ, ପିତା: ତରଣୀ ସେନ୍ ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨. ସୁଶାନ୍ତ କୁମାର ମହାନ୍ତି, ପିତା: ତ୍ରୈଲକ ନାଥ ମହାନ୍ତି, ଗ୍ରାମ: ଗୋଠପାଟଣା, ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୩. ଆଭାରାଣୀ ମହାନ୍ତି, ସ୍ୱାମୀ: ଫକୀର ମୋହନ ମହାନ୍ତି, ସା: ଆଭାନିଳୟ, ସାଇ ମନ୍ଦିର ପାଖ, ନୂଆଗାଁ ଛକ, ପୋ: ଲକ୍ଷ୍ମୀବିହାର, ସାମପୁର - ୭୫୧୦୨୯, ୪. ଆଶୁତୋଷ ମହାନ୍ତି, ୫. ଆଲୋକେଶ ମହାନ୍ତି, ୬. ଅନନ୍ୟା ମହାନ୍ତି, ମାତା: ପ୍ରତିମା ମହାନ୍ତି, ୭. ଯୁଗଳ କିଶୋର ମହାନ୍ତି, ପିତା: ବୈରାଗୀ ଚରଣ ମହାନ୍ତି, ସ୍ତ୍ରୀ: ପ୍ରତିମା ମହାନ୍ତି, ସା: ପ୍ଲଟ ନଂ. ସି-୬୦, ଲିଙ୍ଗରାଜ ବିହାର, ପୋଖରୀପୁଟ, ଭୁବନେଶ୍ୱର-୨୦, ୮. ନାରାୟଣ ମିଶ୍ର, ପିତା: ବଂଶୀଧର ମିଶ୍ର, ଗ୍ରାମ: ମାର୍କଣ୍ଡେଶ୍ୱର ସାହି, ଡିପ ସାହି (ଭବାନୀ କ୍ଲବ ନିକଟ), ପୋଷ୍ଟ/ଥାନା/ଜିଲ୍ଲା: ପୁରୀ - ୭୫୨୦୦୧, ୯. କାନ୍ଦୁଲା ଲଳିତା ଦେବୀ, ସ୍ୱାମୀ: କାନ୍ଦୁଲା ରାମା ରାଓ, ସା: ସେକ୍ଟର-୧/୧୦୫, ଏମ୍.ଆଇ.ଜି.-୨, ନୀଳାଦ୍ରି ବିହାର, ପୋଷ୍ଟ: ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧, ୧୦. ଜୟଜଗବନ୍ଧୁ ପାତ୍ର, ପି.: କୃଷ୍ଣଚନ୍ଦ୍ର ପାତ୍ର, ସା: ସର୍ଭେ ଅଫ୍ ଇଣ୍ଡିଆ, ପୋ: ଆର୍.ଆର୍.ଲ୍ୟାବ୍, ଭୁବନେଶ୍ୱର-୭୫୧୦୧୩, ୧୧. ଶକୁନ୍ତଳା ସାହୁ, ସ୍ୱାମୀ: ନାରାୟଣ ସାହୁ, ସା: ପ୍ଲଟ ନଂ. ୭୪୮/୬, ରାମେଶ୍ୱର ପାଟଣା, ବାରିକ ସାହି, ଭୁବନେଶ୍ୱର-୨, ୧୨. ଏମ୍/ଏସ୍ ନଳିନୀ ଇଷ୍ଟେଟ୍ କନ୍‌ଷ୍ଟ୍ରକସନ ପ୍ରା.ଲି., ସା: ୪୦/ବି, ବି.ଡ଼ି.ଏ., ଏଚ୍.ଆଇ.ଜି. ଡୁପ୍ଲେକ୍ସ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର, ଏମ୍.ଡ଼ି. ଶ୍ରୀ ମାନସ ରଞ୍ଜନ ମହାପାତ୍ର, ପିତା: ବିୟାଧର ମହାପାତ୍ର, ୧୩. ଶିକ୍ଷା ଓ ଅନୁସନ୍ଧାନ, ତରଫ ସଭାପତି: ମନୋଜ ରଞ୍ଜନ ନାୟକ, ପିତା: ଦୈତାରୀ ନାୟକ, ସା: ପ୍ଲଟ ନଂ. ୨୨୪, ଧର୍ମ ବିହାର, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୧୪. ଏମ୍/ଏସ୍ ଅଚ୍ୟୁତ ଇଞ୍ଜିନିୟରିଂ ଆଣ୍ଡ କନ୍‌ଷ୍ଟ୍ରକସନ ପ୍ରା.ଲି., ସା: ସି.-୧୭୮, ବି.ଡ଼ି.ଏ. ଡୁପ୍ଲେକ୍ସ, ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ରିପ୍ରେଜେଣ୍ଟ ଡାଇରେକ୍ଟର: ରମା ବଲ୍ଲଭ ପରିଡ଼ା, ପିତା: ରଘୁନାଥ ପରିଡ଼ା, ୧୫. ମିଶ୍ର କ୍ରିଏସନ୍ ପ୍ରା.ଲି., ଅଫିସ୍ ସା-ଏ-୩, ପି.ପି.ଏଲ୍. ହାଉସିଂ କଲୋନୀ, ଖଣ୍ଡିଗିରି, ଭୁବନେଶ୍ୱର, ଏମ୍.ଡି. ଜ୍ୟୋତି ରଞ୍ଜନ ମିଶ୍ର, ପିତା: ସୋମନାଥ ମିଶ୍ର, ୧୬. ବିଶ୍ୱମୟ କର, ପିତା: ଶଶିଭୂଷଣ କର, ଗ୍ରାମ: ପୁରୁଣା ସଦର ରୋଡ୍, ପୋ/ଥାନା/ଜିଲ୍ଲା: ପୁରୀ, ୧୭. କୃଷ୍ଣ ଚରଣ ଦାସ, ପି.: ବିପ୍ରଚରଣ ଦାସ, ସା: ଆୟତନ, ଥା: ଆଳି, ଜି: କଟକ, ୧୮. ସରସ୍ୱତୀ ବେହେରା, ସ୍ୱାମୀ: ଚିତ୍ତରଞ୍ଜନ ବେହେରା, ସା: ଘର ନଂ. ଏଚ୍.ଆଇ.ଜି.-ଡି.-୫୫, ମୈତ୍ରୀ ବିହାର, ଭୁବନେଶ୍ୱର, ପୋଷ୍ଟ: ଇଷ୍ଟ କୋଷ୍ଟ ରେଲୱେ କଲୋନୀ, ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ୧୯. ମାୟାଧର ପଟ୍ଟନାୟକ, ପିତା: କେଶବ ପଟ୍ଟନାୟକ, ୨୦. ସତ୍ୟବାଦୀ ପଟ୍ଟନାୟକ, ପିତା: ମଦନ ପଟ୍ଟନାୟକ, ଗ୍ରାମ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨୧. ଚିତ୍ତରଞ୍ଜନ ବେହେରା, ପିତା: ଲିଙ୍ଗରାଜ ବେହେରା, ସା: ଘର ନଂ. ଡି-୫୫, ମୈତ୍ରୀ ବିହାର, ଭୁବନେଶ୍ୱର, ପୋଷ୍ଟ: ଇଷ୍ଟ କୋଷ୍ଟ ରେଲୱେ କଲୋନୀ, ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ୨୨. କନକପ୍ରଭା ତ୍ରିପାଠୀ, ସ୍ୱା: ଉମାଧର ତ୍ରିପାଠୀ, ସା: ଗୁଆମାଳ, ଥା: ତିହିଡ଼ି, ଜି: ବାଲେଶ୍ୱର, ୨୩. ବାସନ୍ତୀ ରାୟ, ସ୍ୱାମୀ: ବିଭୂତି ଭୂଷଣ ମହାନ୍ତି, ଗ୍ରାମ: ଗାରିମା, ଥାନା: ଗୋପ, ଜିଲ୍ଲା: ପୁରୀ, ୨୪. ଛନ୍ଦା ଚରଣ ଦାସ, ପିତା: ଗୋପାଳ ଚରଣ ଦାସ, ଗ୍ରାମ: ଶାମପୁର, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨୫. ବୈଷ୍ଣବ ଚରଣ ପଟ୍ଟନାୟକ, ପିତା: ଉଦୟନାଥ ପଟ୍ଟନାୟକ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨୬. ମନୋଜ ମିଶ୍ର, ପିତା: ଦାମୋଦର ମିଶ୍ର, ସା: ସି.-୨/୧୯, ମାୟାପୁରୀ ଆପାର୍ଟମେଣ୍ଟ, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨, ୨୭. ଦାମୋଦର ମିଶ୍ର, ପିତା: କୃତ୍ତିବାସ ମିଶ୍ର, ସା: ସି-୨/୧୯, ମାୟାପୁରୀ ଆପାର୍ଟମେଣ୍ଟ, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨, ୨୮. ଦିଲ୍ଲିପ କୁମାର ଦାସ, ପିତା: ଲକ୍ଷ୍ମୀଧର ଦାସ, ସା: ପ୍ଲଟ ନଂ. ବି-୭୫, ବି.ଡ଼ି.ଏ. ଡୁପ୍ଲେକ୍ସ, ବରମୁଣ୍ଡା, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ୨୯. ଉଦୟନାଥ ମଲ୍ଲିକ, ପିତା: ଲୋକନାଥ ମଲ୍ଲିକ, ସା: ଏ.ଏଲ୍-୧୨୪, ଭି.ଏସ୍.ଏସ୍. ନଗର, ଥାନା: ଶହିଦନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୩୦. ରମେଶ ଚନ୍ଦ୍ର ପାଣି, ପିତା: ସତ୍ୟନାରାୟଣ ପାଣି, ସା: ଆଇ.ଭି.ଆର୍-୧୮୮, ୟୁନିଟ୍-୪, ଭୁବନେଶ୍ୱର, ଖୋର୍ଦ୍ଧା, ୩୧. ଜ୍ୟୋତ୍ସ୍ନା ତ୍ରିପାଠୀ, ପିତା: ପ୍ରେମାନନ୍ଦ ତ୍ରିପାଠୀ, ସା: ମଧୁସୂଦନ ନଗର, ତୁଳସୀପୁର, ଥାନା: ମଙ୍ଗଳାବାଗ୍, ଜିଲ୍ଲା: କଟକ, ୩୨. କୁଳମଣି ରାଉତରାୟ, ପିତା: ଉଚ୍ଛବ ରାଉତରାୟ, ୩୩. ପ୍ରଭାକର ପଟ୍ଟନାୟକ, ୩୪. ସୁଧାକର ପଟ୍ଟନାୟକ, ପିତା: ଗୋଲଖ ବିହାରୀ ପଟ୍ଟନାୟକ, ଗ୍ରାମ/ପୋ ; ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୩୫. ଦେବିପ୍ରିୟା ସାହୁ, ସ୍ୱାମୀ: ଆନନ୍ଦ ଚନ୍ଦ୍ର ସାହୁ, ସା: ଆର୍.ପି.-୨୪, ଟଙ୍କପାଣି ରୋଡ଼, ପୋଷ୍ଟ/ଥାନା: ଓଲ୍ଡ ଟାଉନ, ଭୁବନେଶ୍ୱର-୭୫୧୦୧୮, ୩୬. ରବୀନ୍ଦ୍ର କୁମାର ପଲେଇ, ପିତା: ସୁରେନ୍ଦ୍ର ପଲେଇ, ସା: ଡି.-୨/୧୯, ମେଟ୍ରୋ ସିଟି ଆପାର୍ଟମେଣ୍ଟ, ପୋଷ୍ଟ/ଥାନା: ନୟାପଲ୍ଲୀ, ଭୁବନେଶ୍ୱର-୧୨, ୩୭. ଆନ୍ଧ୍ରା ବ୍ୟାଙ୍କ, A Body Cooperate under the Banking companies Main Branch, ସା: ଜନପଥ, ବାପୁଜୀ ନଗର, ଚୌଧୁରୀ ମାର୍କେଟ କମ୍ପ୍ଲେକ୍ସ, 1st Floor, ଭୁବନେଶ୍ୱର, Authorised Officers - (Asst. Manager), ସୁଦର୍ଶନ ଶଙ୍କର, ପିତା: ଉମା ଶଙ୍କର, ୩୮. ଗୀତାଞ୍ଜଳୀ ତ୍ରିପାଠୀ, ସ୍ୱା: ସୁରେଶ ଚନ୍ଦ୍ର ତ୍ରିପାଠୀ, ଗ୍ରା/ପୋ: ଶ୍ରୀରାମଚନ୍ଦ୍ରପୁର, ଥା: ସତ୍ୟବାଦୀ, ଜି.: ପୁରୀ, ୩୯. ରମେଶ ଚନ୍ଦ୍ର ଜେନା, ପିତା: ନୀଳମଣି ଜେନା, ଗ୍ରାମ/ପୋଷ୍ଟ: ଜାଗମରା, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୪୦. ସବିତା ଶର୍ମା, ସ୍ୱାମୀ: ଅକ୍ଷୟ କୁମାର ଶର୍ମା, ଗ୍ରାମ: ତୁଳସୀପୁର ମଠସାହି, ଥାନା: ଲାଲବାଗ, ଜିଲ୍ଲା: କଟକ, ୪୧. ସୁଲତା ନାୟକ, ସ୍ୱାମୀ: ଦର୍ପନାରାୟଣ ନାୟକ, ଗ୍ରାମ: ଭାମଣ୍ଡା, ଥାନା: ଆଳି, ଜିଲ୍ଲା: କେନ୍ଦ୍ରାପଡ଼ା, ୪୨. ରୁକ୍ମଣି ରାୟ, ସ୍ୱାମୀ: ଦୁର୍ଯ୍ୟୋଧନ ରାୟ, ମାର୍ଫତ: ମାନସ ରାୟ, ଗ୍ରାମ: ଶାନ୍ତିବିହାର, କନିକା ରୋଡ଼, ତୁଳସୀପୁର, ଜିଲ୍ଲା: କଟକ, ୪୩. ପ୍ରଦୀପ କୁମାର ଦାସ, ପିତା: ଗୌରାଙ୍ଗ ଚରଣ ଦାସ, ସା: ପ୍ଲଟ ନଂ. ୧୧୩, ଆଇ.ଆର୍.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା, ୪୪. ଅଲେଖ ଚରଣ ପଟ୍ଟନାୟକ, ପିତା: ମାୟାଧର ପଟ୍ଟନାୟକ, ୪୫. ସତ୍ୟବାଦୀ ପଟ୍ଟନାୟକ, ପିତା: ମଦନ ମୋହନ ପଟ୍ଟନାୟକ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୪୬. ପାଣ୍ଡବ ସାହୁ, ପିତା: ବୀରବର ସାହୁ, ଗ୍ରାମ/ପୋଷ୍ଟ: ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ୪୭. କ୍ଷୀତିଶ ଚନ୍ଦ୍ର ଭୂୟାଁ ମହାପାତ୍ର, ୪୮. ଇଦିଶ ଚନ୍ଦ୍ର ଭୂୟାଁ ମହାପାତ୍ର, ପି.: ହରିଶଚନ୍ଦ୍ର ଭୂୟାଁ, ଗ୍ରା/ପୋ.: ଘାଟିକିଆ, ଥା: ଖଣ୍ଡଗିରି, ଭୁବନେଶ୍ୱର, ଜି.: ଖୋର୍ଦ୍ଧା, ୪୯. ବିଜୟ କୁମାର ଛୋଟରାୟ, ୫୦. ନିମାଇ ଚରଣ ଛୋଟରାୟ, ପିତା: ଭ୍ରମରବର ଛୋଟରାୟ, ୫୧. ଶଶିମଣୀ ବେଓ୍ୱା, ସ୍ୱାମୀ: ଆନନ୍ଦ ଚନ୍ଦ୍ର ଛୋଟରାୟ, ୫୨. ସଲିଲ କୁମାର ଛୋଟରାୟ, ୫୩. ଅନିଲ୍ କୁମାର ଛୋଟରାୟ, ପିତା: ଆନନ୍ଦ ଚନ୍ଦ୍ର ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୪. ସର୍ବେଶ୍ୱର ଗଜେନ୍ଦ୍ର, ୫୫. ସୁରଥ ଗଜେନ୍ଦ୍ର, ପିତା: ହଟ୍ଟକିଶୋର ଗଜେନ୍ଦ୍ର, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୬. ଶୁକ ଦେଇ, ସ୍ୱାମୀ: ପହଲି ମହାକୁଡ଼, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୭. କାଞ୍ଚନ ବାଳା ରାଉତରାୟ, ସ୍ୱାମୀ: କୁମଳଣି ରାଉତରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୮. ପଦ୍ମଜା ଦେବୀ, ସ୍ୱାମୀ: ବିଶ୍ୱମୟ କର, ଗ୍ରାମ: ଓଲ୍ଡ ସଦର ଲେନ୍, ଥାନା: ସଦର, ଜିଲ୍ଲା: ପୁରୀ, ୫୯. ଭାସ୍କର ସରାବ, ପିତା: ଏ. ଲକ୍ଷ୍ମୀ ନାରାୟଣ ସରାବ, ସା: ଘର ନଂ. EWS-27/7, Chandrasekharpur, Phase-1, Housing Board Colony, ପୋଷ୍ଟ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ୬୦. ବିବେକ ନାରାୟଣ ମନ୍ତ୍ରୀ, ୬୧. ବ୍ରିଜ ନାରାୟଣ ମନ୍ତ୍ରୀ, ପିତା: ବିଚିତ୍ର ନାରାୟଣ ମନ୍ତ୍ରୀ, ଗ୍ରାମ: କୁରୁଟୁଙ୍ଗା, ପୋଷ୍ଟ: ଅଙ୍ଗୁଳାଇ, ଥାନା/ଜିଲ୍ଲା: କେନ୍ଦ୍ରାପଡ଼ା, ୬୨. ଗୌରାଙ୍ଗ ଚରଣ ମହାପାତ୍ର, ୬୩. ରଞ୍ଜିତ କୁମାର ମହାପାତ୍ର, ପିତା: କାମଦେବ ମହାପାତ୍ର, ଗ୍ରାମ: ଗୋପାଳ ନଗର, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ, ୬୪. ବାମଦେବ ପାଲଟାସିଂହ, ପିତା: ବାଞ୍ଛାନିଧି ପାଲଟାସିଂହ, ଗ୍ରାମ: ଜାଗମରା, ପୋଷ୍ଟ/ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୬୫. ଶ୍ୟାମସୁନ୍ଦର ଦାସ, ପିତା: ଚୈତନ୍ୟ ଦାସ, ଗ୍ରାମ: ସାମପୁର, ଥା: ଲକ୍ଷ୍ମୀ ବିହାର, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା-୭୫୧୦୨୯, ୬୬. ବ୍ରହ୍ମାନନ୍ଦ ସାହୁ, ପିତା: ବୀରବର ସାହୁ, ଗ୍ରାମ: ବରମୁଣ୍ଡା, ପୋଷ୍ଟ: ଡେଲଟା, ଥାନା: ଖଣ୍ଡଗିରି, ଭୁବନେଶ୍ୱର-୩, ୬୭. ହଟ୍ଟକିଶୋର ବଡ଼ଜେନା, ପିତା: ରସାନନ୍ଦ ବଡ଼ଜେନା, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୬୮. ଶୁଭେନ୍ଦୁ କୁମାର ଛୋଟରାୟ, ୬୯. ଶୁଧେନ୍ଦୁ କୁମାର ଛୋଟରାୟ, ୭୦. ଶତ୍ୟେନ୍ଦୁ କୁମାର ଛୋଟରାୟ, ୭୧. ପୂର୍ଣ୍ଣେନ୍ଦୁ କୁମାର ଛୋଟରାୟ, ପିତା: ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ, ୭୨. କୁମୁଦିନୀ ଛୋଟରାୟ, ସ୍ୱାମୀ: ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୭୩. ରମେଶ ଚନ୍ଦ୍ର ପାଢ଼ୀ, ପିତା: ଅର୍ଜୁନ ପାଢ଼ୀ, ସା: F-5/2, ରେଣ୍ଟାଲ କଲୋନୀ, ବରମୁଣ୍ଡା, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର, ପୋ: ଆଇ.ଆର୍.ସି., ଭିଲେଜ, ଥାନା: ନୟାପଲ୍ଲୀ, ଜିଲ୍ଲା: ଖୋର୍ଦ୍ଧା, ୭୪. ଭାଗବତ ଦାସ, ପି.: ବଟକୃଷ୍ଣ ଦାସ, ସା: ସାମପୁର, ପୋ: ଘାଟିକିଆ, ଥା: ଖଣ୍ଡଗିରି, ଜି.: ଖୋର୍ଦ୍ଧା, ୭୫. ଆଲୋକ କୁମାର ସାହୁ, ପି.: ଭିକାରୀ ଚରଣ ସାହୁ, ୭୬. ସୁରମା ସାହୁ, ସ୍ୱା.: ଭିକାରୀ ଚରଣ ସାହୁ, ସା: ସାମପୁର, ପୋ: ଘାଟିକିଆ, ଥା: ଖଣ୍ଡଗିରି, ଜି.: ଖୋର୍ଦ୍ଧା, ୭୭. ମଲିକାର୍ଜୁନ ଛୋଟରାୟ, ୭୮. ମୁର୍ଗାଙ୍ଗ ଶେଖର ଛୋଟରାୟ, ପିତା: ଉଚ୍ଛବ ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୭୯. ସଂଘମିତ୍ରା ଦରଜି, ସ୍ୱା.: ସୁବୋଧ କୁମାର ମହପାତ୍ର, ସା: ଏସ୍-୩-୪୯୨, ନିଳାଦ୍ରି ବିହାର, ପୋ: ଶୈଳେଶ୍ରୀ ବିହାର, ଥା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ୮୦. କୁନୀ ଆଚାର୍ଯ୍ୟ, ସ୍ୱା: ବୈଦ୍ୟନାଥ ମିଶ୍ର, ସା: ସ-ମିଲ୍ ଲେନ୍, ଗୁଣ୍ଡିଚା ବିହାର, ସର୍ବୋଦୟ ନଗର, କୁମ୍ଭାରପଡ଼ା, ପୁରୀ-୨, ୮୧. ଟୁନାରମା ପ୍ରଧାନ, ସ୍ୱା.: ଭଗତବନ୍ଧୁ ପ୍ରଧାନ, ସା: ଆପାର୍ଟମେଣ୍ଟ ନଂ. ବି/୨୦୫, ଏମ୍.ଜେ. ଆଷ୍ଟେଲିନ୍, ଚୋଡ଼ସାନ୍ଦରା, ପୋ.: ହୁସ୍‌କୁର, ବାଙ୍ଗାଲୁରୁ-୫୬୦୦୯୯, ୮୨. ପ୍ରତିମା ପଟ୍ଟନାୟକ, ସ୍ୱାମୀ- ଅଜୟ କୁମାର ପଟ୍ଟନାୟକ,ସା-Apartment No.20102, Bhuban Greens, Kasavanahalli, Po-Carmelaram, Bengaloru-560035, ୮୩. ରଘୁନାଥ ଚିନେରା, ପି-ନରେନ୍ଦ୍ର ଚିନେରା, ସା-ସାମପୁର, ଥା-ଚନ୍ଦକା, ଜି-ଖୋର୍ଦ୍ଧା, ୮୪, ମନମୋହନ ବାରିକ, ପିତା-ମାଗୁ ବାରିକ, ଗ୍ରାମ-ବଳଦା, ପୋଷ୍ଟ-ପୁଛୁଳା, ଥାନା-ଗୋବିନ୍ଦପୁର, ଜିଲ୍ଲା-ଖୋର୍ଦ୍ଧା, ୮୫. ଆମ୍ୟ ଚନ୍ଦ୍ର କାନୁନ୍‌ଗୋ, ପିତା-ପଞ୍ଚାନନ ଦାସ, ଗ୍ରାମ/ପୋଷ୍ଟ-ସୁକ୍ଲେଶ୍ୱର, ଥାନା-ମାହାଙ୍ଗା, ଜିଲ୍ଲା-କଟକ, ୮୬.ତୁଳସୀ ଦାସ, ପିତା-ସାଧୁ ଚରଣ ଦାସ, ଗ୍ରାମ-ସାମପୁର, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୮୭. ଶକନ୍ତଳା ସାହୁ, ସ୍ୱାମୀ-ନାରାୟଣ ସାହୁ, ଗ୍ରାମ/ପୋଷ୍ଟ- ପଦ୍ମାବତୀ, ଜିଲ୍ଲା-ପୁରୀ, ୮୮. ମଞ୍ଜୁଳା ଦେଈ, ସ୍ୱାମୀ- ଜ୍ୟୋତିଶ ଚନ୍ଦ୍ର ରାୟ, ଗ୍ରାମ/ପୋଷ୍ଟ-ଉତ୍ତରାଣ, ଥାନା-ଗୋବିନ୍ଦପୁର, ଜିଲ୍ଲା-କଟକ, ୮୯. କୈଳାସ ଚନ୍ଦ୍ର ମହାପାତ୍ର, ପି-ହରେକୃଷ୍ଣ ମହାପାତ୍ର, ସା-ସିଠାଲୋ, ଥା-ଗୋବିନ୍ଦପୁର, ଜି-କଟକ, ୯୦. ଏସ୍.କେ.ଅବଦୁଲ ରସିଦ୍, ପିତା-ଏସ୍.କେ.ଅବଦୁଲ ହମିଦ୍, ଗ୍ରାମ/ପୋଷ୍ଟ-ପଦ୍ମପୁର, ମୁତରଫା, ଥାନା-ଜଗତପୁର, ଜିଲ୍ଲା-କଟକ, ୯୧. ହୃଦାନନ୍ଦ ଦାସ, ପିତା-ଜନ୍ମେଶ୍ୱର ଦାସ, ଗ୍ରାମ/ପୋଷ୍ଟ-ଗଣେଶ୍ୱରପୁର, ଜିଲ୍ଲା-ପୁରୀ, ୯୨.କ୍ରିଷ୍ଣା କୁମାରୀ ନାହାକ, ସ୍ୱାମୀ-ରମାନାଥ ନାହାକ, ଗ୍ରାମ/ପୋଷ୍ଟ -କଳାକ୍ଷଣ୍ଡପୁର, ଜିଲ୍ଲା-ଗଞ୍ଜାମ, ୯୩. ଅନନ୍ତ ଚରଣ ମହାରଣା, ପିତା-ଭୀମସେନ ମହାରଣା, ଗ୍ରାମ-କୁମ୍ଭକାରଡିହ, ଜିଲ୍ଲା-ପୁରୀ, ୯୪. ଫାତିମା ବିବି, ସ୍ୱାମୀ-ଏସ୍.କେ.ଅବଦୁଲ ହମିଦ୍, ଗ୍ରାମ/ପୋଷ୍ଟ-ପଦ୍ମପୁର ମୁତରଫା, ଥାନା-ଜଗତପୁର, ଜିଲ୍ଲା-କଟକ, ୯୫. ହୃଷିକେଶ ସାହୁ, ସ୍ୱାମୀ- ରଘୁନାଥ ସାହୁ, ଗ୍ରାମ-ଗୁନାପୁର, ପୋଷ୍ଟ-ସିଂହନାଥ ପୀଠ, ଥାନା-ବଡମ୍ବା, ଜିଲ୍ଲା-କଟକ, ୯୬. ରାଜକିଶୋର ପାଣି, ପି-ପ୍ରବୀର କୁମାର ପାଣି, ସା/ପୋ-ଧାଗୁଡିଶୋଲ, ଥା-ଖାଡ଼ପୋଖରୀଆ,ଜି-ମୟୂରଭଞ୍ଜ,୯୭. ମୋତି ମୁଦୁଲି, ସ୍ୱାମୀ- ଗନ୍ଧର୍ବ ମୁଦୁଲି, ଗ୍ରାମ/ପୋଷ୍ଟ-କାକରୁଦ୍ରପୁର, ଥାନା-ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା, ୯୮. ଶକୁନ୍ତଳା ମୁଦୁଲି, ସ୍ୱାମୀ-ଶ୍ରୀଧର ମୁଦୁଲି, ଗ୍ରାମ-ନୂଆଗାଁ, ପୋଷ୍ଟ-ମଳିପଡା, ଥାନା-ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ୯୯.ଜାନକୀ ଦେବୀ, ସ୍ୱାମୀ-ଗଙ୍ଗାଧର ମିଶ୍ର, ଗ୍ରାମ-ବୀରପୁରୁଷୋତ୍ତମପୁର, ଥାନା-ପିପିଲି, ଜିଲ୍ଲା-ପୁରୀ, ୧୦୦, ଅରୁଣ କୁମାର ବିଶ୍ୱାଳ, ପି-ବାଳକୃଷ୍ଣ ବିଶ୍ୱାଳ, ସା-ଅଠତିରା, ପୋ-ଆଳସାହୀ, ଥା-କାକଟପୁର, ଜି-ପୁରୀ, ୧୦୧. ବସନ୍ତ କୁମାର ମିଶ୍ର, ପିତା-ଗଣେଶ୍ୱର ମିଶ୍ର, At-T.D.C.C. Ltd., ରୁପାଲି ଛକ, ଥାନା/ପୋଷ୍ଟ- ସହିଦନଗର, ଭୁବନେଶ୍ୱର, ୧୦୨. ପ୍ରଫୁଲ୍ଲ ଚନ୍ଦ୍ର ରଥ, ପିତା-ନୀଳକଣ୍ଠ ରଥ, ଗ୍ରାମ-ବଳଭଦ୍ରପୁର ଶାସନ, ପୋଷ୍ଟ-ମତୋ, ଥାନା-ଚାନ୍ଦବାଲି,ଜିଲ୍ଲା-ଭଦ୍ରକ,୧୦୩. ପ୍ରସନ୍ନ କୁମାର ପଣ୍ଡା, ପିତା-ଗୋପାଳ ଚରଣ ପଣ୍ଡା, ଗ୍ରାମ-ବଳଭଦ୍ରପୁର ଶାସନ, ପୋଷ୍ଟ-ମତୋ, ଥାନା-ଚାନ୍ଦବାଲି, ଜିଲ୍ଲା-ଭଦ୍ରକ, ୧୦୪. ମମତା ପଣ୍ଡା, ସ୍ୱାମୀ- ପ୍ରସନ୍ନ କୁମାର ପଣ୍ଡା, ଗ୍ରାମ- ବରସିଂହପୁର, ପୋଷ୍ଟ/ଥାନା-ଦଶପଲ୍ଲା, ଜିଲ୍ଲା-ନୟାଗଡ଼, ୧୦୫. ସୁନିଲ୍ ଖଣ୍ଡୁଆଳ, ପିତା-ବଳଦେବ ଖଣ୍ଡୁଆଳ, ସା-ପ୍ଲଟ ନଂ.୨୧୦/୭୨୮, ଗାୟତ୍ରୀ ବିହାର, ପୋ-ଡୁମୁଡୁମା, ଥାନା-ଖଣ୍ଡଗିରି, ଭୁବନେଶ୍ୱର, ଖୋର୍ଦ୍ଧା, ୧୦୬. ଅମରେଶ ଚନ୍ଦ୍ର ଷଡ଼ଙ୍ଗୀ, ପିତା-ଗୋବିନ୍ଦ ଚନ୍ଦ୍ର ଷଡଙ୍ଗୀ, ସା-ପ୍ଲଟ ନଂ. ୩୫୧/ଏ, ସହୀଦନଗର, ପୋଷ୍ଟ/ଥାନା-ସହିଦ ନଗର, ଭୁବନେଶ୍ୱର, ଖୋର୍ଦ୍ଧା,୧୦୭. ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ପିତା- ଅଶୋକ କୁମାର ଆଚାର୍ଯ୍ୟ, ଗ୍ରାମ/ପୋଷ୍ଟ- ସମସାରପୁର, ଥାନା-ମାହାଙ୍ଗା, ଜିଲ୍ଲା-କଟକ, ୧୦୮. ଶିଶିର କୁମାର ପାଲ, ପିତା-ବାଳକୃଷ୍ଣ ପାଲ, At-2RB-12, IDC Colony, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୧୦୯. ମାନସି ଦାସ, ସ୍ୱା-ଅରୁଣ ରଂଜନ ଦାସ, ସା-ଏମ.ସି.ଏଲ. ବ୍ରଜରାଜନଗର ସେଣ୍ଟ୍ରାଲ ହସ୍ପିଟାଲ, ଝାରସୁଗୁଡା, ୧୧୦. ଭାବରଞ୍ଜନ ଆଚାର୍ଯ୍ୟ, ପିତା-ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, At-N3-445, IRC Village, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା, ୧୧୧. ସୁକାନ୍ତ କୁମାର ସାହୁ, ପିତା-ଗୋବିନ୍ଦ ଚନ୍ଦ୍ର ସାହୁ, ଗ୍ରାମ-କୁଞ୍ଜବନପୁର, ପୋଷ୍ଟ/ଥାନା-ଗଣିଆ, ଜିଲ୍ଲା-ନୟାଗଡ଼, ୧୧୨. ମିସ୍ ମନ୍ଦପଲ୍ଲା ଭାରତୀ, ପିତା-M.V.R. Murty, C/o-V. Ramakrishna, At-L-3/104, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା, ୧୧୩. ମମତା ନାୟକ, ପିତା-ଜ୍ଞାନେନ୍ଦ୍ର କୁମାର ସିଂ, ଗ୍ରାମ-ନାଗେଶ୍ୱର ସଙ୍ଗ, ଭୁବନେଶ୍ୱର, ୧୧୪. ଗିରିଧାରୀ ବେହେରା, ପି-ଆନନ୍ଦ ଚନ୍ଦ୍ର ବେହେରା, ସା-ଭୁସାଲା, ଥା-ଭୁବନ, ଜି-ଢେଙ୍କାନାଳ, ୧୧୫. Miss S. Jagadee Vari Murty, W/o- L.M. Murty, C/o-V. Ramakrishna, At-L-3/104, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା, ୧୧୬. ରତ୍ନାକର ପରିଡା, ପିତା-ଯୁଧିଷ୍ଠିର ପରିଡା, ଗ୍ରାମ-କଟିକଟା, ଭାୟା-ରାମବାଗ, ଥାନା-ମଙ୍ଗଳପୁର, ଜିଲ୍ଲା-ଯାଜପୁର, ୧୧୭. ସୁବାସ କୁମାର ବଡ଼ଜେନା, ପିତା-ଦିନବନ୍ଧୁ ବଡ଼ଜେନା, ଗ୍ରାମ/ପୋଷ୍ଟ-ମଳିପଡା, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୧୧୮. ଶଙ୍କର୍ଷଣ ସାହୁ, ପିତା-ଦିବାକର ସାହୁ, ସା-ପ୍ଲଟ ନଂ. ୧୭୧୭, ଶ୍ରୀରାମ ନଗର, ପୋଷ୍ଟ-ଓଲ୍ଡ ଟାଉନ, ଥାନା-ଲିଙ୍ଗରାଜ, ଭୁବନେଶ୍ୱର-୨, ୧୧୯. ଅନୁସୟା ମିଶ୍ର, ସ୍ୱାମୀ- ଶରତ ଚନ୍ଦ୍ର ମିଶ୍ର, ଗ୍ରାମ/ପୋଷ୍ଟ- କପା ଜୟୀପାଲି, ଥାନା-ଶରଣକୂଳ, ଜିଲ୍ଲା-ନୟାଗଡ଼, ୧୨୦. କାଶୀନାଥ ପଣ୍ଡା, ପିତା-ବୁଦ୍ଧେଶ୍ୱର ପଣ୍ଡା, ଗ୍ରାମ-ଦିନିଆରୀ, ପୋଷ୍ଟ-ଭୋଗଦା, ଥାନା/ଜିଲ୍ଲା-ଖୋର୍ଦ୍ଧା, ୧୨୧. ଗୋବିନ୍ଦ ଚନ୍ଦ୍ର ମାରାଣ୍ଡି, ପି-ଫଗୁରାମା ମାରାଣ୍ଡି, ସା-ନାବାର୍ଡ, ପି.ବି.ନଂ.୧୭୯, ଭୁବନେଶ୍ୱର, ୧୨୨. M/s. Sarala Realcon Pvt. Ltd. of M.D. Gayadhar Jena, ପିତା-ଗଙ୍ଗାଧର ଜେନା, ସା-ପ୍ଲଟ ନଂ. ୬୫୯, ସହିଦ ନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୧୨୩. ସୁରେନ୍ଦ୍ର କୁମାର ପରିଡା, ୧୨୪. ଧୀରେନ୍ଦ୍ର କୁମାର ପରିଡା, ପିତା-ରତ୍ନାକର ପରିଡା, ୧୨୫. ରତ୍ନାକର ପରିଡା, ପିତା-ଯୁଦ୍ଧେଷ୍ଟି ପରିଡା, ସା-ପ୍ଲଟ ନଂ.-୪୨୮, ଗଡ଼ ମହାବୀରଲେନ୍ ଗ୍ୟାରେଜ ଛକ, ଭୁବନେଶ୍ୱର-୭୫୧୦୦୨, ୧୨୬. ବ୍ୟାଙ୍କ ଅଫ୍ ବରୋଦା, ସା-ସାମନ୍ତରାପୁର, ପୋଷ୍ଟ-ଓଲ୍ଡ ଟାଉନ, ଥାନା-ଲିଙ୍ଗରାଜ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୧୨୭. ଅଫିସ୍ ଅଫ୍ ଦି ଡାଇରେକ୍ଟର ଅଫ୍ ଟେକ୍‌ଷ୍ଟାଇଲ-କମ୍-ଆଡିସନାଲ ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟି, ଓଡ଼ିଶା, ଭୁବନେଶ୍ୱର, ୧୨୮. ସୁବୋଧ କୁମାର ମହାପାତ୍ର, ପି-ସ୍ୱର୍ଗତ କୃଷ୍ଣଚନ୍ଦ୍ର ମହାପାତ୍ର, ସା- ଫ୍ଲଟ ନଂ.୪୯୨, ସେକ୍ଟର-୩, ନୀଳାଦ୍ରି ବିହାର, ପୋ-ଶୈଳଶ୍ରୀ ବିହାର, ଥା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା.... ବିରୋଧୀ ପକ୍ଷମାନେ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୂନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧ (ଏ), କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ ନଂ.-୧/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା, ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା-ଚନ୍ଦକା, ମୌଜା-ସାମପୁର, ଖାତା ନଂ.-୨୨୪/୧୬୨, ପ୍ଲଟ ନଂ.-୧୦୭୯/୧୧୧୦/୧୬୫୬, ଖାତା ନଂ.-୨୨୪/୪୮୩, ପ୍ଲଟ ନଂ.- ୧୬୫୬/୨୦୧୩, ଖାତା ନଂ.- ୨୨୪/୪୮୪, ପ୍ଲଟ ନଂ.-୧୬୫୬/୨୦୧୪, ଖାତା ନଂ.-୨୨୪/୪୮୫, ପ୍ଲଟ ନଂ.-୧୬୫୬/୨୦୧୫, ଖାତା ନଂ.- ୨୨୪/୫୯୯, ପ୍ଲଟ ନଂ.- ୧୦୭୯/୧୧୧୦/୧୬୫୬/୨୨୯୬, ଖାତା ନଂ.- ୨୨୪/୮୭୫, ପ୍ଲଟ ନଂ.-୧୦୭୯/୧୧୧୦/୧୬୫୬/୨୯୯୮, ଖାତା ନଂ.-୨୨୪/୩୦୮, ପ୍ଲଟ ନଂ.-୧୦୭୯/୧୧୧୦/୧୭୯୮, ଖାତା ନଂ.- ୨୨୪/୩୦୯, ପ୍ଲଟ ନଂ.-୧୦୭୯/୧୧୧୦/୧୭୯୯, ଖାତା ନଂ.- ୨୨୪/୩୮୮, ପ୍ଲଟ ନଂ.-୧୦୭୯/୧୧୧୦/୧୮୭୦, ଖାତା ନଂ.- ୨୨୪/୩୯୧, ପ୍ଲଟ ନଂ.-୧୦୭୯/୧୧୧୦/୧୮୭୩, ଖାତା ନଂ.- ୨୨୪/୪୫୪, ପ୍ଲଟ ନଂ.-୧୦୭୯/୧୧୧୦/୧୯୬୧, ଖାତା ନଂ.-୨୨୪/୪୫୫, ପ୍ଲଟ ନଂ.- ୧୦୭୯/୧୧୧୦/୧୯୬୨, ଖାତା ନଂ.- ୨୨୪/୪୫୬, ପ୍ଲଟ ନଂ.- ୧୦୭୯/୧୧୧୦/୧୯୬୩, ଖାତା ନଂ.- ୨୨୪/୪୫୭, ପ୍ଲଟ ନଂ.୧୦୭୯/୧୧୧୦/୧୯୬୪, ଖାତା ନଂ.- ୨୨୪/୪୯୪, ପ୍ଲଟ ନଂ.- ୧୧୧୦/୧୫୮୭, ଖାତା ନଂ-୨୨୪/୪୨୩, ପ୍ଲଟ ନଂ.-୧୧୧୦/୧୯୦୬, ଖାତା ନଂ.-୨୨୪/୪୨୫, ପ୍ଲଟ ନଂ.- ୧୧୧୦/୧୯୧୫, ଖାତା ନଂ.- ୨୨୪/୪୪୧, ପ୍ଲଟ ନଂ.-୧୧୧୦/ ୧୯୩୧ ଅଧିଗୃହିତ ରକବା ଏ. ୧.୧୩୦ ଡି. ଅଟେ । ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବୀର କରିପାରିବେ । ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୧୫.୧୧.୨୩ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୧୩।୦୯।୨୦୨୩ ରିଖ

Draft Notice is approved. Petitioner to get it published in a Newspaper widely circulated in the area where the ops. are ordinarily residing within 07 (Seven) days.

ସ୍ୱାକ୍ଷର/- ପ୍ରିଜାଇଡିଙ୍ଗ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0037/2425

